READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୩ ସଂଖ୍ୟା-୩୨ ୨୬ ଅଗଷ୍ଟ - ୦୧ ସେପ୍ଟେମ୍ବର, ୨୦୧୯ ଭୁବନେଶ୍ୱର Monday Weekly VOL-3 ISSUE-32 26th AUGUST - 01st SEPTEMBER, 2019 BHUBANESWAR ₹ 5/- (8 Pages)

### ମାନ୍ଦାବସ୍ଥା ସୁଧାରିବାକୁ ନିଷ୍ପତ୍ତି

## ପ୍ରତ୍ୟାହାର ହେବ ଅତିରିକ୍ତ ଟିକସ

**ନୂଆଦିଲ୍ଲୀ:** ସମ୍ପ୍ରତି ଦେଶ ସମ୍ମୁଖୀନ ହେଉଥିବା ଆର୍ଥିକ ମାନ୍ଦାବସ୍ଥାକୁ ସୁଧାରିବା ଲାଗି କେନ୍ଦ୍ର ସରକାର କେତେକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ସେୟାର, ବଣ୍ଡ ଓ ରିୟଲ ଇଷ୍ଟେଟ୍‌ର କ୍ୟାପିଟାଲ ଗେନ୍ସ ଉପରେ ସରଚାର୍ଜ ଲାଗୁ ଯୋଗୁଁ ଦୁର୍ବଳ ହୋଇପଡିଥିବା ପୁଞ୍ଜି ବଜାରକୁ ସୁଧାରିବା ଲାଗି ଏହି ସରଚାର୍ଜକୁ ସରକାର ପ୍ରତ୍ୟାହାର କରିନେବାକୁ ଘୋଷଣା କରିଛନ୍ତି। ସେୟାର ବଜାର ଅଂଶଧନର କ୍ରୟମୂଲ୍ୟ ଓ ବିକ୍ରି ମୂଲ୍ୟ ମଧ୍ୟରେ ମିଳୁଥିବା ଲାଭ ଉପରେ ସରକାର ସରଚାର୍ଜ ଆଦାୟ କରିବାକୁ ପୂର୍ଣ୍ଣାଙ୍ଗ ବଜେଟ୍‌ରେ ଘୋଷଣା କରିବା ପରେ ପୁଞ୍ଜିନିବେଶ ଉପରେ ଏହାର ନକରାତ୍ମକ ପ୍ରଭାବ ପଡିଥିଲା। ଏପରିକି ଫରେନ୍ ପୋର୍ଟଫୋଲିଓ ଇନ୍‌ଭେଷ୍ଟମେଣ୍ଟ (ଏଫ୍‌ପିଆଇ) ଉପରେ ସରଚାର୍ଜ ଲାଗୁ କରାଯିବା ପରେ ଅନେକ ବିଦେଶୀ ନିବେଶକ ସେମାନଙ୍କ ଅଂଶଧନ ପ୍ରତ୍ୟାହାର କରିନେଇଥିଲେ। ଏହାକୁ ସୁପର ରିଚ୍‌ଙ୍କ ଉପରେ ସରକାରଙ୍କ ଅତିରିକ୍ତ



ଟିକସ ବୋଲି କୁହାଯାଉଥିଲା। ଫଳରେ ଭାରତୀୟ ଅର୍ଥନୀତିରେ ଏହାର ଗୁରୁତର ପ୍ରଭାବ ଦେଖାଯାଇଥିଲା। ଏହାକୁ ସୁଧାରିବା ଲାଗି କେନ୍ଦ୍ର ସରକାର ସରଚାର୍ଜ ପ୍ରତ୍ୟାହାର କରିବାକୁ ଘୋଷଣା କରିଛନ୍ତି। ସେୟାର ବଜାରରେ କ୍ୟାପିଟାଲ ଗେନ୍ସ ଓ ଏଫପିଆଇ ଉପରେ ସରଚାର୍ଜ ନିଆଯିବ ନାହିଁ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଘୋଷଣା କରିଛନ୍ତି। ➤ ପୃ-୬

## ଶ୍ରୀକ୍ଷେତ୍ରର ଚିତ୍ର ବଦଳିବ

**ଭୁବନେଶ୍ୱର :** ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ବଡ ପରିଚୟ, ଆମ ଅସ୍ମିତାର ପ୍ରତୀକ। ତାଙ୍କ ପାଇଁ ତ୍ୟାଗ କରିବା ଆମର କର୍ତ୍ତବ୍ୟ। ଶ୍ରୀମନ୍ଦିରର ନିରାପତ୍ତା ଓ ପୁରୀ ଧାମର ଗରିମା ବୃଦ୍ଧି ପାଇଁ ଜନ ସହଯୋଗର ଆବଶ୍ୟକ ବୋଲି ପୁରୀ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବା ଅବସରରେ କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଜଗନ୍ନାଥଙ୍କ ପାଇଁ ଯିଏ ଯାହା କ୍ଷତିର ସମ୍ମୁଖୀନ ହେଲେ ମଧ ତାହାକୁ ତ୍ୟାଗ ଭାବେ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିବେଦନ ରାଜ୍ୟବାସୀଙ୍କୁ ଖୁବ୍ ପ୍ରଭାବିତ କରିଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କରି କାମ ଆରମ୍ଭ କଲେ ସବୁ କାମ ଶୁଭ ହୋଇଥାଏ। ଏହା ଓଡ଼ିଆ ଜାତିର ବିଶ୍ୱାସ। ପୁରୀ ଓଡ଼ିଆ ଜାତିର ପ୍ରାଣକେନ୍ଦ୍ର। ମହାପ୍ରଭୁ ଆମର ଆତ୍ମା। ଶହଶହ ବର୍ଷ ଧରି ଶ୍ରୀମନ୍ଦିରର ସୁରକ୍ଷା ପାଇଁ ଓଡ଼ିଆ ଜାତି ଅନେକ ତ୍ୟାଗ କରିଛି। ଅନେକ ବଳିଦାନ



ମଧ ଦେଇଛି। ଓଡ଼ିଆମାନେ ମହାପ୍ରଭୁଙ୍କୁ ଧରି ଚିଲିକାରୁ ସୋନପୁର ପର୍ଯ୍ୟନ୍ତ ବୁଲିଛନ୍ତି। ଶହଶହ ବର୍ଷ ଧରି ମହାପ୍ରଭୁ ପାତାଳି ହୋଇ ରହିଛନ୍ତି। ବହୁବର୍ଷ

### ପୁରୀ ପାଇଁ ୫୦୦ କୋଟିର ପ୍ୟାକେଜ
### ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ

ଧରି ପବିତ୍ର ରଥଯାତ୍ରା ମଧ ବନ୍ଦ ହୋଇଯାଇଛି। କିନ୍ତୁ ଓଡ଼ିଆ ଜାତିକୁ କେହି ତା'ର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରୁ ଅଲଗା କରିପାରିନାହିଁ। ବିଶ୍ୱ ମହାରଣାଙ୍କ ତ୍ୟାଗ ଏ ଜାତି କେବେ ଭୁଲି ନାହିଁ। ଆମ ସଂସ୍କୃତି, ଆମ ପରମ୍ପରା, ମହାପ୍ରଭୁଙ୍କୁ କେନ୍ଦ୍ରକରି ଗଢ଼ିଉଠିଛି। ସେ ହେଉଛନ୍ତି ଆମ



"ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ବଡ଼ ପରିଚୟ, ଆମ ଅସ୍ମିତାର ପ୍ରତୀକ"

ଅସ୍ମିତାର ପ୍ରତୀକ। ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କ ସୁରକ୍ଷା ଓଡ଼ିଆ ଜାତିର ଧର୍ମ। ବର୍ତ୍ତମାନ ସାରାବିଶ୍ୱ ପାଇଁ ଆତଙ୍କବାଦ ଏକ ବଡ଼ ସମସ୍ୟା ଭାବେ ଦେଖାଦେଇଛି। ଆତଙ୍କବାଦର ଧର୍ମ ନାହିଁ। ବିଭିନ୍ନ ଧର୍ମାନୁଷ୍ଠାନକୁ ସେମାନେ ଟାର୍ଗେଟ୍ କରୁଛନ୍ତି। ତେଣୁ ଶ୍ରୀମନ୍ଦିରର ନିରାପତ୍ତା ପାଇଁ ଆସିଥିବା ସୁପାରିସକୁ କାର୍ଯ୍ୟକାରୀ କରିବା ନିହାତି ଜରୁରୀ। ସରକାର ସ୍ଥିର କରିଥିବା ପ୍ରକଳ୍ପ ନିର୍ମାଣ ଦ୍ୱାରା କିଛି ପରିବାର ପ୍ରଭାବିତ ହୋଇପାରନ୍ତି। କିନ୍ତୁ ଶ୍ରୀମନ୍ଦିରର ନିରାପତ୍ତା ପାଇଁ ଏ ତ୍ୟାଗ ଗୁରୁତ୍ୱପୂର୍ଣ୍ଣ। ଆମର ଭବିଷ୍ୟତ ପିଢ଼ି ପାଇଁ ଶ୍ରୀମନ୍ଦିରକୁ ସୁରକ୍ଷିତ ରଖିବା ଜରୁରୀ। ଆପଣମାନେ ଏହାକୁ ମହାପ୍ରଭୁଙ୍କ ସେବା ଭାବି ସହଯୋଗ କରନ୍ତୁ। ଆପଣଙ୍କର ଏହି ତ୍ୟାଗକୁ ଓଡ଼ିଆ ଜାତି ସବୁଦିନ ମନେରଖିବ। ଆହୁରି ସେ କହିଛନ୍ତି, 'ମୁଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ଆପଣଙ୍କୁ କଥା ଦେଉଛି ଶ୍ରୀମନ୍ଦିର ସିକ୍ୟୁରିଟି ଜୋନ୍‌ରେ ଯେଉଁମାନଙ୍କ ଘର ବା ଦୋକାନ ଆସୁଛି, ସେମାନଙ୍କର ଠିକ୍ ଭାବରେ ଥଇଥାନ କରାଯିବ। ସେହିପରି ସିକ୍ୟୁରିଟି ଜୋନ୍‌ରେ ଥିବା ମଠଗୁଡ଼ିକୁ ପୁଣିଥରେ ଗଢ଼ିବାରେ ରାଜ୍ୟ ସରକାର ପୁରା ସହଯୋଗ କରିବେ। 'ଫାନି ପରେ ମେ' ମାସରେ ମୁଁ ପୁରୀ ଯାଇଥବା ବେଳେ ଏହି ପବିତ୍ର ଧାମର ଅବସ୍ଥା ଦେଖି ତାଙ୍କୁ ବହୁତ କଷ୍ଟ ଲାଗିଥିଲା। ପୁରୀକୁ ୱାର୍ଲଡ୍ ହେରିଟେଜ୍ ସିଟି ଭାବେ ଗଢ଼ିବା ➤ ପୃ-୬

## ପାକିସ୍ତାନ କଳା ତାଲିକାଭୁକ୍ତ

**ନୂଆଦିଲ୍ଲୀ :** ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଆତଙ୍କବାଦକୁ ପ୍ରୋତ୍ସାହନ ପାଇଁ ଅର୍ଥ ଯୋଗାଣ ତଥା ଅର୍ଥ ଠକେଇ ଉପରେ ନଜର ରଖୁଥିବା ସଂସ୍ଥା ଫାଇନାନସିଆଲ୍ ଆକ୍ସନ ଟାସ୍କ ଫୋର୍ସ(ଏଫ୍‌ଟିଏଫ୍) ଏସିଆ ପ୍ରଶାନ୍ତ ସମୂହ ପାକିସ୍ତାନକୁ କଳା ତାଲିକାଭୁକ୍ତ କରିଛି। ପାକିସ୍ତାନ ଆତଙ୍କବାଦୀମାନଙ୍କୁ ଅର୍ଥ ଯୋଗାଣ ବନ୍ଦ କରିବାରେ ଅସଫଳ ହୋଇଥିବାରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଭାରତ ଧାରା



୩୭୦ ଉଚ୍ଛେଦ କରିବା ପରେ ଫାଇନାନସିଆଲ ଆକ୍ସନ ଟାସ୍କ ଫୋର୍ସ ଏହି ପଦକ୍ଷେପ ପାକିସ୍ତାନକୁ ଝଟକା ଦେଇଛି। ସୂଚନା ଅନୁଯାୟୀ, ସମ୍ପୃକ୍ତ ସଂସ୍ଥା ପାକିସ୍ତାନକୁ ସାରା ବିଶ୍ୱ ପାଇଁ ବିପଦ ବୋଲି ମୂଲ୍ୟାୟନ କରିବା ସହ ପାକିସ୍ତାନ ୪୦ଟି ସର୍ତ୍ତ ମଧ୍ୟରୁ ୩୨ଟି ସର୍ତ୍ତ ପାଳନ କରୁ ନଥିବା ଟାସ୍କ ଫୋର୍ସ ଆକଳନ କରିଛି। ୨୦୧୮ ଜୁନ୍ ମାସରେ ଟାସ୍କ ଫୋର୍ସ ବୈଠକରେ ପାକିସ୍ତାନକୁ ଗ୍ରୁପ୍ ସି'ରେ ରଖାଯାଇଥିଲା ଏବଂ କେତୋଟି ସର୍ତ୍ତ ପାଳନ ପାଇଁ ପ୍ରସ୍ତାବ ରଖାଯାଇଥିଲା। କିନ୍ତୁ ଇତି ମଧ୍ୟରେ ପାକିସ୍ତାନ ସର୍ତ୍ତ ପାଳନରେ ବିଫଳ ହୋଇଥିବାରୁ ଏଭଳି ପଦକ୍ଷେପ ➤ ପୃ-୬

### ଓଡ଼ିଶାର ଅଭିବୃଦ୍ଧି ଉଲ୍ଲେଖନୀୟ: ବିଶ୍ୱବ୍ୟାଙ୍କ

**ଭୁବନେଶ୍ୱର:** ଗତ ଦୁଇ ଦଶନ୍ଧି ମଧ୍ୟରେ ଦେଶର ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି କ୍ଷେତ୍ରରେ ନିର୍ଦ୍ଧାରିତ ସୂଚକାଙ୍କରେ ରାଜ୍ୟ ଉଲ୍ଲେଖନୀୟ ସଫଳତା ହାସଲ କରିନଥିଲେ ମଧ ଏହାକୁ ଅଣଦେଖା କରାଯାଇନପାରେ। ଗତ ୨୦ ବର୍ଷ ଭିତରେ ଦେଶର ଏହା ଅନ୍ୟତମ ଉତ୍ତମ ପ୍ରଦର୍ଶନକାରୀ ରାଜ୍ୟ ବୋଲି ବିଶ୍ୱବ୍ୟାଙ୍କ ମତ ଦେଇଛି। ଗତ ୨୧ ତାରିଖରେ ବିଶ୍ୱବ୍ୟାଙ୍କର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିବା ➤ ପୃ-୬

## ଭାରତ-ଫ୍ରାନ୍ସ 'ଇନ୍‌ଫ୍ରା' ମୈତ୍ରୀ

### ପ୍ୟାରିସ୍ ଜଳବାୟୁ ରାଜିନାମାକୁ ସଫଳ କରିବାକୁ ଭାରତ ପ୍ରତିଶ୍ରୁତିବଦ୍ଧ: ମୋଦି

**ପ୍ୟାରିସ୍:** ଫ୍ରାନ୍ସ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜଧାନୀ ପ୍ୟାରିସ୍ ଠାରେ ଆୟୋଜିତ ଜି-୭ ଶିଖର ସମ୍ମିଳନୀରେ ଯୋଗଦେଇ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରିଛନ୍ତି। ଏହି ସମୟରେ ମୋଦି ଆସନ୍ତା ୫ ବର୍ଷ ପାଇଁ ଭିଜନ ସମ୍ପର୍କରେ ପ୍ରକାଶ କରିଥିଲେ। ମୋଦି କହିଥିଲେ ଯେ ଜି-୭ ଶିଖର ସମ୍ମିଳନୀ ଲାଗି ରାଷ୍ଟ୍ରପତି ମାକ୍ରୋଁଙ୍କ ଆମନ୍ତ୍ରଣ ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ରଣନୈତିକ ସମ୍ପର୍କ ଏବଂ ମୋ ପ୍ରତି ତାଙ୍କ ମୈତ୍ରୀଭାବର ଏକ ଉଦାହରଣ। ଜୈବ ବିବିଧତା ହେଉ, ଜଳବାୟୁ ପରିବର୍ତ୍ତନ ହେଉ, କୁଲିଂ ଏବଂ ଗ୍ୟାସର ପ୍ରସଙ୍ଗ ହେଉ, ଏ ସମସ୍ତ ବିଷୟ ଉପରେ ଭାରତ ଶହ ଶହ ବର୍ଷ ଧରି ପରମ୍ପରା, ସଂସ୍କୃତି, ସଂସ୍କାର ଜରିଆରେ ପ୍ରକୃତି ସହିତ ତାଳମେଳ ରକ୍ଷା କରି ଜୀବନ ନିର୍ବାହ କରିବାକୁ ସମର୍ଥନ କରିଆସିଛି। ପ୍ରକୃତିର ବିନାଶ କେବେହେଲେ ମାନବ ସମାଜ ଲାଗି ଉପକାରୀ ହେବ ନାହିଁ। ତେଣୁ ଏହି ବିଷୟ ଚଳିତ ଜି-୭ ଶିଖର ସମ୍ମିଳନୀରେ ଆଗତ କରାଯାଇଥିବାରୁ ଭାରତ ପାଇଁ ଏହା ଆହୁରି ଖୁସିର ବିଷୟ। ଦୁଇ ଦଶନ୍ଧି ଧରି ଆମେ ରଣନୈତିକ ଭାଗିଦାରୀ ମାର୍ଗରେ ଚାଲିଛୁ। ଆଜି ଫ୍ରାନ୍ସ ଓ ଭାରତ ପରସ୍ପରର ଭରସାଯୋଗ୍ୟ ସହଭାଗୀ। ଆମର କଠିନ ସମୟରେ ଆମେ ପାରସ୍ପରିକ ଦୃଷ୍ଟିକୋଣକୁ ବୁଝିଛୁ ଏବଂ ପରସ୍ପର ସହ ଛିଡ଼ା ହୋଇଛୁ। ୨୦୨୨ରେ ଭାରତର ସ୍ୱାଧୀନତାକୁ ୭୫ ବର୍ଷ ପୂରଣ ହେବ, ସେତେବେଳ ସୁଦ୍ଧା ଆମେ ନ୍ୟୁ ଇଣ୍ଡିଆ ପାଇଁ



ଅନେକଗୁଡ଼ିଏ ଲକ୍ଷ୍ୟ ରଖିଛୁ। ଆମର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ଭାରତକୁ ୫ ଟ୍ରିଲିୟନ ଅର୍ଥବ୍ୟବସ୍ଥାରେ ପରିଣତ କରିବା। ପ୍ରତିରକ୍ଷା ସହଯୋଗ ଆମ ସମ୍ପର୍କର ଏକ ସୁଦୃଢ଼ ସ୍ତମ୍ଭ। ମୁଁ ଆନନ୍ଦିତ ଯେ ବିଭିନ୍ନ ପ୍ରକଳ୍ପ ଉପରେ ଆମେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିସାରିଛୁ। ୩୬ଟି ରାଫେଲ ଯୁଦ୍ଧ ବିମାନ ମଧ୍ୟରୁ ପ୍ରଥମଟି ଆସନ୍ତା ମାସ ଭାରତକୁ ଦିଆଯିବ। ଆମେ ପ୍ରଯୁକ୍ତି ଏବଂ ସହ-ଉତ୍ପାଦନରେ ସହଯୋଗ ବୃଦ୍ଧି କରିବୁ। ଫ୍ରାନ୍ସ ପ୍ରଥମ ଦେଶ ଯାହା ସହିତ ଆମେ ନୂଆ ପିଢ଼ିର ବେସାମରିକ ଆଣବିକ ଚୁକ୍ତି ସ୍ୱାକ୍ଷର କରିଛୁ। ଆମେ ଆମ କମ୍ପାନୀଗୁଡ଼ିକୁ ଅନୁରୋଧ କରିଛୁ ଯେ ସେମାନେ ଜୈତାପୁର ପ୍ରକଳ୍ପ ଦିଗରେ ଆଗକୁ ବଢ଼ିବେ ଏବଂ ବିଦ୍ୟୁତର ମୂଲ୍ୟ ପ୍ରତି ➤ ପୃ-୬

### ବକ୍ରବାଣୀ



ରାଜପଥ କାମ ଅଧା ରହିଲା
ବାଟମଙ୍ଗଳାରୁ ଯାତ୍ରୀ ଘାଇଲା
କାହୁଁ କେତେଦୂରୁ ଆସନ୍ତି ଧାଇଁ
କାଳିଆକୁ ଟିକେ ଦେଖିବା ପାଇଁ
ଗୁହାରୀ ମଣୀମା ଶୁଣିବା ହେବେ
ରାସ୍ତା କାମ ଟିକେ ନଜର ଦେବେ
ଚକାଆଖି ବସି ସବୁ ଦେଖୁଚି
ତୁମ କର୍ମ ଫଳ ସିଏ ଲେଖୁଚି
ହିସାବ କିତାବ କରିବ ଦିନେ
ସର୍କାର ବାପୁଡା ରଖିଥା ମନେ।

—ଟୁଟୁ

### 'କାଳିଆ' ଯୋଜନାରେ କେଳେଙ୍କାରୀ

## ଅଢ଼େଇ ଲକ୍ଷ ଅଯୋଗ୍ୟ ହିତାଧିକାରୀ

**ଭୁବନେଶ୍ୱର :** ବର୍ତ୍ତମାନ ସୁଦ୍ଧା ୨ଲକ୍ଷ ୬୬ ହଜାର ଅଯୋଗ୍ୟ କାଳିଆ ହିତାଧିକାରୀ ଚିହ୍ନଟ ହୋଇ ସାରିଲେଣି। ଆସନ୍ତା ୨୭ ତାରିଖ ସୁଦ୍ଧା ପଞ୍ଚାୟତ ସ୍ତରରେ, ୩୧ ତାରିଖ ସୁଦ୍ଧା ବ୍ଲକ ଓ ଜିଲ୍ଲା ସ୍ତରର ଅଯୋଗ୍ୟ ହିତାଧିକାରୀ ଚିହ୍ନଟ କାମ ସରିବ। ରାଜ୍ୟରେ ସମୁଦାୟ ୫୧ଲକ୍ଷ ଚାଷୀଙ୍କୁ କାଳିଆ ଯୋଜନାରେ ସାମିଲ କରାଯାଇଥିବା ବେଳେ ସେଥିମଧ୍ୟରୁ ୩୬ ଲକ୍ଷ ୮୮ ହଜାର ଚାଷୀଙ୍କ ଯାଞ୍ଚ ସରିଛି। ଚୂଡ଼ାନ୍ତ ଚିହ୍ନଟ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନେଇ ନିଷ୍ପତ୍ତି ନିଆଯିବ ବୋଲି କାଳିଆ ସମୀକ୍ଷା ବୈଠକ ପରେ କୃଷି ମନ୍ତ୍ରୀ ଅରୁଣ ସାହୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଯୋଗ୍ୟ ହିତାଧିକାରୀ ଯେମିତି କାଳିଆରୁ ବାଦ୍ ନ ପଡନ୍ତି, ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଉଛି। ଯଦି କୌଣସି କାରଣରୁ ଯୋଗ୍ୟ ହିତାଧିକାରୀ ବାଦ୍ ପଡିଯାଇଛନ୍ତି, ସେମାନଙ୍କୁ ପରବର୍ତ୍ତୀ ସମୟରେ ସାମିଲ କରିବାକୁ ନୋଡାଲ ଅଫିସରମାନଙ୍କୁ କୁହାଯାଇଛି। ସବୁ ଡାଟା ଆସିବା ପରେ ତର୍ଜମା କରାଯାଇ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। କାଳିଆ ଯୋଜନାରେ ୫୧,୦୫,୨୯୦ ଜଣ ହିତାଧିକାରୀ ସହାୟତା ପ୍ରଦାନ କରାଯାଇଥିବା ବେଳେ ଅଦ୍ୟାବଧି ୭୨ପ୍ରତିଶତ ହିତାଧିକାରୀ ତାଲିକ ଯାଞ୍ଚ କରାଯାଇଛି। ପ୍ରାୟ ୩୬,୮୮,୦୦୦ ହିତାଧିକାରୀଙ୍କ ଯାଞ୍ଚ କାର୍ଯ୍ୟ ସରିଛି। ଅଗଷ୍ଟ ୨୭ ତାରିଖରେ ପଞ୍ଚାୟତ ସ୍ତରରେ ଯାଞ୍ଚ ପ୍ରକ୍ରିୟା ଶେଷ କରାଯିବା ପରେ ୨୯ ତାରିଖରେ ବ୍ଲକ ସ୍ତରରେ ଓ ୩୧ ତାରିଖରେ ଜିଲ୍ଲାସ୍ତରରେ ଏହାକୁ ଚୂଡ଼ାନ୍ତ କରାଯାଇ କୃଷି ଓ କୃଷକ ସଶକ୍ତିକରଣ ବିଭାଗକୁ ଏହି ତାଲିକା ପଠାଯିବ। ସମସ୍ତ ତଥ୍ୟକୁ ଆଧାର କରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଡ. ସାହୁ କହିଛନ୍ତି। ସେହିପରି କାଳିଆ ଯୋଜନାରେ କାଳିଆ ଛାତ୍ରବୃତ୍ତି ପ୍ରଦାନ ସମ୍ପର୍କରେ ମଧ ବୈଠକରେ ଆଲୋଚନା କରାଯାଇଥିଲା। ➤ ପୃ-୬

### ପ୍ରାଶାସନିକ ସଂସ୍କାର, ଶାସନ ଢାଞ୍ଚା ବଦଳିଲା

## ଗୋଟିଏ ଛାତ ତଳେ ସଚିବ-ନିର୍ଦ୍ଦେଶକ

**ଭୁବନେଶ୍ୱର:** ରାଜ୍ୟରେ ଆଉ କୌଣସି ନିର୍ଦ୍ଦେଶାଳୟ ରହିବନି ଓ ସମସ୍ତ ନିର୍ଦ୍ଦେଶାଳୟ ଏଣିକି ନିଜ ନିଜର ମୂଳ ପ୍ରଶାସନିକ ବିଭାଗରେ ବିଲୟ ହେବେ। ଏବେ ନିର୍ଦ୍ଦେଶାଳୟରେ ଥିବା କର୍ମଚାରୀମାନଙ୍କ ପଦୋନ୍ନତି, ଅବସର ଅବା ମୃତ୍ୟୁ ହେଲେ ସେହି ପଦବୀ ଗୁଡିକ ଆପେଆପେ ଉଚ୍ଛେଦ ହୋଇଯିବ। ଏଣିକି ପ୍ରତ୍ୟେକ ଫାଇଲ୍ ଜିଲ୍ଲାପାଳ କାର୍ଯ୍ୟାଳୟରୁ ସିଧାସଳଖ ସରକାରଙ୍କ ସମ୍ପୃକ୍ତ ବିଭାଗକୁ ଆସିବ ଓ ତା' ପୁଣି ଅନ୍‌ଲାଇନ ମାଧ୍ୟମରେ। ଏନେଇ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଆନୁଷ୍ଠାନିକ ବିଜ୍ଞପ୍ତି ଜାରି ହୋଇଛି। ବିଜ୍ଞପ୍ତି ପ୍ରକାଶନ ସହ ତତ୍କାଳ ପ୍ରଭାବରୁ ଏହା ଲାଗୁ ହେଲା ବୋଲି କୁହାଯାଇଛି। ବିଜ୍ଞପ୍ତି ଅନୁସାରେ ନିର୍ଦ୍ଦେଶାଳୟ ଗୁଡିକର ବିଲୟ ପରେ ସେଠାରେ ଥିବା କର୍ମଚାରୀମାନେ ସିଧାସଳଖ ସେମାନଙ୍କର ମୂଳ ପ୍ରଶାସନିକ ବିଭାଗ ଅଧିନକୁ ଆସିଯିବ। ଏହି ବିଲୟ ପରେ ଯଦି କୌଣସି ବିଭାଗରେ ଅଧିକ ସଂଖ୍ୟକ କର୍ମଚାରୀ ଥିବେ, ତା'ହେଲେ ବଳକା କର୍ମଚାରୀମାନଙ୍କୁ ସାଧାରଣ ପ୍ରଶାସନ ବିଭାଗକୁ ଫେରାଇ ଦେବେ। ତଳସ୍ତରରେ ଥିବା ଖାଲି ପଦବୀ ଗୁଡିକୁ ଅର୍ଥ ବିଭାଗର ଗାଇଡ ଲାଇନ ଅନୁସାରେ ଉଚ୍ଛେଦ କରାଯିବ। ନିର୍ଦ୍ଦେଶାଳୟର ବିଲୟ ପରେ ସମ୍ପୃକ୍ତ ପ୍ରଶାସନିକ ବିଭାଗ ଗୁଡିକ ଗୋଟିଏ ପରିସରରେ କାର୍ଯ୍ୟ କରିବେ। ତା'ଛଡା ଏଣିକି



ୱାସ୍ ମାଧ୍ୟମରେ ସିଙ୍ଗିଲ୍ ଫାଇଲ୍ ସିଷ୍ଟମ କାର୍ଯ୍ୟ କରିବ। ଯେଉଁ ପ୍ରସ୍ତାବ ନିର୍ଦ୍ଦେଶାଳୟରୁ ଆସିଥିବ ତାକୁ ବିଭାଗ ଗୁଡଇକ ସାନି ଆରମ୍ଭ କିମ୍ବା ଯାଞ୍ଚ କରିପାରିବେ ନାହିଁ। ଏହାଫଳରେ ଗୋଟିଏ କାର୍ଯ୍ୟକୁ ବାରମ୍ବାର କରାଯିବା ଓ ସମସ୍ୟ ଅପଚୟରୁ ମୁକ୍ତି ମିଳିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ନିର୍ଦ୍ଦେଶାଳୟର ବିଲୟ ସତ୍ତ୍ୱେ ସମ୍ପୃକ୍ତ କ୍ୟାଡର ଓ ସେବାର କର୍ମଚାରୀମାନଙ୍କୁ ନିଜ ନିଜ କ୍ୟାଡରର ସୁବିଧା ସୁଯୋଗ ମିଳିବ। ତେବେ କର୍ମଚାରୀଙ୍କ ପଦୋନ୍ନତି, ମୃତ୍ୟୁ, ଇସ୍ତଫା ଅବା ଅନ୍ୟାନ୍ୟ କ୍ଷେତ୍ରରେ ବିଭାଗୀୟ ମୁଖ୍ୟ ଦପ୍ତରରେ ଥିବା ମୂଳ ପଦବୀ ଗୁଡିକ ଉଚ୍ଛେଦ ହୋଇଯିବ। ଯଦି କିଛି କର୍ମଚାରୀଙ୍କ ଆବଶ୍ୟକତା ପଡେ, ତା'ହେଲେ ଅର୍ଥ ବିଭାଗର ସମ୍ମତି ନେଇ ତାହା ସଚିବାଳୟ କମନ କ୍ୟାଡର ମାଧ୍ୟମରେ ପୂରଣ ହେବ। ଅବଶ୍ୟ ପରବର୍ତ୍ତୀ ନିର୍ଦ୍ଦେଶକ ପର୍ଯ୍ୟନ୍ତ ବିଭାଗୀୟ ମୁଖ୍ୟ ଦପ୍ତରରେ ଜୁନିୟର ଆସିଷ୍ଟାଣ୍ଟ ବର୍ଗର ପଦବୀରେ ନିଯୁକ୍ତି ପ୍ରକ୍ରିୟା ଜାରି ରହିବ। ଅର୍ଥ ବିଭାଗ ସହ ପରାମର୍ଶ କରି ପ୍ରଶାସନିକ ବିଭାଗ ଗୁଡଇକ ଆବଶ୍ୟକ ବଜେଟ୍ ବ୍ୟବସ୍ଥା କରିବେ। ସଚିବାଳୟରେ କାର୍ଯ୍ୟକ୍ଷମ ଥିବା ୱାସ୍ ସିଷ୍ଟମରେ ତୁରନ୍ତ ନିର୍ଦ୍ଦେଶାଳୟ ଗୁଡିକରେ ସାମିଲ କରାଯିବ। ନିର୍ଦ୍ଦେଶାଳୟ ଗୁଡିକ ଏବେ ରହିଥିବା ନିଜର ସମସ୍ତ ଫାଇଲକୁ ସ୍କାନ କରି ଇଲେକ୍ଟ୍ରୋନିକ୍ ଫାଇଲ ମାଧ୍ୟମରେ ପୈଠ କରିବେ। ସୂଚନାଥାଉ କି, ଅର୍ଥ ବିଭାଗର ଅନୁମୋଦନ ପରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଗତକାଲି ଏହି ରିଜ୍ୟୁଲେସନ ପ୍ରକାଶ ପାଇଛି।



## କେମିତି କଟିବ ଏ ସପ୍ତାହ

**ମେଷ** କାର୍ଯ୍ୟକ୍ଷେତ୍ରରେ ତଳିଆ କର୍ମଚାରୀଙ୍କ ସହ ବିବାଦ ଉପୁଜିପାରେ। ପରିବାରରେ ଅଶାନ୍ତି ଦେଖାଦେବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ବିଫଳ ହୋଇପାରନ୍ତି। ରାଜନୈତିକ ବ୍ୟକ୍ତିମାନେ ଶୁଭଫଳ ପାଇବେ। କଳାକାରମାନେ ଯଶ ଅର୍ଜନ କରିବେ।

**ବୃଷ** କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ସମ୍ଭାବନା ରହିଛି। ଶାରୀରିକ ସୁସ୍ଥତା ଅନୁଭବ କରିବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ଅର୍ଥନୈତିକ ପରିସ୍ଥିତି ସୁଧୁରିବ। ଜମିଜମା ବିବାଦ ଲାଗିରହିବ। ରାଜନୀତିରେ ଶୁଭଫଳ ପାଇବେ।

**ମିଥୁନ** କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ। ଧନପ୍ରାପ୍ତିର ସୁଯୋଗ ଆସିପାରେ। ନୂଆ ଗାଡି କିଣିବା ପାଇଁ ମନ ବଳିବ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ ଉନ୍ନତି ହେବ।

**କର୍କଟ** ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ବଦଳି ହୋଇପାରେ। ଗୃହରେ ମହିଳାଙ୍କ ସ୍ୱାସ୍ଥ୍ୟ ପ୍ରତି ସତର୍କ ରୁହନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ଶୁଭଫଳ ପାଇବେ।

**ସିଂହ** ଆର୍ଥିକ ସ୍ୱଚ୍ଛତା ଦେଖାଦେବ। ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଅଧିକ ନମ୍ବର ରଖି ପାସ୍ କରିବେ। ଦୀର୍ଘ ଦିନରୁ ଲାଗିରହିଥିବା ବିବାଦ ଲାଗି ରହିବ। ରାଜନୈତିକ ବ୍ୟକ୍ତିଙ୍କର ଭାଗ୍ୟ ଉଜ୍ଜ୍ୱଳ ରହିବ।

**କନ୍ୟା** ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ ହେବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ମଧ୍ୟ କୃତିତ୍ୱ ଅର୍ଜନ କରିବେ। ପରିବାର ସହିତ ଧାର୍ମିକ କାର୍ଯ୍ୟକ୍ରମକୁ ଯାଇପାରନ୍ତି। ଗୃହରେ ଶାନ୍ତି ବଜାୟ ରହିବ।

**ତୁଳା** ଧାର୍ମିକ ଓ ଆଧାତ୍ମିକ ସମ୍ବନ୍ଧରେ ରୁଚି ବୃଦ୍ଧି ହେବ। ନୂତନ କର୍ମରେ ଯୋଗ ଦେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ଉପୁଜିପାରେ। ରାଜନୀତିରେ ବିପଦ ବଢ଼ିବ। ବ୍ୟବସାୟରେ ଶୁଭଫଳ ପାଇବେ।

**ବିଛା** ଚାକିରିରେ ପଦୋନ୍ନତି ଘଟିବ। ପାରିବାରିକ ଶାନ୍ତି ଅନୁଭବ କରିବେ। ଶାରୀରିକ ଅସୁସ୍ଥତା ଲାଗି ରହିପାରେ। ଅତିଥି ସେବାରେ ସମୟ ଅତିବାହିତ ହେବ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ।

**ଧନୁ** ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବନ୍ଧୁଙ୍କ ଠାରୁ ସହଯୋଗ ପାଇବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ତୀର୍ଥଯାତ୍ରା କରିବାର ସୁଯୋଗ ରହିଛି।

**ମକର** ଆର୍ଥିକ ପରିସ୍ଥିତିରେ ପରିବର୍ତ୍ତନ ଆସିପାରେ। କୋର୍ଟକଚେରୀ ମାମଲାର ସମାଧାନ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ ହେବେ।

**କୁମ୍ଭ** କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ। ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ଭଲ ଫଳ ମିଳିବ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ହେବ। ବିଦେଶ ଯାତ୍ରାରୁ ବଞ୍ଚିତ ହେବେ। ବ୍ୟବସାୟରେ ଲାଭବାନ୍ ହେବେ।

**ମୀନ** ଗୃହରେ ବୃଦ୍ଧଙ୍କ ସ୍ୱାସ୍ଥ୍ୟବସ୍ଥା ସୁଧୁରିବ। ଛାତ୍ରଛାତ୍ରୀମାନେ ଶୁଭଫଳ ପାଇବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ବିଦେଶ ଭ୍ରମଣର ସୁଯୋଗ ରହିଛି।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ପହିଲାରୁ ତମାଖୁ ପ୍ୟାକେଟରେ ନୂଆ ଚେତାବନୀ ଚିତ୍ର

**ନୂଆଦିଲ୍ଲୀ:** ଏଣିକି ତମାଖୁ ଉତ୍ପାଦ ପ୍ୟାକେଟ ଉପରେ ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟ ଚେତାବନୀର ନୂଆ ଚିତ୍ର ଦେଖିବାକୁ ମିଳିବ। ପୂର୍ବରୁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ସିଗାରେଟ ଓ ଅନ୍ୟ ତମାଖୁ ଉତ୍ପାଦ (ପ୍ୟାକେଜିଂ ଓ ଲେବଲିଂ) ନିୟମ, ୨୦୦୮ରେ ସଂଶୋଧନ କରାଯାଇସାରିଛି। ଏହି ସଂଶୋଧନ ବଳରେ ନୂଆ ସେଟକୁ ମଞ୍ଜୁରି ମିଳିଛି। ଜିଏସଆର ୩୩୧ (ଇ) ତା.୩ ଏପ୍ରିଲ ୨୦୧୮ ରିଖରେ ଜାରି ସିଗାରେଟ ଓ ଅନ୍ୟ ତମାଖୁ ଉତ୍ପାଦ (ପ୍ୟାକେଜିଂ ଓ ଲେବଲିଂ) ନିୟମର ଦ୍ୱିତୀୟ ସଂଶୋଧନ ନିୟମ, ୨୦୧୮ରେ ସଂଶୋଧନ ଅଣାଯାଇ ଏହି ବିଜ୍ଞପ୍ତି ଜାରି କରାଯାଇଛି। ସଂଶୋଧିତ ନିୟମ ୧ ସେପ୍ଟେମ୍ବର, ୨୦୧୮ ଠାରୁ ଲାଗୁ କରାଯାଇସାରିଛି। ଉପରୋକ୍ତ ବିଜ୍ଞପ୍ତି ମାଧ୍ୟମରେ ଦୁଇଟି ଚିତ୍ରକୁ ବିଜ୍ଞପିତ କରାଯାଇଥିଲା। ସଂଶୋଧନରେ ଏହି ଧାରା ସଂଯୋଗ କରାଯାଇଥିଲା ଯେ ପ୍ରଥମ ଚିତ୍ର ଲାଗୁ ହେବା ତାରିଖ ଠାରୁ ୧୨ ମାସ ପରେ ଦ୍ୱିତୀୟ ଚିତ୍ର ଲାଗୁ ହେବ। ଉପରୋକ୍ତ ବିଜ୍ଞପ୍ତି ଅନୁଯାୟୀ ପ୍ରଥମ ଚିତ୍ର ସେପ୍ଟେମ୍ବର ୧ ତାରିଖ ୨୦୧୮ରେ ଲାଗୁ ହୋଇଥିଲା। ତେଣୁ ଏହାର ୧୨ ମାସ ପରେ ଅର୍ଥାତ ୧ ସେପ୍ଟେମ୍ବର, ୨୦୧୯ କିମ୍ବା ଏହା ପରେ ନିର୍ମିତ, ପ୍ୟାକେଜ ହୋଇଥିବା ଏବଂ ଆମଦାନୀ ହୋଇଥିବା ସମସ୍ତ ତମାଖୁ ଉତ୍ପାଦ ଉପରେ ଦ୍ୱିତୀୟ ଚିତ୍ର ପ୍ରଦର୍ଶିତ ହେବ। '**QUIT TODAY CALL** ୧୮୦୦-୧୧-୨୩୫୬' ହେଲ୍ପ ମଧ୍ୟ ଏହି ସ୍ୱାସ୍ଥ୍ୟ ଚେତାବନୀର ଏକ ଅଂଶବିଶେଷ। ଏହା ତମାଖୁ ଉପଯୋଗକାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ ଏବଂ ସେମାନଙ୍କୁ ଅଭ୍ୟାସ ପରିବର୍ତନ





ଲାଗି ପରାମର୍ଶ ସେବା ଯୋଗାଇ ଦେବ। ଧୂମପାନ ଏବଂ ଧୂମପାନ ମୁକ୍ତ ଉଭୟ ତମାଖୁ ଉତ୍ପାଦ ଲାଗି ଏକ ସାଧାରଣ ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟ ଚେତାବନୀ ରହିବ। ନିଃଶୁଳ୍କ ଟୋବାକୋ କ୍ୱିଟ ଲାଇନ ସର୍ଭିସେସ (୧୮୦୦-୧୧-୨୩୫୬)ତମାଖୁ ସେବନ ଛାଡ଼ିବା ଲାଗି ପରାମର୍ଶ ଏବଂ ରଣନୀତି ପ୍ରଦାନ କରିଥାଏ। ଗ୍ଲୋବାଲ ଆଡଲ୍ଟ ଟୋବାକୋ ସର୍ଭେ (ଜିଟିଏସ-୨, ୨୦୧୬-୧୭) ପକ୍ଷରୁ ନିକଟରେ ଜାରି ଦ୍ୱିତୀୟ ପର୍ଯ୍ୟାୟ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ୧୫ ବର୍ଷ କିମ୍ବା ତତୋଧିକ ବୟସର ଲୋକମାନଙ୍କ ମଧ୍ୟରେ ସିଗାରେଟ ଧୂମପାନ କରୁଥିବା ଲୋକଙ୍କ ମଧ୍ୟରୁ ୬୧.୯ ପ୍ରତିଶତ, ବିଡ଼ି ଧୂମପାନ କରୁଥିବା ମଧ୍ୟରୁ ୫୩.୮ ପ୍ରତିଶତ ଏବଂ ଧୂଆଁମୁକ୍ତ ତମାଖୁ ସେବନ କରୁଥିବା ଲୋକଙ୍କ ମଧ୍ୟରୁ ୪୬.୨ ପ୍ରତିଶତ ତମାଖୁର ପ୍ୟାକେଟରେ ଚେତାବନୀ ଲେବଲ ଦେଖି ନିଶା ଛାଡ଼ିବା ବିଷୟରେ ଚିନ୍ତା କରିଛନ୍ତି। ଚେତାବନୀର ମୁଦ୍ରଣଯୋଗ୍ୟ ଯୋଗ୍ୟ ସଂସ୍କରଣ ସହିତ ଉକ୍ତ ବିଜ୍ଞପ୍ତି ମନ୍ତ୍ରଣାଳୟର ୱେବସାଇଟ **https://mohfw.gov.in** ଏବଂ **https://ntcp.nhp.gov.in** ରେ ପୂର୍ବରୁ ଉପଲବ୍ଧ ରହିଛି। ସେହିପରି ପୂର୍ବରୁ ସମସ୍ତ ଆଂଚଳିକ ଭାଷାରେ ଅଂଶୀଦାରଙ୍କ ଅନୁରୋଧକ୍ରମେ ଏହାକୁ ଯୋଗାଇ ଦିଆଯାଇସାରିଛି। ସମସ୍ତ ଆଂଚଳିକ ଭାଷାରେ ଚେତାବନୀ ଚିତ୍ରର ଖୋଲା ଫାଇଲ ମଧ୍ୟ ମନ୍ତ୍ରଣାଳୟ ଠାରୁ **ntcp.mohfw@gmail.com** ଇ-ମେଲ ଜରିଆରେ କିମ୍ବା ୦୧୧-୨୩୦୬୨୮୬୮ ଫୋନ ନମ୍ବରରେ ଅନୁରୋଧ କରି ହାସଲ କରାଯାଇପାରିବ।

# ଡିଜେ ବାଜିଲେ ଗଣିବ ଦଣ୍ଡ

**ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ଡିଜେ ଉପରେ ରୋକ୍ ଲଗାଇଲେ ଆଲ୍ଲାହାବାଦ ହାଇକୋର୍ଟ**
**ନିୟମ ଉଲ୍ଲଙ୍ଘନ କଲେ ୫ ବର୍ଷ ଜେଲ୍ ଦଣ୍ଡ ସହ ଦେବାକୁ ହେବ ୧ଲକ୍ଷ ଟଙ୍କା ଜୋରିମାନା**

**ନୂଆଦିଲ୍ଲୀ:** ପୂଜା ବଜାର ଠାରୁ ଆରମ୍ଭ କରି ବିବାହ ଉତ୍ସବ, ଏବେ ସବୁଠି ଡିଜେ ବାଜିବା ଏକ ପରମ୍ପରା ହୋଇଗଲାଣି। ଏହି ଡିଜେ ବାଜିବା ଦ୍ୱାରା ଶବ୍ଦ ପ୍ରଦୂଷଣ କେତେ ମାତ୍ରାରେ ବଢ଼ିଥାଏ ତାହା ଆକଳନ କରିବା ମୁସ୍କିଲ। ତେବେ ଶବ୍ଦ ପ୍ରଦୂଷଣଙ୍କୁ ରୋକିବା ନେଇ ଆଲ୍ଲାହାବାଦ ହାଇକୋର୍ଟ ଏକ ବଡ ନିଷ୍ପତ୍ତି ନେଇଛନ୍ତି। ଡିଜେ ବଜାଇବା ନେଇ ଅନୁମତି ଦେବା ଉପରେ ଆଲ୍ଲାହାବାଦ ହାଇକୋର୍ଟ ଏହି ଡିଜେ ବାଜିବା ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଇଛନ୍ତି। ଆଉ ଆଦେଶର ଉଲ୍ଲେଘଂନ କରିବା ବ୍ୟକ୍ତିଙ୍କୁ ୫ବର୍ଷ ଜେଲ୍ ଦଣ୍ଡ ସହ ୧ଲକ୍ଷ ଟଙ୍କାର ଜୋରିମାନା ହୋଇପାରେ। ଯଦି ଡିଜେ ବାଜୁଥିବାର ଅଭିଯୋଗ ଆସେ, ତେବେ ଉକ୍ତ ଅଞ୍ଚଳର ଥାନା ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ। ଏହି ଆଦେଶ ପିକେଏସ୍ ବଘେଲ ଏବଂ ବିଚାରପତି ପଙ୍କଜ ଭାଟିଆଙ୍କ ଖଣ୍ଡପୀଠ ଶୁଣାଇଛନ୍ତି। ତେବେ ହାସିମପୁର ପ୍ରୟାଗରାଜ ନିବାସୀ ସୁଶୀଲ ଚନ୍ଦ୍ର ଶ୍ରୀବାସ୍ତବଙ୍କ ଯାଚିକା ଉପରେ ଏହି ଶୁଣାଣି କରାଯାଇଛି। ଏହି ମାମଲାର ବିଚାର କରିବା



ସମୟରେ କୋର୍ଟ କହିଛନ୍ତି, ଛୋଟ ପିଲା, ବୟସ୍କ ଏବଂ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ରୋଗୀମାନଙ୍କ ସ୍ୱାସ୍ଥ୍ୟ ପାଇଁ ଶବ୍ଦ ପ୍ରଦୂଷଣ ଅତ୍ୟନ୍ତ ବିପଦପୂର୍ଣ୍ଣ ଅଟେ। ତେଣୁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଟିମ୍ ଗଠନ କରି ଶବ୍ଦ ପ୍ରଦୂଷଣ ଉପରେ କଡା ନଜର ରଖିବାକୁ ଏବଂ ଦୋଷୀମାନଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ, ସମସ୍ତ ଧାର୍ମିକ ପର୍ବପର୍ବାଣୀ ଏବଂ ଉତ୍ସବ ପୂର୍ବରୁ ଜିଲ୍ଲାପାଳ ବୈଠକ ଡକାଇ ଏହି ଆଇନ ପାଳନ ନେଇ ସମସ୍ତଙ୍କୁ ଅବଗତ କରାଇବେ। ଆଉ ଯଦି କେହି ଏହି ଆଇନର ଉଲ୍ଲଘଂନ କରେ, ତେବେ ତାଙ୍କୁ ୫ ବର୍ଷ ଜେଲ ଦଣ୍ଡ ସହ ୧ଲକ୍ଷ ଟଙ୍କା ଜୋରିମାନା ଦେବାକୁ ପଡିବ। ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଆଇନ ଅନୁଯାୟୀ, ଅପରାଧୀଙ୍କ ବିରୋଧରେ ଏଫ୍ଆଇଆର ଦାୟର କରାଯିବ। ତେବେ ଆଲ୍ଲାହାବାଦ ହାଇକୋର୍ଟଙ୍କ ଏଭଳି ନିଷ୍ପତ୍ତିକୁ ଅନେକାଂଶରେ ସ୍ୱାଗତ କରାଯାଇଥିବା ବେଳେ ଆଗକୁ ଏହି ଆଇନ୍ କେତେ ମାତ୍ରାରେ ପାଳନ କରାଯାଉଛି ତାହା ଦେଖିବାକୁ ରହିଲା। ଏହି ନିୟମ କେବଳ ଆଲ୍ଲାହାବାଦ ପାଇ ଲାଗୁ ହେବ। ଅନ୍ୟ କୌଣସି ରାଜ୍ୟ ଗୁଡିକରେ ଏନେଇ ନିଷ୍ପତି ନିଆଯାଇନାହିଁ।

## ଆଫଗାନି ଆତଙ୍କୀଙ୍କ ସହ ଲଢ଼େଇ ପାଇଁ ଭାରତକୁ ଆମେରିକାର ଆହ୍ୱାନ

**ୱାଶିଂଟନ:** ଆଫଗାନିସ୍ତାନରେ ଆତଙ୍କବାଦୀଙ୍କ ବିରୋଧରେ ଲଢ଼େଇ କରିବାକୁ ଆଜି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତକୁ ଆହ୍ୱାନ ଦେଇଛନ୍ତି। କେବଳ ଭାରତ ନୁହେଁ ଇରାନ୍ଏ ଋଷ ଓ ତୁର୍କୀ ଭଳି ରାଷ୍ଟ୍ରମାନେ ମଧ୍ୟ ଆମେରିକା ସହ ମିଶି ଆଫଗାନିସ୍ତାନରେ ଆତଙ୍କବାଦ ବିରୋଧରେ ଲଢ଼େଇ କରିବା ଉଚିତ। ଟ୍ରମ୍ପ କହିଛନ୍ତି, ଆଫଗାନିସ୍ତାନ ଠାରୁ ଆମେରିକାର ଦୂରତା ୭ ହଜାର କିମି ତଥାପି ୱାଶିଂଟନ ସେଠାରେ ଆତଙ୍କବାଦ ବିରୋଧରେ ଲଢ଼େଇ ଜାରି ରଖିଛି। ତେବେ ଆଫଗାନିସ୍ତାନ ନିକଟରେ ଥିବା ରାଷ୍ଟ୍ରଗୁଡିକ ଆତଙ୍କବାଦ ବିରୋଧରେ ବହୁତ କମ୍ ମନୋବଳ ଦେଇ ଲଢ଼େଇ କରୁଛନ୍ତି। ବର୍ତ୍ତମାନ ସ୍ଥିତିରେ ଋଷ, ଆଫଗାନିସ୍ତାନ, ଇରାନ, ଇରାକ ଓ ତୁର୍କୀ ଭଳି ଦେଶ ଗୁଡିକ ମଧ୍ୟ ସେମାନଙ୍କ ଯୁଦ୍ଧକୁ ଲଢ଼ିବା ଦରକାର। ଆମେ ଶତପ୍ରତିଶତ କାଲିପେଟ୍‌କୁ ହଟାଇବାରେ ସକ୍ଷମ ହୋଇଛୁ। ଏବେ ଉପରୋକ୍ତ ଦେଶ ଗୁଡିକ ସେମାନଙ୍କ ଆଖାପାଖରେ ଥିବା ଆତଙ୍କୀ ସଂଗଠନକୁ ମୂଳପୋଛ କରିବାକୁ ଲଢ଼େଇ ଆରମ୍ଭ କରିବା ଦରକାର। ଭାରତ ମଧ୍ୟ ଆତଙ୍କବାଦୀ ବିରୋଧରେ ଆମେରିକା ସହ ମିଶି ଆଫଗାନିସ୍ତାନରେ ଲଢ଼ିବା ଉଚିତ୍।

## ଜାତିସଂଘରେ ପୁଣି ପାକ୍-ଚୀନ୍ ହଟହଟା

**ଜାତିସଂଘ:** କେତେକ ଦେଶରେ ଖ୍ରୀଷ୍ଟିଆନ, ଅହମ୍ମଦିଆ ସମ୍ପ୍ରଦାୟ, ଉଇଘୁର୍ ଓ ଅନ୍ୟାନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ଅତ୍ୟାଚାର ହେଉଥିବା ନେଇ ଆମେରିକା ଓ ବ୍ରିଟେନ୍ ପକ୍ଷରୁ ଜାତିସଂଘ ସୁରକ୍ଷା ପରିଷଦରେ ଏହି ପ୍ରସଙ୍ଗ ଉତ୍ଥାପନ କରାଯାଇଥିଲା। ଚୀନ୍ ଓ ପାକିସ୍ତାନରେ ଧର୍ମୀୟ ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚାର ହେଉଥିବା ବିଷୟରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଜାତିସଂଘରେ ଅବସ୍ଥାପିତ ଆମେରିକାର ରାଷ୍ଟ୍ରଦୂତ ସାମୁଏଲ୍ ବ୍ରାଉନ୍ ବ୍ୟାକ୍ କହିଥିଲେ, ଶାନ୍ତିରକ୍ଷା ପାଇଁ ଧର୍ମୀୟ ସ୍ୱାଧୀନତା ଏକାନ୍ତ ଜରୁରୀ। ସେ ପାକିସ୍ତାନରେ ଏଭଳି ଅତ୍ୟାଚାର ହେଉଥିବା ଦର୍ଶାଇଥିଲେ। ସେ କହିଥିଲେ, ସେଠାରେ ଧର୍ମୀୟ ସଂଖ୍ୟାଲଘୁମାନେ ରାଷ୍ଟ୍ର ସମର୍ଥିତ ଶକ୍ତି ଦ୍ୱାରା ନିର୍ଯାତିତ ହେଉଛନ୍ତି। କେତେକ ସ୍ଥଳରେ ସରକାରଙ୍କ ଭେଦଭାବପୂର୍ଣ୍ଣ ଆଇନର ଶିକାର ହେଉଛନ୍ତି। ପାକିସ୍ତାନରେ ଅହମ୍ମଦିଆ ଓ ହିନ୍ଦୁ ସମ୍ପ୍ରଦାୟ ଅତ୍ୟାଚାରିତ ହେଉଛନ୍ତି। ସେହଭଳି ଚୀନ୍‌ରେ ଉଇଘୁର୍ ସଂଖ୍ୟାଲଘୁ ସମ୍ପ୍ରଦାୟ ମଧ୍ୟ ଅତ୍ୟାଚାରିତ ହେଉଛନ୍ତି। ଏହି ସମୟରେ ବ୍ରିଟେନ୍, ଫ୍ରାନ୍ସ ଓ କାନାଡା ମଧ୍ୟ ଚୀନ୍ ଓ ପାକିସ୍ତାନରେ ସଂଖ୍ୟାଲଘୁଙ୍କ ପ୍ରତି ହେଉଥିବା ଅତ୍ୟାଚାର ସମ୍ପର୍କରେ ଉଲ୍ଲେଖ କରିଥିଲେ।

## 'ସହମତିରେ ହୋଇଥିବା ସମ୍ପର୍କ ବଳାତ୍କାର ନୁହେଁ'

**ନୂଆଦିଲ୍ଲୀ:** ଯଦି ମହିଳା ତାଙ୍କ ସାଥୀଙ୍କୁ ବିବାହ କରିବେ ନାହିଁ ବୋଲି ଜାଣି ସୁଦ୍ଧା ତାଙ୍କ ସହ ଶାରୀରିକ ସମ୍ପର୍କ ରଖୁଛନ୍ତି, ତେବେ ତାହା ପରବର୍ତ୍ତୀ ସମୟରେ ବଳାତ୍କାର ବିବେଚନା ହେବନାହିଁ। ଏହି ଆଧାରରେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ବଳାତ୍କାର କରିଛି ବୋଲି ମହିଳା ଜଣଙ୍କ ପୁରୁଷଙ୍କ ନାମରେ ଅଭିଯୋଗ କରିପାରିବେ ନାହିଁ ବୋଲି ସୁପ୍ରିମ୍‌କୋର୍ଟ ରାୟ ଦେଇଛନ୍ତି। ସୁପ୍ରିମ୍‌କୋର୍ଟ ଏକ ମାମଲାର ଶୁଣାଣି କରିବା ସମୟରେ ଏହି ରାୟ ପ୍ରକାଶ କରିଛନ୍ତି। ସେଲ୍ ଟ୍ୟାକ୍ସର ଜଣେ ସହକାରୀ କମିଶନର (ମହିଳା)ଙ୍କ ଦ୍ୱାରା ସିଆରପିଏଫ୍‌ର ଜଣେ ଡେପୁଟି କମାଣ୍ଡାଣ୍ଟ (ପୁରୁଷ)ଙ୍କ ବିରୋଧରେ ହୋଇଥିବା ବଳାତ୍କାର ମାମଲାର ଶୁଣାଣି ବେଳେ ଜଷ୍ଟିସ୍ ଡି ୱାଇ ଚନ୍ଦ୍ରଚୂଡ ଏବଂ ଇନ୍ଦିରା ବାନାର୍ଜୀଙ୍କ ଖଣ୍ଡପୀଠ ଏହି ରାୟ ଶୁଣାଇଛନ୍ତି। ଅଦାଲତ କହିଛନ୍ତି ଯେ, ଉଭୟଙ୍କ ମଧ୍ୟରେ ୬ ବର୍ଷ ଧରି ସମ୍ପର୍କ ଥିଲା ଏବଂ ଅନେକ ଥର ଉଭୟ ପରସ୍ପରଙ୍କ ଘରେ ରହୁଥିଲେ। ତେଣୁ ଏଥିରୁ ପ୍ରମାଣିତ ହେଉଛି ଯେ, ପରସ୍ପରଙ୍କ ସହମତିରେ ସମ୍ପର୍କ ଗଢ଼ି ଉଠିଥିଲା। ସୂଚନାଥାଉ କି, ଅଭିଯୋଗକାରିଣୀ ସିଆରପିଏଫ୍ ଅଧିକାରୀଙ୍କୁ ୧୯୯୮ ମସିହାରୁ ଜାଣିଥିଲେ। ଅଭିଯୋଗ ଅନୁଯାୟୀ, ୨୦୦୮ରେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ସିଆରପିଏଫ୍ ଅଧିକାରୀ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ୨୦୧୪ରେ ସିଆରପିଏଫ୍ ଅଧିକାରୀ ମହିଳାଙ୍କ ଜାତିକୁ ନେଇ ଚିନ୍ତାପ୍ରକଟ କରିଥିଲେ। ଏହା ସତ୍ତ୍ୱେ ମଧ୍ୟ ୨୦୧୬ ପର୍ଯ୍ୟନ୍ତ ଉଭୟଙ୍କ ସମ୍ପର୍କ ରହିଥିଲା। ତେବେ ଅନ୍ୟ ଜଣେ ଯୁବତୀଙ୍କ ସହ ସିଆରପିଏଫ୍ ଅଧିକାରୀଙ୍କ ନିର୍ବନ୍ଧ ହେବା ଜାଣିବା ପରେ ୨୦୧୬ରେ ମହିଳା ଜଣଙ୍କ ତାଙ୍କ ବିରୋଧରେ ଏତଲା ଦେଇଥିଲେ। ପରେ ଏହି ମାମଲା ସୁପ୍ରିମ୍‌କୋଟକୁ ଯାଇଥିଲା।

**ସେନା ମୁଖ୍ୟାଳୟ ପୁନର୍ଗଠନ ପ୍ରସ୍ତାବକୁ ମଞ୍ଜୁରି**

## ପ୍ରତିଷ୍ଠା ହେବ ସ୍ୱତନ୍ତ୍ର ମାନବାଧିକାର ବିଭାଗ

**ନୂଆଦିଲ୍ଲୀ:** ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସେନା ମୁଖ୍ୟାଳୟ ପୁନର୍ଗଠନ ସଂକ୍ରାନ୍ତରେ କେତେକ ପ୍ରସ୍ତାବକୁ ମଞ୍ଜୁରି ଦେଇଛନ୍ତି। ସେନା ମୁଖ୍ୟାଳୟ ପକ୍ଷରୁ ବିସ୍ତୃତ ଅନ୍ତରୀଣ ଅନୁଧ୍ୟାନ ଆଧାରରେ ଏହି ମଞ୍ଜୁରି ମିଳିଛି। ତିନି ସେନାର ପ୍ରତିନିଧିତ୍ୱ ସହିତ ସେନା ପ୍ରମୁଖ (ସିଓଏଏସ)ଙ୍କ ଅଧୀନରେ ଏକ ପୃଥକ ଭିଜିଲାନ୍ସ ସେଲଗଠନ ହେବ। ବର୍ତମାନ ଭିନ୍ନ ଭିନ୍ନ ଏଜେନ୍ସି ମାଧ୍ୟମରେ ସେନା ପ୍ରମୁଖଙ୍କ ଲାଗି ଭିଜିଲାନ୍ସ ସଂକ୍ରାନ୍ତ କାର୍ଯ୍ୟକଳାପ କରାଯାଉଛି। ଏଥିରେ କୌଣସି ଗୋଟିଏ ଏଜେନ୍ସିର ହସ୍ତକ୍ଷେପ ନାହିଁ। ଏଣିକି ସେନା ପ୍ରମୁଖଙ୍କ ଅଧୀନରେ ଏକ ସ୍ୱତନ୍ତ୍ର ଭିଜିଲାନ୍ସ ସେଲ କାର୍ଯ୍ୟକ୍ଷମ କରାଯିବ। ଏଥିପାଇଁ ସେନା ପ୍ରମୁଖଙ୍କ ଅଧୀନରେ ପ୍ରତ୍ୟକ୍ଷ ଭାବେ ଜଣେ ଅତିରିକ୍ତ ମହାନିର୍ଦ୍ଦେଶକଙ୍କୁ ଅବସ୍ଥାପିତ କରାଯିବ। ଏଥିରେ କର୍ଣ୍ଣେଲ ପାହ୍ୟାର ତିନି ଜଣ ଅଧିକାରୀ (ଭାରତୀୟ ସେନା, ଭାରତୀୟ ବାୟୁସେନା ଏବଂ ଭାରତୀୟ ନୌସେନା ମଧ୍ୟରୁ ଜଣେ ଲେଖାଏଁ ଅଧିକାରୀ) ସାମିଲ ହେବେ। ଏହା ସେନା ମୁଖ୍ୟାଳୟର ବର୍ତମାନ ପଦବୀ ଅନ୍ତର୍ଗତ କରାଯିବ। ମାନବାଧିକାର ସହ ଜଡ଼ିତ ପ୍ରସଙ୍ଗ ଓ ମୂଲ୍ୟବୋଧକୁ ଉଚ୍ଚ ପ୍ରାଥମିକତା ଦେବା ଲାଗି ସିଧାସଳଖ ଉପ ସେନା ପ୍ରମୁଖଙ୍କ ଅଧୀନରେ ଅତିରିକ୍ତ ମହାନିର୍ଦ୍ଦେଶକ (ମେଜର ଜେନେରାଲ ପାହ୍ୟାର ଅଧିକାରୀ)ଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ମାନବାଧିକାର ବିଭାଗ ପ୍ରତିଷ୍ଠା କରାଯିବା ଲାଗି ନିଷ୍ପତି ନିଆଯାଇଛି। ଏହା ଯେକୌଣସି ପ୍ରକାର ମାନବାଧିକାର ଉଲ୍ଲଘଂନ ସମ୍ବନ୍ଧୀୟ ରିପୋର୍ଟ ଯାଂଚ କରିବା ଲାଗି ନୋଡାଲ ବିଭାଗ ଭାବେ କାର୍ଯ୍ୟ କରିବ। ପାରଦର୍ଶିତା ଏବଂ ସର୍ବଶ୍ରେଷ୍ଠ ଯାଂଚ ବିଶେଷଜ୍ଞତା ସୁନିଶ୍ଚିତ କରିବା ଲାଗି ବିଭାଗରେ ଏସଏସପି/ଏସପି ପାହ୍ୟାର ଜଣେ ପୋଲିସ ଅଧିକାରୀଙ୍କୁ ଡେପୁଟେସନରେ ନିଯୁକ୍ତି ଦିଆଯିବ। ଫିଲ୍ଡ ଆର୍ମି ଫର୍ମେସନ/ୟୁନିଟରେ ସେନା ମୁଖ୍ୟାଳୟର ୨୦୬ ଜଣ ସେନାଅଧିକାରୀଙ୍କୁ ଅବସ୍ଥାପିତ କରାଯିବ- ସେନା ମୁଖ୍ୟାଳୟରୁ ମୋଟ ୨୦୬ଜଣ ଅଧିକାରୀଙ୍କୁ କାର୍ଯ୍ୟ ଅନୁକୂଳ କରାଇ ସେମାନଙ୍କୁ ଫିଲ୍ଡ ଆର୍ମି ଫର୍ମେସନ/ୟୁନିଟରେ ଅତିରିକ୍ତ ଭାବେ ନିୟୋଜିତ କରାଯିବ। ଏହି ୨୦୬ ଜଣ ଅଧିକାରୀଙ୍କ ମଧ୍ୟରେ ୩ ଜଣ ମେଜର ଜେନେରାଲ, ୮ଜଣ ବ୍ରିଗେଡିୟର, ୯ ଜଣ କର୍ଣ୍ଣେଲ, ୧୮୬ ଜଣ କର୍ଣ୍ଣେଲ/ମେଜର ପାହ୍ୟାର ଅଧିକାରୀ ଅଛନ୍ତି।

# ବାଘ ଶିକାର କ୍ଷେତ୍ରରେ ଭାରତ ପ୍ରଥମ

**ନୂଆଦିଲ୍ଲୀ:** ବାର୍ଷିକ ୧୦୪ ହାରରେ ୨୦୦୦ରୁ ୨୦୧୮ ମଧ୍ୟରେ ବିଶ୍ୱର ପ୍ରାୟ ୩୨ଟି ଦେଶରେ ୧୯୭୭ଟି ବାଘ ଶିକାର କରାଯାଇଛି। ଏହାକୁ ବାଦ୍ ଦେଲେ, ୩୮୨ଟି ବାଘ ଶିକାରୀଙ୍କ ହାତରେ ବନ୍ଦୀ ଅଛନ୍ତି। ବ୍ରିଟେନ୍‌ର କେମ୍ବ୍ରିଜସ୍ଥିତ ଟ୍ରାଫିକ୍ ଇଣ୍ଟରନ୍ୟାସନାଲ୍ ଦ୍ୱାରା ପ୍ରସ୍ତୁତ ରିପୋର୍ଟରୁ ଏହି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ଆନ୍ତର୍ଜାତିକ ସ୍ତରରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ସଂସ୍ଥା 'ଟ୍ରାଫିକ୍' ବନ୍ୟଜନ୍ତୁ ଶିକାର ଓ ଅବୈଧ ବେପାର ସମେତ ବିଲୁପ୍ତପ୍ରାୟ ବୃକ୍ଷଲତା ସଂରକ୍ଷଣ ଦିଗରେ କାର୍ଯ୍ୟ କରିଆସୁଛି। ସାରା ବିଶ୍ୱରେ ବାଘସଂଖ୍ୟା ୩୯୫୧ ଥିଲାବେଳେ କେବଳ ଭାରତରେ ସର୍ବାଧିକ ୨୯୭୬ ବାଘ ଅଛନ୍ତି। ସେହି ଦୃଷ୍ଟିରୁ ଭାରତରେ ବାଘ ଶିକାର ହାର ମଧ୍ୟ ଯଥେଷ୍ଟ ଅଧିକ ଅଛି। ବିଗତ ୧୯ ବର୍ଷରେ ଭାରତରେ ୬୨୬ ବାଘ ଶିକାର କରାଯିବା ସହ ୪୬୩ ମାମଲା ରୁଜୁ କରାଯାଇଛି। ଭାରତରେ କୌଣସି ଶିକାରୀଙ୍କଠାରୁ ଜୀବିତ ବାଘ ଉଦ୍ଧାର କରାଯାଇଥିବାର ସୂଚନା ନାହିଁ। ବାଘ ଶିକାର କ୍ଷେତ୍ରରେ ଭାରତ ପ୍ରଥମ ସ୍ଥାନରେ ଥିଲାବେଳେ ଦ୍ୱିତୀୟରେ ଅଛି ଥାଇଲ୍ୟାଣ୍ଡ। ଗତ ୧୯ ବର୍ଷ ମଧ୍ୟରେ ଥାଇଲାଣ୍ଡରେ ୩୬୯ଟି ବାଘ ଶିକାର କରାଯାଇଛି। ତୃତୀୟ ସ୍ଥାନରେ ଇଣ୍ଡୋନେସିଆ ଅଛି। ୨୦୦୦-୨୦୧୮ ମଧ୍ୟରେ ଇଣ୍ଡୋନେସିଆରେ ୨୬୬ ବାଘ ଶିକାରୀଙ୍କ ହାତରେ ମରିଛନ୍ତି। ତାଲିକାର ଚତୁର୍ଥରେ ଚୀନ୍ (୨୪୬), ପଞ୍ଚମରେ ଭିଏତ୍‌ନାମ (୨୧୬), ଷଷ୍ଠରେ ନେପାଳ (୧୯୭), ସପ୍ତମରେ ମାଲେସିଆ (୧୦୩), ଅଷ୍ଟମରେ ରୁଷିଆ (୧୦୭), ନବମରେ ବାଂଲାଦେଶ (୯୧) ଓ ଦଶମରେ ଲାଓସ୍ (୩୯) ଅଛନ୍ତି। ଏସିଆର ପ୍ରାୟ ୧୩ଟି ଦେଶରେ ବାଘ ମୃତ୍ୟୁସଂଖ୍ୟା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଛି। ସରକାରଙ୍କ କଠୋର ଆଇନ ସତ୍ତ୍ୱେ ଶିକାରୀଙ୍କ ଉପଦ୍ରବ କମିବାର ନାମ ଧରୁନି। ବାର୍ଷିକ ପ୍ରାୟ ୧୨୪ ହାରରେ ବାଘ ଶିକାରୀଙ୍କୁ ଧରାଯାଇଛି। ଆନ୍ତର୍ଜାତିକ ସ୍ତରରେ ବାଘର ନଖ, ଦାନ୍ତ,



**୧୯ ବର୍ଷରେ ଶିକାର ହୋଇଛନ୍ତି ୬୨୬ ବାଘ**

ଚମଡ଼ା ଓ ହାଡ଼ର ଚାହିଦା ଥିବାରୁ ଶିକାରୀମାନେ ଏ ଦିଗରେ ଉତ୍ସାହିତ ହେଉଛନ୍ତି। ବନ୍ୟଜନ୍ତୁଙ୍କୁ ଜୀବିତ ଅବା ମୃତ୍ୟୁ ଅବସ୍ଥାରେ ଚୋରାଚାଲାଣ କରାଯାଉଛି। ସ୍ଥଳବିଶେଷରେ ଶିକାରୀମାନେ ବାଘକୁ ମାରି ସେମାନଙ୍କ ଦାନ୍ତ, ନଖ, ହାଡ଼, ମାଂସ ସମେତ ଶରୀରର ଅନ୍ୟାନ୍ୟ ଅଙ୍ଗକୁ ସତର୍କତାର ସହ ଚାଲାଣ କରିବା ପାଇଁ ନିରାପଦ ମଣୁଛନ୍ତି। ଭାରତରେ ବାଘ ସଂଖ୍ୟା ଯେଉଁ ହାରରେ ବୃଦ୍ଧି ପାଉଛି, ସେହି ହାରରେ ହ୍ରାସ ପାଉଛି। ପ୍ରାକୃତିକ ଶୋଭାବର୍ଦ୍ଧନ କରିବାରେ ବାଘର ଭୂମିକା ଯଥେଷ୍ଟ ଥିବାବେଳେ ସରକାରଙ୍କ ଦୂରଦୃଷ୍ଟିର ଅଭାବ ସେଥିପ୍ରତି ବାଧକ ସାଜିଛି। ଦେଖିବାକୁ ମିଳିଛି ଯେ ଅଭୟାରଣ୍ୟରେ ଅବାଧ ବାଘ ଶିକାର ଚାଲିଛି। ବନ୍ୟ କର୍ମଚାରୀଙ୍କ ମହଜୁଦ ସତ୍ତ୍ୱେ ଜାତୀୟ ଉଦ୍ୟାନରେ ବାଘ ଶିକାର ବୃଦ୍ଧି ପାଇବା ସରକାରୀ କଳର ଉଦାସୀନତାକୁ ବୁଝାଉଛି। ସରକାରଙ୍କ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ଯେତେ କଡ଼ା ହେଉ ନା କାହିଁକି, ସେଗୁଡ଼ିକୁ କଡ଼ାକଡ଼ି କାର୍ଯ୍ୟକାରୀ କରାନଗଲେ ଶିକାରୀଙ୍କ ଲୋଲୁପ ଦୃଷ୍ଟିରୁ ବନ୍ୟପ୍ରାଣୀଙ୍କୁ ବଞ୍ଚାଇବା କଷ୍ଟକର ହେବ। ଅନ୍ୟପକ୍ଷରେ ଦେଖାଯାଉଛି, ଜୈବ ପରିବର୍ତ୍ତନ କାରଣରୁ ବାଘଗୁଡ଼ିକ ବାସସ୍ଥାନ ପରିବର୍ତ୍ତନ କରିବାକୁ ବାଧ୍ୟ ହେଉଛନ୍ତି। ଏଥିପାଇଁ ମନୁଷ୍ୟକୃତ ତ୍ରୁଟି ଦାୟୀ କହିଲେ ଠିକ୍ ହେବ। ଅବାଧ ଗଛକଟା, ସହରାଞ୍ଚଳ ବୃଦ୍ଧି, କଳକାରଖାନା ପ୍ରତିଷ୍ଠା, ଶିଳ୍ପାଞ୍ଚଳରୁ ନିର୍ଗତ ବିଷାକ୍ତ ଗ୍ୟାସ, ଯାନବାହନରୁ ବାହାରୁଥିବା ବିଷାକ୍ତ ଗ୍ୟାସ ପ୍ରଭାବରେ ଜୈବ ପରିବର୍ତ୍ତନ ଘଟୁଛି। ସେହି ଅନୁପାତରେ ବନ୍ୟଜନ୍ତୁଙ୍କ ଜୀବନଯାପନ ଉପରେ କୁପ୍ରଭାବ ପଡୁଛି। ବାଘ ସମେତ ଅନ୍ୟ ବନ୍ୟପ୍ରାଣୀଙ୍କ ପ୍ରଜନନ ଓ ଶାବକଙ୍କ ଲାଳନପାଳନ କରିବାରେ ସବୁଜିମା ବଣପାହାଡ଼ର ଆବଶ୍ୟକତା ରହିଛି। କିନ୍ତୁ ବିକାଶ ଆଳରେ ପ୍ରାକୃତିକ ବନାନୀକୁ ଧ୍ୱଂସମୁଖରେ ପକାଇ ଖଣିଜ ସମ୍ପଦ ଲୁଟ୍ କରି ଏ ମଣିଷ ସମାଜ ବନ୍ୟପ୍ରାଣୀ ଓ ଉଦ୍ଭିଦଙ୍କ ପ୍ରତି ଘୋର ଅନ୍ୟାୟ କରିଚାଲିଛି। ଆମେ ସମସ୍ତେ ଭୁଲିଯାଉଛୁ, ବିଳାସମୟ ଜୀବନଯାପନ ପାଇଁ ଆମେ ବନ୍ୟପ୍ରାଣୀ ଓ ଜଙ୍ଗଲକୁ ଧ୍ୱଂସ କରିବା ସହ ନିଜ ପାଇଁ ମରଣଯନ୍ତା ତିଆରି କରୁଛୁ।



# ନିୟନ୍ତ୍ରଣରେ ଅଛି ନକ୍ସଲ କାର୍ଯ୍ୟକଳାପ: ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର:** ନକ୍ସଲ କାର୍ଯ୍ୟକଳାପ ନିୟନ୍ତ୍ରଣରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ହାସଲ କରିଛି ବୋଲି ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କହିଛନ୍ତି। ରାଜ୍ୟରେ ନକ୍ସଲ କାର୍ଯ୍ୟକଳାପ ସମ୍ବନ୍ଧିତ ଉଚ୍ଚସ୍ତରୀୟ ବୈଠକପରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତରଦେଇ ଶ୍ରୀ ତ୍ରିପାଠୀ ଏହା କହିଛନ୍ତି। ମୁଖ୍ୟ ଶାସନ ସଚିବ କହିଥିଲେ ଯେ ଲଗାତାରଭାବେ ପ୍ରତିକାରାତ୍ମକ ପଦକ୍ଷେପ ଏବଂ ଇଂଟେଲିଜେନ୍‌ସ୍‌ ଭିତିକ ଲକ୍ଷ୍ୟଭେଦୀ କାର୍ଯ୍ୟଧାରା ଫଳରେ ଏହା ସମ୍ଭବ ହୋଇଛି। ଇତି ମଧ୍ୟରେ ୧୫ ନକ୍ସଲ ପ୍ରଭାବିତ ଜିଲ୍ଲା ମଧ୍ୟରୁ ୧୦ଟିକୁ ମାଓବାଦୀ କାର୍ଯ୍ୟକଳାପ ମୁକ୍ତ କରାଯାଇଛି। ଶ୍ରୀ ତ୍ରିପାଠୀ ଆହୁରି ମଧ୍ୟ କହିଥିଲେ ଯେ ନକ୍ସଲ ମୁକାବିଲାର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ତ୍ୱରାନ୍ୱିତ ବିକାଶ। ଗୁରୁପ୍ରିୟା ସେତୁ ନିର୍ମାଣ ଉପରେ ସ୍ୱାଭିମାନ ଅଞ୍ଚଳରେ ଯେପରି ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି ସେହିପରି ବିକାଶ ପ୍ରକ୍ରିୟା ସମଗ୍ର ଦକ୍ଷିଣ ଓଡ଼ିଶାରେ ଜାରି ରଖିବା ପାଇଁ ସରକାର ଚେଷ୍ଟିତ ଅଛନ୍ତି। ବିକାଶ ପାଇଁ ରାସ୍ତାଘାଟ ସଂଯୋଗ ଓ ଟେଲି-ଯୋଗାଯୋଗ ଉପରେ ମଧ୍ୟ ଦିଲ୍ଲୀ ବୈଠକରେ ଆଲୋଚନା ହେବ। ରାଜ୍ୟ ସଚିବାଳୟଠାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଗୃହ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚୋପଡା ନକ୍ସଲ ସମସ୍ୟା ସମ୍ବନ୍ଧିତ ପ୍ରଶାସନିକ ଓ ଆର୍ଥିକ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ। ଆରକ୍ଷୀ ମହାନିର୍ଦ୍ଦେଶକ ବିଜୟ କୁମାର ଶର୍ମା କ୍ଷେତ୍ରସ୍ତରୀୟ ସଦ୍ୟତନ ତଥ୍ୟ ଅବଗତ କରାଇଥିଲେ। ବୈଠକରେ ନିରାପତ୍ତା, ନକ୍ସଲ ନିରୋଧି କାର୍ଯ୍ୟପନ୍ଥା ସହ ଉନ୍ନମୂଳକ ଯୋଜନା ଗୁଡିକର କାର୍ଯ୍ୟାନ୍ୱୟନ ବିଷୟରେ ଆଲୋଚନା ହୋଇଥିଲା। ଜଙ୍ଗଲ ଅଧିକାର ଆଇନ୍ ବଳରେ ଆଦିବାସୀ ମାନଙ୍କୁ ପଟ୍ଟା ବଣ୍ଟନ, ଏକଲବ୍ୟ ଆବାସିକ ବିଦ୍ୟାଳୟ ସ୍ଥାପନ ଓ କାର୍ଯ୍ୟକାରିତା, କୌଶଳ ବିକାଶ, ସଡ଼କ ନିର୍ମାଣ, ମୋବାଇଲ ଟାୱାର ନିର୍ମାଣ, ବ୍ୟାଙ୍କ୍ ପ୍ରତିଷ୍ଠା, ଡାକ ସେବା ଆଦି ବିଷୟରେ ଆଲୋଚନା ହୋଇଥିଲା। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୧,୪୧,୪୭୧ ଆଦିବାସୀ ପରିବାରଙ୍କୁ ଜଙ୍ଗଲ ଅଧିକାର ଆଇନରେ ଜମି ପଟ୍ଟା ସହ ଅନ୍ୟାନ୍ୟ ସହାୟତା ଯୋଗାଇ ଦିଆଯାଇଛି। ଏ କ୍ଷେତ୍ରରେ ଓଡ଼ିଶା ଜାତୀୟ ସ୍ତରରେ ଅଗ୍ରଣୀ ରାଜ୍ୟର ମାନ୍ୟତା ପାଇଛି। ଆର୍‌ଆର୍‌ପି ଯୋଜନାର ୧ମ-ପର୍ଯ୍ୟାୟରେ ଅନୁମୋଦିତ ୨୯ଟି ରାସ୍ତା ପ୍ରକଳ୍ପର କାର୍ଯ୍ୟ ପ୍ରାୟତଃ ପୂର୍ଣ୍ଣାଙ୍ଗ ହୋଇଛି। ୨-ପର୍ଯ୍ୟାୟରେ ଅନୁମୋଦିତ ୩୩ଟି ପ୍ରକଳ୍ପର କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ କରାଯାଇଛି। ସେହିପରି ମାଲ୍‌କାନ୍‌ଗିରି ଓ କୋରାପୁଟ ଜିଲ୍ଲାରେ ୨ଟି ଏକଲବ୍ୟ ଆବାସିକ ବିଦ୍ୟାଳୟ ଆରମ୍ଭ କରାଯାଇଛି। ୨୦୧୯-୨୦ ପାଇଁ ଅଧିକ ୩ଟି ବିଦ୍ୟାଳୟ ଅନୁମୋଦିତ ହୋଇଛି। ଆଦିବାସୀ ଯୁବକ ଯୁବତୀ ମାନଙ୍କର ନିଯୁକ୍ତି ଭିତିକ କୌଶଳ ବୃଦ୍ଧି ନିମନ୍ତେ ୧ମ-ପର୍ଯ୍ୟାୟରେ ବର୍ତ୍ତମାନ ପର୍ଯ୍ୟନ୍ତ ୫ଟି ଆଇଟିଆଇ ଏବଂ ୧୦ଟି କୌଶଳ ବିକାଶ କେନ୍ଦ୍ର କାର୍ଯ୍ୟକ୍ଷମ କରାଯାଇଛି। ୨ୟ-ପର୍ଯ୍ୟାୟରେ ୧ଟି ଆଇଟିଆଇ ଏବଂ ୧ଟି କୌଶଳ ବିକାଶ କେନ୍ଦ୍ରର ନିର୍ମାଣ ତ୍ୱରାନ୍ୱିତ ହୋଇଛି। ୧ମ-ପର୍ଯ୍ୟାୟରେ ଅନୁମୋଦିତ ୨୫୩ଟି ବିଏସ୍‌ଏନ୍‌ଏଲ୍ ମୋବାଇଲ ଟାୱାର ମଧ୍ୟରୁ ୨୪୮ଟି ନିର୍ମାଣ ସରିଥିଲେ ମଧ୍ୟ ଏହାର କାର୍ଯ୍ୟଦକ୍ଷତା ନିମ୍ନ ସ୍ତରର ରହିଛି। ଏଗୁଡିକୁ ୪-ଜି ସ୍ତରକୁ ଉନ୍ନିତ କରିବା ନିମନ୍ତେ ଆଶୁ ପଦକ୍ଷେପ ନେବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ୨ୟ-ପର୍ଯ୍ୟାୟରେ ୮୬୬ଟି ଟାୱାର ବସାଇବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ସ୍ଥାନ ନିରୁପଣ କରାଯାଇ କେନ୍ଦ୍ରୀୟ ମନ୍ତ୍ରଣାଳୟଙ୍କୁ ଜଣାଇ ଦିଆଯାଇଥିଲା। ସେଥିରୁ ୪୮୩ ଟି ଟାୱାର ପ୍ରତିଷ୍ଠା ପାଇଁ ମନ୍ତ୍ରଣାଳୟ ଅନୁମୋଦନ କରିଛନ୍ତି। ଅନୁମୋଦିତ ସ୍ଥାନ ମାନଙ୍କରେ ଟାୱାର ସ୍ଥାପନ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ମଧ୍ୟ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ନକ୍ସଲ ପ୍ରଭାବରୁ ମୁକ୍ତ ହୋଇଥିବା ୫୫୧ଟି ପଞ୍ଚାୟତରେ ବ୍ୟାଙ୍କ ପ୍ରତିଷ୍ଠା ଏବଂ ଡାକଘର ମାଧ୍ୟମରେ ବ୍ୟାଙ୍କ ସେବା ଯୋଗାଣ ଆଦି ବିଷୟରେ ମଧ୍ୟ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ପୋଲିସ ମହାନିର୍ଦ୍ଦେଶକ ବିଜୟ କୁମାର ଶର୍ମା, ଗୃହ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚୋପଡା, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା, ଗ୍ରାମ ଉନ୍ନୟନ ପ୍ରମୁଖ ଶାସନ ସଚିବ ଡ଼ଃ ମୋନା ଶର୍ମା, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ପ୍ରଶାସନିକ, ପୋଲିସ୍ ଓ ଇଣ୍ଟେଲିଜେନ୍‌ସ୍ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# +୩ ମହାବିଦ୍ୟାଳୟରୁ ଅଲଗା ହେବ +୨



**ଭୁବନେଶ୍ୱର:** + ୩ ମହାବିଦ୍ୟାଳୟରୁ +୨କୁ ପୃଥକ କରାଯିବା ଦିଗରେ ଆବଶ୍ୟକୀୟ ପଦକ୍ଷେପ ନିଆଯାଇଛି। ପର୍ଯ୍ୟାୟକ୍ରମେ ଏହି କାର୍ଯ୍ୟ କରାଯାଇ ପୃଥକୀକରଣ କାର୍ଯ୍ୟ ଶେଷ କରାଯିବ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଲୋକସେବା ଭବନଠାରେ ଉଚ୍ଚଶିକ୍ଷା ବିଭାଗ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏକ ଉଚ୍ଚସ୍ତରୀୟ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା। ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ସମେତ ଅତିରିକ୍ତ ମୁଖ୍ୟ ଶାସନ ସଚିବ (ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ) ପ୍ରଦୀପ୍ତ କୁମାର ମହାପାତ୍ର, ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଯୋଗଦେଇ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ରାଜ୍ୟର କେତେକ ସ୍ଥାନରେ ଇତି ମଧ୍ୟରେ +୨ ଏବଂ +୩ ମହାବିଦ୍ୟାଳୟ ପୃଥକ ଭାବରେ କାର୍ଯ୍ୟ କରୁଛି। ତେବେ ଯେଉଁ କମ୍ପୋଜିଟ୍ ମହାବିଦ୍ୟାଳୟ ଗୁଡିକରେ ଯୁକ୍ତ ୨ ଏବଂ ଯୁକ୍ତ ୩ ମହାବିଦ୍ୟାଳୟ ସହିତ ରହିଛି ସେଠାରେ ପର୍ଯ୍ୟାୟକ୍ରମେ ଯୁକ୍ତ ୨କୁ ପୃଥକ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ପାଠପଢ଼ଶ ସୁବିଧା ନିମନ୍ତେ ଯୁକ୍ତ ୨ ଏବଂ ଯୁକ୍ତ ୩ ଶ୍ରେଣୀଗୃହ ପୃଥକ କରାଯିବ। ପର୍ଯ୍ୟାୟକ୍ରମେ ଯୁକ୍ତ ୨ ଓ ଯୁକ୍ତ ୩ର ଭିତ୍ତିଭୂମିକୁ ପୃଥକ କରାଯିବ। ଯୁକ୍ତ ୨ରେ ନୂତନ ନିଯୁକ୍ତି ପର୍ଯ୍ୟନ୍ତ ଯୁକ୍ତ ୨ରେ ଶିକ୍ଷକ ଆବଶ୍ୟକତାକୁ ଅନୁଭବ କରି ଯୁକ୍ତ ୩ ମହାବିଦ୍ୟାଳୟର ଅଧକ୍ଷ ଯୁକ୍ତ ୩ ଅଧ୍ୟାପକମାନଙ୍କୁ ନିୟୋଜିତ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହିତ ବୈଠକରେ ମହାବିଦ୍ୟାଳୟର ଜମିଜମା ସମସ୍ୟା ଭିତ୍ତିଭୂମିର ସଠିକ୍ ପରିଚାଳନା, କର୍ମଚାରୀ ବଣ୍ଟନ ଆଦି ପ୍ରସଙ୍ଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ଅଶ୍ୱିନୀ ମିଶ୍ର, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ବିଶ୍ୱବ୍ୟାଙ୍କ ପ୍ରକଳ୍ପ, ଓଡ଼ିଶା ହାୟର ଏଜୁକେସନ ପ୍ରୋଗ୍ରାମ ଫର ଏକ୍ସିଲେନ୍ସ ଆଣ୍ଡ ଇକ୍ୟୁଇପଡ୍ ପରମେଶ୍ୱରନ ବିଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# ଏଣିକି ସିଧାସଳଖ ରୋଗୀଙ୍କ ସମସ୍ୟା ବୁଝିବେ ମେଡିକାଲ କର୍ତ୍ତୃପକ୍ଷ

**ଭୁବନେଶ୍ୱର:** ସରକାରୀ ଡାକ୍ତରଖାନାରେ ରୋଗୀମାନେ କିଭଳି ସେବା ପାଉଛନ୍ତି କର୍ତ୍ତୃପକ୍ଷ ଟେଲିଫୋନ୍ ମାଧ୍ୟମରେ ତାହା ରୋଗୀଙ୍କ ଠାରୁ ସିଧାସଳଖ ବୁଝିବେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀମାନଙ୍କ ସମ୍ମିଳନୀ ଉଦ୍‌ଘାଟନ ଅବସରରେ ଏହି ସୂଚନା ଦେବା ସହିତ ସିଡିଏମଓମାନେ ଏ ଦିଗରେ କାର୍ଯ୍ୟ କରିବାକୁ କହିଛନ୍ତି। ଶ୍ରୀ ଦାସ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଘୋଷଣା ଅନୁଯାୟୀ ଆସନ୍ତା ଗାନ୍ଧୀ ଜୟନ୍ତୀରୁ ରାଜ୍ୟରେ 'ମୋ ସରକାର' ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି। ତଦନୁଯାୟୀ ଲୋକେ କିଭଳି ସରକାରୀ ସେବା ପାଉଛନ୍ତି ସେ ସଂକ୍ରାନ୍ତରେ ସରକାରୀ ଅଧିକାରୀମାନେ ଟେଲିଫୋନ୍ କରି ଲୋକଙ୍କ ଠାରୁ ତାହା ବୁଝିବେ। ଏହି ଆଧାରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ରୋଗୀଙ୍କ ମତାମତ ସଂଗ୍ରହ ହେବ। ଏହି କାର୍ଯ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଡାକ୍ତର ପ୍ରମୋଦ କୁମାର ମେହେର୍ଦ୍ଦାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯିବ। ଏଥିପାଇଁ ଏକ ଅଫିସରସ୍ତରୀୟ ଟିମ୍ ଗଠନ କରାଯାଇଛି। ଚିକିତ୍ସାଧିନ ରୋଗୀଙ୍କ ମତାମତ ଆଧାରରେ ଆବଶ୍ୟକ ପଦକ୍ଷେପ ନିଆଯିବ। ଏହି କାର୍ଯ୍ୟ କିଭଳି ସୁରୁଖୁରୁରେ ହେବ ତାହାର ଗୁରୁଦାୟିତ୍ୱ ସିଡିଏମଓମାନଙ୍କ ଉପରେ ରହିଥିବାରୁ ସେମାନେ ଏଥିପାଇଁ ବିଶେଷ ଧ୍ୟାନ ଦେବାକୁ ମନ୍ତ୍ରୀ କହିଛନ୍ତି। ଏହି ଦିନିକିଆ ସମ୍ମିଳନୀରେ ମାଗଣା ଔଷଧ ଯୋଗାଣ କାର୍ଯ୍ୟକ୍ରମ ନିରାମୟ, ଚିକିତ୍ସାଳୟରେ ପରିମଳ ବ୍ୟବସ୍ଥା ଲାଗି ପିପିପି ମୋଡ୍‌ରେ କାର୍ଯ୍ୟକାରୀ ହେଉଥିବା ନିର୍ମଳ, ସାର୍ବଜନୀନ ଚକ୍ଷୁ ଚିକିତ୍ସା ବ୍ୟବସ୍ଥା ସୁନେତ୍ର, ଡିଜିଟାଲ ଡିସପେନସାରୀ ଆଦି ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି। ନିରାମୟ ଯୋଜନାରେ ରୋଗୀମାନେ ଯେଭଳି ସହଜରେ ମାଗଣା ଔଷଧ ପାଇ ପାରିବେ ମନ୍ତ୍ରୀ ଶ୍ରୀ ଦାସ ତାହା ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଯେଉଁଠାରେ ନିରାମୟ ଯୋଜନାରେ ଔଷଧ ନଥିବ ସେଠାରେ ଡାକ୍ତରଖାନା କର୍ତ୍ତୃପକ୍ଷ ବାଜାରରୁ ଔଷଧ କିଣି ରୋଗୀଙ୍କୁ ଯୋଗାଇବେ।

# ଛାତ୍ର ସଂସଦ ନିର୍ବାଚନ ବାତିଲ

**ଭୁବନେଶ୍ୱର:** ଚଳିତ ବର୍ଷ କଲେଜ ଓ ବିଶ୍ୱ ବିଦ୍ୟାଳୟର ଛାତ୍ର ସଂସଦର ନିର୍ବାଚନ ନ କରିବା ପାଇଁ ଉଚ୍ଚ ଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ଏ ସମ୍ପର୍କରେ କଲେଜର ଅଧ୍ୟକ୍ଷ ଏବଂ ବିଶ୍ୱ ବିଦ୍ୟାଳୟର କୁଳପତି ମାନଙ୍କୁ ଶାସନ ସଚିବ ଶାସ୍ୱତ ମିଶ୍ର ଚିଠି ଲେଖି ଜଣାଇଛନ୍ତି। ଯେଉଁଠି ଆବଶ୍ୟକ ପଡ଼ିବ ସେଠାରେ ନିର୍ବାଚନ ପରିବର୍ତ୍ତେ ଛାତ୍ର ପ୍ରତିନିଧି ମନୋନୟନ କରାଯିବ ବୋଲି ଏହି ଚିଠିରେ ଦର୍ଶାଯାଇଛି। ଶ୍ରୀ ମିଶ୍ର ତାଙ୍କ ଚିଠିରେ ଦର୍ଶାଇଛନ୍ତି ଯେ ଛାତ୍ର ସମୁଦାୟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଚଳିତ ବର୍ଷ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ରାଜ୍ୟର ସବୁ ବିଶ୍ୱବିଦ୍ୟାଳୟ ଓ ଡିଗ୍ରୀ କଲେଜଗୁଡିକରେ ଛାତ୍ର ସଂସଦ ନିର୍ବାଚନ ନକରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଯେଉଁ ବିଶ୍ୱବିଦ୍ୟାଳୟ ଓ କଲେଜରେ ଛାତ୍ର ପ୍ରତିନିଧିଙ୍କର ଆବ୍ୟାକତା ଥିବ ସେଠାରେ ଛାତ୍ର ପ୍ରତିନିଧି ମନୋନୀତ କରିବା ପାଇଁ ବିକଳ୍ପ ବ୍ୟବସ୍ଥା କରାଯିବ। ଏନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଶ୍ୱବିଦ୍ୟାଳୟ ଓ କଲେଜ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। ପ୍ରକାଶଥାଉକି, ଆସନ୍ତା ସେପ୍ଟେମ୍ବର ୩୦ରେ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ହେବା କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ଏହା ପୂର୍ବରୁ କେତେକ କଲେଜରେ ନିର୍ବାଚନୀ ପୂର୍ବ ହିଂସାକାଣ୍ଡ ଘଟିବା ଯୋଗୁଁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି।

# ୨ରୁ ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ

**ଭୁବନେଶ୍ୱର :** ବିଜୁ ଜନତା ଦଳ ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ ଆଗାମୀ ସେପ୍ଟେମ୍ବର ୨ ତାରିଖରୁ ଆରମ୍ଭ ହେବ। ରାଜ୍ୟବ୍ୟାପୀ ସଭ୍ୟ ସଂଗ୍ରହ ଅଭିଯାନ ପାଇଁ ବିଜେଡି ଏକ ରାଜ୍ୟସ୍ତରୀୟ କମିଟି ଗଠନ କରିଛି। ଏହି କମିଟି ଦଳର ସଭ୍ୟ ସଂଗ୍ରହ ଅଭିଯାନ ଉପରେ ନଜର ରଖିବ। କମିଟିର ଦାୟିତ୍ୱ ୭ଜଣଙ୍କୁ ଦିଆଯାଇଛି। ଦଳର ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ତଦାରଖ ପାଇଁ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ରାଜ୍ୟସ୍ତରୀୟ କମିଟି ଗଠନ କରିଛନ୍ତି। କମିଟର ଆବାହକ ଭାବେ ଦଳର ଉପସଭାପତି ତଥା ବିଧାୟକ ଦେବୀପ୍ରସାଦ ମିଶ୍ର ଓ ସଭ୍ୟ ଭାବେ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ, ପ୍ରମିଳା ମଲ୍ଲିକ, ସଞ୍ଜୟ ଦାସବର୍ମା, ପ୍ରତାପ କେଶରୀ ଦେବ, ପ୍ରଦୀପ ପାଣିଗ୍ରାହୀ ଓ ପ୍ରଣବ ପ୍ରକାଶ ଦାସ କାର୍ଯ୍ୟ କରିବେ। ତେବେ ଏହି କମିଟିରେ ଉପକୂଳ ଓଡ଼ିଶାର ନେତାମାନଙ୍କୁ ଅଗ୍ରାଧିକାର ମିଳିଥିବା ବେଳେ ପଶ୍ଚିମ ଓଡ଼ିଶାରୁ କେବଳ ପ୍ରସନ୍ନ ଓ ଦକ୍ଷିଣ ଓଡ଼ିଶାରୁ ପ୍ରଦୀପଙ୍କୁ ନିଆଯାଇଛି। ଉତ୍ତର ଓଡ଼ିଶାର କୌଣସି ଜଣେ ବି ନେତାଙ୍କୁ ଏହି ରାଜ୍ୟସ୍ତରୀୟ କମିଟିରେ ସାମିଲ କରାଯାଇନାହିଁ। ଆସନ୍ତାବର୍ଷ ଜାନୁଆରୀ ମାସ ଶେଷ ସୁଦ୍ଧା ଦଳ ନିଜର ସାଂଗଠନିକ ନିର୍ବାଚନ ପ୍ରକ୍ରିୟା ଶେଷ କରିବାକୁ ଲକ୍ଷ୍ୟ ରଖିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତାମାସଠୁ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ପାଇଁ ନିଷ୍ପତ୍ତି ନେଇଛି।

**'ପ୍ରଦାନ' ଓ 'ଜନସେବା କେନ୍ଦ୍ର' ସହ ଆପିକଲର ଚୁକ୍ତିପତ୍ର ସ୍ୱାକ୍ଷରିତ**

# ଉପକୃତ ହେବେ ୨ ଲକ୍ଷ ଚାଷୀ



**ଭୁବନେଶ୍ୱର:** କୃଷି ଉଦ୍ୟୋଗ ପ୍ରୋତ୍ସାହନ ଯୋଜନା ୨୦୧୮ର ପ୍ରଚଳନ ନିମନ୍ତେ ପ୍ରଦାନ ନାମକ ସଂସ୍ଥା ଓ ଆପିକଲ ମଧ୍ୟରେ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଯୋଜନା ମାଧ୍ୟମରେ ରାଜ୍ୟର ୧୨ ଟି ଜିଲ୍ଲାର ୪୦ଟି ଆଦିବାସୀ ଅଧ୍ୟୁଷିତ ବ୍ଲକ୍‌ରେ ୧୦୦୦ ଜଣ କୃଷି ଉଦ୍ୟୋଗୀଙ୍କୁ କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ଉଦ୍ୟୋଗ ସ୍ଥାପନ ପାଇଁ ଚୟନ କରାଯିବ ଏବଂ ସଶକ୍ତିକରଣ କରାଯିବ। ଏହାଦ୍ୱାରା ପ୍ରତି ଉଦ୍ୟୋଗୀ ୨୦୦ରୁ ଉର୍ଦ୍ଧ୍ୱ କ୍ଷୁଦ୍ର, ନାମମାତ୍ର ଚାଷୀଙ୍କୁ କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି କରି ସେମାନଙ୍କ ଆୟ ବୃଦ୍ଧିରେ ସହାୟକ ହେବେ। ଆଗାମୀ ୩ ବର୍ଷ ପର୍ଯ୍ୟନ୍ତ ଏହି ଯୋଜନା ଚାଲୁ ରହିବ। ୨ ଲକ୍ଷ ଚାଷୀଙ୍କୁ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପଶୁ ପାଳନ ତଥା କୃଷି ଯାନ୍ତ୍ରୀକରଣ ମାଧ୍ୟମରେ ଉତ୍ପାଦନ ବୃଦ୍ଧି କରି ଆତ୍ମନିର୍ଭରଶୀଳ ହେବା ପାଇଁ ସହାୟକ ହେବ। ଏହି ଯୋଜନା କୃଷି ଉଦ୍ୟୋଗୀ ସମ୍ପୃକ୍ତ ଅଞ୍ଚଳର କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ଉପୁଜୁଥିବା ସମସ୍ୟାର ସମାଧାନ ପାଇଁ ଏକକ ସେବା ପ୍ରଦାନକାରୀରୂପେ କାର୍ଯ୍ୟ କରିବ। ଏହାସହ କୃଷକ ଉତ୍ପାଦନ ସଂଘ ଓ ଆଗ୍ରହୀ କୃଷକ ଗୋଷ୍ଠୀମାନଙ୍କୁ ନେଇ ଉଦ୍ୟୋଗୀ ନିଜ ଅଞ୍ଚଳର କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇବ। ଅପରପକ୍ଷରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଅଧିକ ଉଦ୍ୟୋଗୀଙ୍କୁ ଆକୃଷ୍ଟ କରିବାପାଇଁ ଆପିକଲ ଓ ଜନସେବାକେନ୍ଦ୍ର ସହ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣାପତ୍ର ସ୍ୱାକ୍ଷର ହେବା ଫଳରେ ଗ୍ରାମାଞ୍ଚଳରେ ଏମକେୟୁୱାଇ ଯୋଜନାରେ କୃଷି, ଉଦ୍ୟାନକୃଷି, ମତ୍ସ୍ୟଚାଷ, ପଶୁପାଳନ ତଥା ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଜନସେବା କେନ୍ଦ୍ର ଉତ୍ସାହୀ ଉଦ୍ୟୋଗୀ ମାନଙ୍କୁ ପଞ୍ଜୀକରଣ ସୁଯୋଗ ଯୋଗାଇବ। ଏହା ବ୍ୟତୀତ ଜନସେବା କେନ୍ଦ୍ର ମାଧ୍ୟମରେ ଉତ୍ସାହୀ ଉଦ୍ୟୋଗୀମାନଙ୍କୁ ଅନଲାଇନ୍ ପକ୍ରିୟା ସମ୍ବନ୍ଧରେ ପ୍ରଶିକ୍ଷଣ ଯୋଗାଇ ଦିଆଯିବ। ଏହି କାର୍ଯ୍ୟକ୍ରମରେ କୃଷି ମନ୍ତ୍ରୀ ଡ.ଅରୁଣ ସାହୁ, କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ କୁମାର ମହାପାତ୍ର, ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ, କୃଷି ନିର୍ଦ୍ଦେଶକ ମୁଥୁ କୁମାର, ଉଦ୍ୟାନ କୃଷି ନିର୍ଦ୍ଦେଶକ ବିଜୟ କୁମାର ଉପାଧ୍ୟାୟଙ୍କ ସମେତ କୃଷି ବିଭାଗ, ଆପିକଲ ଓ ଜନସେବା କେନ୍ଦ୍ରର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# 'ଧାରା ୩୭୦ ଉଚ୍ଛେଦ ଜାମ୍ମୁ-କାଶ୍ମୀର ଓ ଲଦାଖରେ ବିକାଶର ରାସ୍ତା ଖୋଲିଲା'

**ଭୁବନେଶ୍ୱର:** ଧାରା ୩୭୦ ଉଛେଦ କରିବାକୁ ନେଇ ସାରା ଦେଶ ଏକ ଐତିହାସିକ ନିଷ୍ପତି ନେଇଛି। ଏପରି ଏକ ବ୍ୟବସ୍ଥା ଯାହାର କାରଣରୁ ଜାମ୍ମୁ-କାଶ୍ମୀର ଓ ଲଦାଖର ଆମ ଭାଇ-ଭଉଣୀ ମାନେ ସେମାନଙ୍କ ଅଧିକାରରୁ ବଂଚିତ ହୋଇଥିଲେ। ଯାହା ସେମାନଙ୍କ ବିକାଶରେ ବଡ ବାଧକ ଥିଲା, ତାହା ଏବେ ଦୂର ହୋଇଛି। ଯେଉଁ ସ୍ୱପ୍ନର ସର୍ଦ୍ଦାର ପଟେଲଙ୍କର ଥିଲା, ବାବା ସାହେବ ଆମ୍ବେଦକରଙ୍କର ଥଲା, ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଥିଲା, ଅଟଳ ଜୀ ଏବଂ କୋଟି କୋଟି ଦେଶଭକ୍ତଙ୍କର ଥିଲା ତାହା ଏବେ ପୂରଣ ହୋଇଛି ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନିରେ କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ। ଅପରାଜିତା କହିଛନ୍ତି ଯେ ଜାମ୍ମୁ-କାଶ୍ମୀର ଏବଂ ଲଦାଖରେ ଏକ ନୂଆ ଯୁଗର ଆରମ୍ଭ ହୋଇଛି। ଏବେ ଦେଶର ସମସ୍ତ ନାଗରିକମାନଙ୍କର ଅଧିକାର ମଧ୍ୟ ସମାନ, ଦାୟିତ୍ୱ ମଧ୍ୟ ସମାନ। ଅନୁଚ୍ଛେଦ ୩୭୦ ଏବଂ ୩୫-ଏ ଜାମ୍ମୁ-କାଶ୍ମୀରକୁ ବିଚ୍ଛିନ୍ନତାବାଦ, ଆତଙ୍କବାଦ ପରିବାରବାଦ ଏବଂ ବ୍ୟବସ୍ଥାରେ ବ୍ୟାପକ ପରିମାଣରେ ବ୍ୟାପିଥିବା ଭ୍ରଷ୍ଟାଚାର ବ୍ୟତୀତ କିଛି ଦେଇନାହିଁ। ଏହି ଦୁଇଟି ଅନୁଚ୍ଛେଦକୁ ଦେଶ ବିରୋଧରେ, କିଛି ଲୋକଙ୍କ ଭାବନାକୁ ଉତେଜିତ କରିବା ଲାଗି ପାକିସ୍ତାନ ପକ୍ଷରୁ ଏକ ଅସ୍ତ୍ର ଭାବେ ଉପଯୋଗ କରାଯାଉଥିଲା। ଏହି କାରଣରୁ ଗତ ତିନି ଦଶନ୍ଧି ମଧ୍ୟରେ ପାଖାପାଖି ୪୨ହଜାର ନିର୍ଦ୍ଦୋଷ ଲୋକଙ୍କୁ ଜୀବନ ହରାଇବାକୁ ପଡିଛି। ଜାମ୍ମୁ-କାଶ୍ମୀର ଏବଂ ଲଦାଖରେ ବିକାଶ ସେହି ଗତିରେ ହୋଇପାରିନାହିଁ ଯାହାର ସେମାନେ ଅଧିକାରୀ ଥିଲେ। ଏବେ ବ୍ୟବସ୍ଥାର ଏହି ଅଭାବ ଦୂର ହେବା ଫଳରେ ଜାମ୍ମୁ-କାଶ୍ମୀର ଏବଂ ଲଦାଖର ଲୋକମାନଙ୍କ ବର୍ତ୍ତମାନ ସୁଧୁରିଯିବା ସହିତ ସେମାନଙ୍କ ଭବିଷ୍ୟତ ମଧ୍ୟ ସୁରକ୍ଷିତ ହେବ। ଯେଉଁ ଆଇନ ଦେଶର ସମସ୍ତ ନାଗରିକଙ୍କ ପାଇଁ ତିଆରି ହୋଇଥାଏ ତାର ଲାଭରୁ ଜାମ୍ମୁ-କାଶ୍ମୀରର ଦେଢ କୋଟିରୁ ଅଧିକ ଲୋକ ବଂଚିତ ରହିଥାନ୍ତି। ଚିନ୍ତା କରନ୍ତୁ ଦେଶର ଅନ୍ୟ ରାଜ୍ୟରେ ପିଲାମାନଙ୍କର ଶିକ୍ଷା ଅଧିକାର ରହିଛି କିନ୍ତୁ ଜାମ୍ମୁ-କାଶ୍ମୀର ପିଲା ଏଥିରୁ ବଂଚିତ ଥିଲେ। ଦେଶର ଅନ୍ୟ ରାଜ୍ୟର ଝିଅମାନଙ୍କୁ ଯେଉଁ ଅଧିକାର ମିଳୁଛି, ସେସବୁ ଅଧିକାର ଜାମ୍ମୁ-କାଶ୍ମୀର ଝିଅମାନଙ୍କୁ ମିଳୁନଥିଲା। ଦେଶର ଅନ୍ୟ ରାଜ୍ୟରେ ସଫେଇ କର୍ମଚାରୀଙ୍କ ଲାଗି ସଫେଇ କର୍ମଚାରୀ ଆଇନ ଲାଗୁ ହୋଇଛି। ଜାମ୍ମୁ-କାଶ୍ମୀରର ସଫେଇ କର୍ମଚାରୀ ଏଥିରୁ ବଂଚିତ ଥିଲେ। ଦେଶର ଅନ୍ୟ ରାଜ୍ୟରେ ଦଳିତଙ୍କ ଉପରେ ଅତ୍ୟାଚାର ରୋକିବା ଲାଗି କଠୋର ଆଇନ ଲାଗୁ ହୋଇଛି ଜାମ୍ମୁ-କାଶ୍ମୀରରେ ଏହା ନଥିଲା। ଦେଶର ଅନ୍ୟ ରାଜ୍ୟରେ ସଂଖ୍ୟାଲଘୁଙ୍କ ସ୍ୱାର୍ଥର ସୁରକ୍ଷା ଲାଗି ମାଇନୋରିଟି ଆଇନ ଲାଗୁ ହୋଇଛି ଏହା ମଧ୍ୟ ଜାମ୍ମୁ-କାଶ୍ମୀରରେ ନଥିଲା। ଦେଶର ଅନ୍ୟ ରାଜ୍ୟରେ ଶ୍ରମିକଙ୍କ ସ୍ୱାର୍ଥ ସୁରକ୍ଷା ଲାଗି ସର୍ବନିମ୍ନ ମଜୁରି ଆଇନ ଲାଗୁ ହୋଇଛି ଜାମ୍ମୁ-କାଶ୍ମୀରରେ କାମ କରୁଥିବା ଶ୍ରମିକ ମାନଙ୍କ ପାଇଁ ଏହା କେବଳ କାଗଜକଲମରେ ହିଁ ମିଳୁଥିଲା। ଦେଶର ଅନ୍ୟ ରାଜ୍ୟରେ ନିର୍ବାଚନ ଲଢିବା ସମୟରେ ଅନୁସୂଚିତ ଜନଜାତିର ଭାଇ-ଭଉଣୀ ମାନଙ୍କୁ ସଂରକ୍ଷଣର ଲାଭ ମିଳୁଥିଲା ଜାମ୍ମୁ-କାଶ୍ମୀରରେ ଏହା ନଥିଲା। ଏବେ ଏହି ପାତର ଅନ୍ତର ବନ୍ଦ ହେଲା। ଦେଶର ସମସ୍ତ ନାଗରିକ ଯେଉଁ ଅଧିକାର ପାଉଛନ୍ତି କାଶ୍ମୀରିବାସୀ ମଧ୍ୟ ସେହି ସୁବିଧା ପାଇବେ ବୋଲି ଶ୍ରୀମତୀ ଷଡଙ୍ଗୀ କହିଛନ୍ତି।



ନୂଆ ବ୍ୟବସ୍ଥାରେ କେନ୍ଦ୍ର ସରକାରଙ୍କର ଏହା ପ୍ରାଥମିକତା ରହିବ ଯେ ରାଜ୍ୟର କର୍ମଚାରୀମାନଙ୍କୁ, ଜାମ୍ମୁ-କାଶ୍ମୀର ପୋଲିସକୁ ଅନ୍ୟ କେନ୍ଦ୍ର ଶାସିତ ପ୍ରଦେଶର କର୍ମଚାରୀ ଏବଂ ସେଠାକାର ପୋଲିସଙ୍କ ଭଳି ସମାନ ସୁବିଧା ମିଳିବ। ଏବେ କେନ୍ଦ୍ର ଶାସିତ ପ୍ରଦେଶ ଗୁଡିକରେ ଅନେକ ଏପରି ଆର୍ଥିକ ସୁବିଧା ଯେପରିକି ଏଲଟିସି, ଘରଭଡା ଭତା, ପିଲାମାନଙ୍କ ଶିକ୍ଷା ଲାଗି ଶିକ୍ଷା ଭତା, ସ୍ୱାସ୍ଥ୍ୟ ସୁବିଧା ଭଳି ଅନେକ ସୁବିଧା ଦିଆଯାଉଛି ଏଥିମଧ୍ୟରୁ ଅଧିକାଂଶ ଜାମ୍ମୁ-କାଶ୍ମୀରର କର୍ମଚାରୀମାନଙ୍କୁ ମିଳିନଥାଏ। ଏବେ ଜାମ୍ମୁ-କାଶ୍ମୀରର କର୍ମଚାରୀ ଏବଂ ସେଠାକାର ପୋଲିସକୁ ଏହି ସୁବିଧା ଯୋଗାଇ ଦିଆଯିବ ବୋଲି ଅପରାଜିତା କହିଛନ୍ତି। ଅପରାଜିତା କହିଛନ୍ତି ଯେ ଖୁବଶୀଘ୍ର ଜାମ୍ମୁ-କାଶ୍ମୀର ଏବଂ ଲଦାଖରେ ଖାଲିଥିବା ସମସ୍ତ କେନ୍ଦ୍ର ଓ ରାଜ୍ୟ ପଦବୀ ପୂରଣ କରିବାର ପ୍ରକ୍ରିୟା ଆରମ୍ଭ କରାଯିବ। ଏଥିରୁ ସ୍ଥାନୀୟ ଯୁବକମାନଙ୍କୁ ନିଯୁକ୍ତିର ପର୍ଯ୍ୟାପ୍ତ ସୁଯୋଗ ଉପଲବ୍ଧ ହେବ। ଏଥିସହିତ କେନ୍ଦ୍ର ସରକାରଙ୍କ ରାଷ୍ଟ୍ରାୟତ ଉଦ୍ୟୋଗ ଏବଂ ଘରୋଇ କ୍ଷେତ୍ରର ବଡ କମ୍ପାନୀ ଗୁଡିକୁ ନିଯୁକ୍ତି ସୁଯୋଗ ଉପଲବ୍ଧ କରାଇବା ଲାଗି ପ୍ରୋତ୍ସାହିତ କରାଯିବ। ଏହାବ୍ୟତୀତ ସେନା ଏବଂ ଅର୍ଦ୍ଧସାମରିକ ବାହିନୀ ପକ୍ଷରୁ ସ୍ଥାନୀୟ ଯୁବକମାନଙ୍କୁ ନିଯୁକ୍ତି ଦେବା ଲାଗି ର‍୍ୟାଲିମାନ ଆୟୋଜନ କରାଯିବ। ସରକାରଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ବୃତି ଯୋଜନାର ମଧ୍ୟ ସମ୍ପ୍ରସାରଣ କରାଯିବ। ଫଳରେ ଅଧିକରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଏହାର ଲାଭ ମିଳିପାରିବ। ଜାମ୍ମୁ-କାଶ୍ମୀରରେ ରାଜସ୍ୱ ନିଅଂଟ ବହୁତ ଅଧିକ ରହିଛି। କେନ୍ଦ୍ର ସରକାର ଏହା ମଧ୍ୟ ସୁନିଶ୍ଚିତ କରିବେ ଯେ ଏହାର ପ୍ରଭାବ ଯେମିତି କମ ହେବ। ଆମ ଦେଶର ଗଣତନ୍ତ୍ର ସବୁ ସୁଦୃଢ। ଜାମ୍ମୁ-କାଶ୍ମୀରରେ ଦଶନ୍ଧି ଦଶନ୍ଧି ଧରି ହଜାର ହଜାର ସଂଖ୍ୟାରେ ଏପରି ଭାଇ-ଭଉଣୀ ରହୁଛନ୍ତି ଯେଉଁମାନଙ୍କ ନିକଟରେ ଲୋକସଭା ନିର୍ବାଚନରେ ଭୋଟ ଦେବାର ଅଧିକାର ତ ଥିଲା, କିନ୍ତୁ ସେମାନେ ବିଧାନସଭା ଏବଂ ସ୍ଥାନୀୟ ପଞ୍ଚାୟତ ନିର୍ବାଚନରେ ମତଦାନ କରିପାରୁନଥିଲ। ବର୍ତମାନ ସେମାନଙ୍କୁ ସେମାନଙ୍କର ଗଣତାନ୍ତ୍ରିକ ଅଧିକାର ମିଳିବ ବୋଲି ଅପରାଜିତା କହିଛନ୍ତି। ଜାମ୍ମୁ-କାଶ୍ମୀର ଏବଂ ଲଦାଖରେ ବିଶ୍ୱର ସବୁଠୁ ବଡ ପର୍ଯ୍ୟଟନ ଲକ୍ଷ୍ୟସ୍ଥଳୀ ହେବାର କ୍ଷମତା ରହିଛି। ଏମିତି ଏକ ସମୟ ଥିଲା, ଯେତେବେଳେ ବଲିଉଡର ଚଳଚ୍ଚିତ୍ରର ଶୁଟିଂ ଲାଗି କାଶ୍ମୀର ସବୁଠୁ ପସନ୍ଦଯାଗ୍ୟ ସ୍ଥାନ ଥିଲା। ସେ ସମୟରେ ଅଧିକାଂଶ ଚଳଚ୍ଚିତ୍ର କାଶ୍ମୀରରେ ହିଁ ଶୁଟିଂ ହେଉଥିଲା। କେବଳ ଦେଶ ନୁହେଁ, ସାରା ବିଶ୍ୱରୁ ଲୋକମାନେ ଏଠାକୁ ଚଳଚ୍ଚିତ୍ର ଶୁଟିଂ ପାଇଁ ଆସିବେ। ସରକାର ଯେଉଁ ନିଷ୍ପତି ନେଇଛନ୍ତି, ତାହା ଜାମ୍ମୁ-କାଶ୍ମୀର ଏବଂ ଲଦାଖର ସେହି ନବଯୁବକମାନଙ୍କୁ ମଧ୍ୟ ସହାୟତା କରିବ, ଯେଉଁମାନେ କ୍ରୀଡା କ୍ଷେତ୍ରରେ ଆଗକୁ ବଢିବା ଲାଗି ଚାହୁଁଛନ୍ତି। ନୂଆ କ୍ରୀଡା ପ୍ରଶିକ୍ଷଣ, ନୂଆ କ୍ରୀଡା ଷ୍ଟାଡିୟମ, ବୈଜ୍ଞାନିକ ପରିବେଶରେ ତାଲିମ, ସେମାନଙ୍କୁ ବିଶ୍ୱରେ ନିଜ ପ୍ରତିଭା ପ୍ରଦର୍ଶନ କରିବାରେ ସହାୟତା ମିଳିପାରିବ ବୋଲି ଅପରାଜିତା କହିଛନ୍ତି।

ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୬ ଅଗଷ୍ଟ - ୦୧ ସେପ୍ଟେମ୍ବର, ୨୦୧୯

# କେନ୍ଦ୍ର ବିରୋଧୀ ସ୍ୱର ନାହିଁ



ସମ୍ପାଦକୀୟ
ତାରକ ମହାନ୍ତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଥମ ପାଳି ଶାସନ ଅପେକ୍ଷା ଦ୍ୱିତୀୟ ପାଳି ଶାସନରେ ଓଡ଼ିଶା ପ୍ରତି ଆଭିମୁଖ୍ୟରେ ଢେର ପରିବର୍ତ୍ତନ ହୋଇଥିବା ଲକ୍ଷ୍ୟ କରାଯାଉଛି। ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶାର ବିକାଶ ପ୍ରତି କେନ୍ଦ୍ର ସରକାର ଯେଭଳି ଭାବେ ସହଯୋଗର ହାତ ବଢ଼ାଇ ଚାଲିଛନ୍ତି ତାହା ବାସ୍ତବରେ କେନ୍ଦ୍ର-ରାଜ୍ୟର ସୁ-ସମ୍ପର୍କକୁ ପ୍ରତିପାଦିତ କରୁଛି। କିନ୍ତୁ ୨୦୧୯ ନିର୍ବାଚନ ପୂର୍ବରୁ ରାଜ୍ୟ ଶାସନ କ୍ଷମତାରେ ଥିବା ଶାସକ ବିଜେଡି ଦଳର ମୁଖିଆ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋଦି ସରକାରଙ୍କ ବିରୋଧରେ ଯେଭଳି କଟାକ୍ଷ ପ୍ରଦର୍ଶନ କରୁଥିଲେ ଓ ସିଧାସଳଖ କେନ୍ଦ୍ରୀୟ ଅବହେଳାକୁ ସମାଲୋଚନା କରୁଥିଲେ ତାହା ହଠାତ ଯେଭଳି ଉଭାନ ହୋଇଗଲା। ପୂର୍ବରୁ ମହାନଦୀ ଜଳ ବିବାଦକୁ ନେଇ ଛତିଶଗଡ଼ର ବିଜେପି ମୁଖ୍ୟମନ୍ତ୍ରୀ ରମଣ ସିଂ ସରକାରଙ୍କ ବିରୋଧରେ ବିଜେଡି ଆନ୍ଦୋଳନ, ଧର୍ମଘଟ ଓ ସଭାସମିତି କରୁଥିଲା ତାହା ବନ୍ଦ ହୋଇଯାଇଛି। ଯଦିଓ ଏବେ ଛତିଶଗଡ଼ରେ ବିଜେପି ସରକାର ନାହିଁ ତଥାପି ମହାନଦୀକୁ ନେଇ ବିଜେଡି କରୁଥିବା ତୁମ୍ବିତୋଫାନ ଓ ମୋଦି ସରକାରଙ୍କ ନିରବତାକୁ ଦାୟୀ କରିପାରୁନାହିଁ। ଏହାର କାରଣ କ'ଣ ହୋଇପାରେ ?

ସାଧାରଣ ନିର୍ବାଚନର ପୂର୍ବ ସ୍ଥିତି ଓ ନିର୍ବାଚନ ପରର ସ୍ଥିତି ଓଡ଼ିଶା ରାଜନୀତିକୁ ଏକ ନୂଆ ମୋଡରେ ପହଞ୍ଚାଇ ଦେଇଛି। କାରଣ କେନ୍ଦ୍ର ସରକାରଙ୍କ ସବୁ ନିଷ୍ପତ୍ତିକୁ ନବୀନଙ୍କ ସରକାର ନିସର୍ତ୍ତ ସମର୍ଥନ ଜଣାଉଥିଲା ବେଳେ ମୋଦି ସରକାର ମଧ୍ୟ ନବୀନଙ୍କୁ ସମପରିମାଣର ସମର୍ଥନ ଓ ଶୁଭେଚ୍ଛା ଜଣାଉଛନ୍ତି। ରେଳବାଇ କ୍ଷେତ୍ରରେ ହେଉ କି ସ୍ୱାସ୍ଥ୍ୟ ସୁରକ୍ଷା ପ୍ରସଙ୍ଗରେ ରାଜ୍ୟର ଦାବିକୁ କେନ୍ଦ୍ର ସମର୍ଥନ କରୁଛି। ଓଡ଼ିଶାକୁ ଅଧିକ କେନ୍ଦ୍ରୀୟ ସହାୟତା ଆଣିବା କ୍ଷେତ୍ରରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଯଥେଷ୍ଟ ଭୂମିକା ରହିଥିଲା ବେଳେ ମୁଖ୍ୟମନ୍ତ୍ରୀଙ୍କର କେନ୍ଦ୍ର ସରକାରଙ୍କୁ ସହଯୋଗ କ୍ଷେତ୍ରରେ ସେଭଳି ଭୂମିକା ଦେଖିବାକୁ ମିଳୁଛି। ସମ୍ପ୍ରତି ସାମୁଦ୍ରିକ ବାତ୍ୟା ଫଣି କ୍ଷୟକ୍ଷତି ବାବଦକୁ କେନ୍ଦ୍ର ସରକାର ଅତିରିକ୍ତ ୩୩୩୮.୨୨ କୋଟି ଟଙ୍କା ମଞ୍ଜୁର କରିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଏହା ଏଇଥିପାଇଁ ସମ୍ଭବ ହୋଇପାରିଛି ଯେ, ବର୍ତ୍ତମାନ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଏକ ଭଲ ସମ୍ପର୍କ ପ୍ରତିଷ୍ଠା ହୋଇପାରିଛି। ଓଡ଼ିଶାକୁ ପୂର୍ବରୁ ମିଳିଥିବା କେନ୍ଦ୍ରୀୟ ଅନୁଦାନକୁ ତୁଳନା କରେ ସାମୁଦ୍ରିକ ବାତ୍ୟା ଫଣି କ୍ଷୟକ୍ଷତିକୁ ମୋଦି ସରକାର ସର୍ବାଧିକ ସହାୟତା ରାଶି ଦେଇଛନ୍ତି। ଯେଉଁଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କୁ ଟ୍ୱିଟ୍ କରି ଧନ୍ୟବାଦ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ ଫଣି ବାତ୍ୟାକୁ ମୁକାବିଲା କରିବା ପାଇଁ ଓଡ଼ିଶାକୁ ୩୪୦ କୋଟି ଟଙ୍କାର ଆଗୁଆ ସହାୟତା ପ୍ରଦାନ କରିଥିଲେ କେନ୍ଦ୍ର ସରକାର। ଯାହା ଦେଖାଯାଉଛି କେନ୍ଦ୍ରର ମେଣ୍ଟ ସରକାରରେ ନବୀନଙ୍କ ସରକାର ନଥିଲେ ମଧ୍ୟ କେନ୍ଦ୍ରୀୟ ଯୋଜନାର ଅନୁଦାନ ରାଶି ହାସଲ କରିବା ଦିଗରେ ରାଜ୍ୟ ନିଶ୍ଚୟ ସଫଳ ହୋଇଛି। ସେହିଭଳି ଐତିହ୍ୟ ପର୍ଯ୍ୟଟନ ତାଲିକାରେ ଓଡ଼ିଶା ବାଦ୍ ପଡିବା ନେଇ ମୁଖ୍ୟମନ୍ତ୍ରୀ କେନ୍ଦ୍ର ମନ୍ତ୍ରୀଙ୍କୁ ଦେଇଥିବା ଚିଠିକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଏହି ତାଲିକାରେ ଓଡ଼ିଶାର ପୁରୀ ଓ କୋଣାର୍କକୁ ସାମିଲ କରିବା ପାଇଁ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ ସକାରାତ୍ମକ ସଙ୍କେତ ଦେଇଛନ୍ତି। ଦିଲ୍ଲୀରେ ଅନୁଷ୍ଠିତ ପର୍ଯ୍ୟଟନ ମନ୍ତ୍ରୀ ସମ୍ମିଳନୀରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ପଟେଲ କହିଛନ୍ତି ଯେ, କିଛି କାଗଜପତ୍ର କମ ରହିଥିବାରୁ ଉଭୟ ପୁରୀ ଓ କୋଣାର୍କକୁ ଆଇକନିକ୍ ହେରିଟେଜ୍ ତାଲିକାରେ ସାମିଲ କରାଯାଇ ପାରିନାହିଁ। ଏଗୁଡିକ ପୂରଣ କରାଯିବା ପାଇଁ ପଦକ୍ଷେପ ନିଆଯାଉଛି। ବିଜେପିର ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ନବୀନବାବୁ ଅକୁଣ୍ଠ ସମର୍ଥନ ଦେଇ ଚାଲିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଧାରା-୩୭୦ ଓ ୩୫ (ଏ) ଉଚ୍ଛେଦ କରାଯିବା ଭଳି ଐତିହାସିକ ନିଷ୍ପତ୍ତିକୁ ମଧ୍ୟ ସମର୍ଥନ କରିଛି ବିଜେଡି। ତେବେ ସାଧାରଣରେ ଏହା ବିଜେଡି-ବିଜେପିର ଭିତିରି ସମ୍ପର୍କର ଅଂଶବିଶେଷ ନା ଆଉ କିଛି ତାହାକୁ ନେଇ ମଧ୍ୟ ସନ୍ଦେହ ଦୂରୀଭୂତ ହୋଇପାରିନାହିଁ। ରାଜ୍ୟ କଂଗ୍ରେସ ଏନେଇ ସବୁବେଳେ ବିଜେଡିକୁ ଆକ୍ଷେପ କରୁଥିଲା ବେଳେ ରାଜ୍ୟ ବିଜେପି ମଧ୍ୟ ଏ ଦିଗରେ କୌଣସି ବିଶେଷ ପ୍ରତିକ୍ରିୟା ଦିଅନ୍ତି ନାହିଁ। ଯଦିଓ ଗତ ନିର୍ବାଚନରେ ରାଜ୍ୟ ବିଜେପି ମିଶନ-୧୨୦କୁ ନେଇ ଯେଉଁ ସ୍ୱପ୍ନ ଦେଖିଥିଲା ତାହା ସଫଳ ହେଲାନାହିଁ। ନବୀନଙ୍କ ଲୋକପ୍ରିୟତା ଆଗରେ କେନ୍ଦ୍ରର କୌଣସି ଲୋଭନୀୟ ଯୋଜନା ଓଡ଼ିଶାର ଭୋଟରଙ୍କୁ ପ୍ରଭାବିତ କରିପାରିଲା ନାହିଁ। ଏଭଳି ସ୍ଥିତିରେ ଆଗାମୀ ଦିନରେ ବିଜେପି ଯେ, ଓଡ଼ିଶାରେ ଶାସନ କରିବ ତାହା ଆଗୁଆ ଆକଳନ କରିବା ନିଶ୍ଚୟ କଷ୍ଟକର। କିନ୍ତୁ ଚର୍ଚ୍ଚା ଅନୁସାରେ କେନ୍ଦ୍ର ସରକାର ଓଡ଼ିଶାକୁ ସ୍ୱତନ୍ତ୍ର ଧ୍ୟାନ ଦେବା ପଛରେ ଗାଦି ଦଖଲ କରିବା। ହେଲେ ଏହି ସ୍ୱପ୍ନ ପଛରେ ବାସ୍ତବତାର ମାତ୍ରା ଏଯାବତ ବାରି ହୋଇପାରୁନାହିଁ। କାରଣ ନବୀନବାବୁ ସଦ୍ୟ ପ୍ରକାଶିତ ମୁଖ୍ୟମନ୍ତ୍ରୀ ତାଲିକାର ଏକ ନମ୍ବରରେ ରହିଛନ୍ତି। ସେହିଭଳି ରାଜ୍ୟର ଅନେକ ଯୋଜନା ସଠିକ୍ ବୋଲି ବହୁ କେନ୍ଦ୍ରୀୟ ନେତା କହିବା ସହିତ କେନ୍ଦ୍ର ସରକାର ଏହାକୁ ସାମାନ୍ୟ ଅଦଳ ବଦଳ କରି ସହଯୋଗ ଯୋଗାଇ ଦେବା ପାଇଁ ମଧ୍ୟ ଅଣ୍ଟା ଭିଡୁଛନ୍ତି। ଯେଭଳି ଓଡ଼ିଶାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ କେନ୍ଦ୍ରର ଆୟୁଷ୍ମାନ ଭାରତ ଯୋଜନା ଭିତରେ ସାମାନ୍ୟ ପାର୍ଥକ୍ୟ ଥିବାରୁ ଏହାକୁ ରାଜ୍ୟରେ କାର୍ଯ୍ୟକାରୀ କରାଯାଇ ପାରିନାହିଁ। କିନ୍ତୁ କେନ୍ଦ୍ର ସରକାର ରାଜ୍ୟ ଉପରେ ଏହି ଯୋଜନା ଲାଗୁ କରିବା ପାଇଁ ବାରମ୍ବାର ଚାପ ସୃଷ୍ଟି କରିଆସୁଛନ୍ତି। ଫଳସ୍ୱରୂପ ଭବିଷ୍ୟତରେ ଆୟୁଷ୍ମାନ ଭାରତ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହେବାର ସମ୍ଭାବନା ଦେଖାଦେଇଛି। ସେହିଭଳି କାଳିଆ ଯୋଜନାର ଉପାଦେୟତାକୁ ଅନୁଭବ କରି କେନ୍ଦ୍ର କୃଷକ ମାନଙ୍କ ପାଇଁ ପ୍ରଣୟନ କରିଥିବା ପ୍ରଧାନମନ୍ତ୍ରୀ କିଶାନ ଯୋଜନା ଏଠାରେ କାର୍ଯ୍ୟକାରୀ କରାଯିବ। ଗଣତାନ୍ତ୍ରିକ ରାଷ୍ଟ୍ରର ବ୍ୟବସ୍ଥା ଅନୁସାରେ କେନ୍ଦ୍ର-ରାଜ୍ୟ ସମ୍ପର୍କ ସୁଦୃଢ଼ ହେଲେ ବିକାଶ ଆପଣାଛାଏଁ ବାଟ ପାଇବ। ଓଡ଼ିଶା କ୍ଷେତ୍ରରେ ତାହାହିଁ ବୋଧେ ଘଟିବାକୁ ଯାଉଛି। ଯେଉଁଥିପାଇଁ ନବୀନଙ୍କ ବିଜେଡି ସରକାର ଓ ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଭିତରେ ଦୂରତା କମି କମି ଯାଉଛି। ଏବେ ଓଡ଼ିଶା ଗସ୍ତରେ ଆସୁଥିବା କୌଣସି କେନ୍ଦ୍ର ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସିଧାସଳଖ ଦୋଷ ନଦେଇ ଯୋଜନା ଭିତରେ ରହିଥିବା ଦୋଷ ତ୍ରୁଟିକୁ ବୁଲେଇ ବଙ୍କେଇ ଖୋଜୁଛନ୍ତି। ସମାନ ଭାବରେ ବିଜେଡି ସରକାର ମୋଦି ସରକାରଙ୍କ କାର୍ଯ୍ୟଧାରାକୁ ବିରୋଧ ନ କରି କେନ୍ଦ୍ରୀୟ ଯୋଜନାରୁ ଓଡ଼ିଶା କିଭଳି ଅଧିକ ଲାଭବାନ୍ ହେବ ସେଥିପ୍ରତି ଧ୍ୟାନ ଦେଉଛନ୍ତି। ତେବେ ଯାହାବି ହେଉଛି ତାହା ସାଧାରଣ ଲୋକଙ୍କ ମଙ୍ଗଳ ପାଇଁ। ଏଥିରୁ ରାଜନୈତିକ ଖିଅ ଖୋଜିବା ବର୍ତ୍ତମାନ ପରିସ୍ଥିତିରେ ନିରର୍ଥକ ମନେହୁଏ। ତେଣୁ ରାଜ୍ୟବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ନବୀନଙ୍କ ସରକାର କେନ୍ଦ୍ର ନିକଟରେ ଉପଯୁକ୍ତ ଦାବି ଉପସ୍ଥାପନ କରି ରାଜ୍ୟକୁ ଅଧିକରୁ ଅଧିକ ସଶକ୍ତ କରିବା ପାଇଁ ଯତ୍ନବାନ୍ ହେବା ଉଚିତ୍।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଦୁଇଦେଶ, ଭିନ୍ନ ପ୍ରଧାନମନ୍ତ୍ରୀ ଅଲଗା ଦୃଷ୍ଟିକୋଣ



**ଡାକ୍ତର ନୀଳମାଧବ ପୃଷ୍ଟି**

ଜାତିସଂଘ ନିରାପତ୍ତା ପରିଷଦରେ ଚୀନ୍ ଓ ପାକିସ୍ତାନ ବନ ଝଟ୍‌କା ଖାଇଛନ୍ତି। କାଶ୍ମୀର ମାମଲାରେ ଏକ ପ୍ରକାର ମାଟି କାମୁଡ଼ିଛି ପାକିସ୍ତାନ। ହେଲେ ଜଣେ ପାଗଳର ପ୍ରଳାପ ପରି ଏକ ଦେଶର ପ୍ରଧାନମନ୍ତ୍ରୀଙ୍କ ଯୁଦ୍ଧଖୋର ଚିନ୍ତନ ସମଗ୍ର ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରୁଛି ନିଶ୍ଚୟ। ଇମ୍ରାନ୍ ଖାନ୍ ଯେଉଁ ନିଆଁଗିଳା କଥା କହୁଛନ୍ତି ତାହା ଆଗକୁ ପାକିସ୍ତାନ ପାଇଁ ଅତ୍ୟନ୍ତ ମହଙ୍ଗା ସାବ୍ୟସ୍ତ ହେବ। ଯୁଦ୍ଧଂ ଦେହୀ ଡାକରା ଦେଇ ଇମ୍ରାନ୍ ନିଜ ମାନସିକ ଅସ୍ଥିରତାର ପ୍ରମାଣ ଦେଇଛନ୍ତି। ପାକିସ୍ଥାନର ଗତି କେଉଁ ଆଡ଼କୁ ତାହା କେବଳ ଭାରତବାସୀ ନୁହଁନ୍ତି ସମଗ୍ର ବିଶ୍ୱ ସମାଜ ଜାଣିସାରିଲେଣି। ଭାରତ ଠାରୁ ଗୋଟିଏ ଦିନ ଆଗରୁ ସ୍ୱାଧୀନ ହୋଇଥିବା ପାକିସ୍ତାନର ଆର୍ଥିକ ସ୍ଥିତି ଅତ୍ୟନ୍ତ ଶୋଚନୀୟ। ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର ଋଣ ବେତିରେକ ପାକିସ୍ତାନର ଘର ଚଳିବା ମୁସ୍କିଲ ହୋଇପଡ଼ିଲାଣି। ଦେଶ ଏକ ସଙ୍କଟ ପରିସ୍ଥିତି ଆଡ଼କୁ ମୁହାଁଉଥିବାବେଳେ ସ୍ୱାଧୀନତା ଦିବସରେ ପାକିସ୍ତାନର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ସେ ନେଇ ସାମାନ୍ୟ ଚିନ୍ତିତ ଥିବାପରି ମନେ ହୁଅନ୍ତି ନାହିଁ। ସେମାନଙ୍କର କେବଳ ଧ୍ୟାନ ହେଉଛି ଭାରତ, ନରେନ୍ଦ୍ର ମୋଦି ଓ କାଶ୍ମୀର। ପ୍ରତି କଥାରେ ଭାରତକୁ ଯୁଦ୍ଧର ଧମକ ଦେଉଥିବା ଏହି ରାଷ୍ଟ୍ରର ରାଷ୍ଟ୍ର ମୁଖ୍ୟମାନେ ତାଙ୍କ ଦେଶବାସୀଙ୍କୁ କେଉଁ ବାର୍ତ୍ତା ଦେଉଛନ୍ତି ତାହା ସହଜେ ଅନୁମେୟ। ଗୋଟିଏ ଦେଶର ଚରିତ୍ର ହେଉଛି ସେ ଦେଶର ରାଷ୍ଟ୍ରବାଦ, ରାଷ୍ଟ୍ର ଚରିତ୍ର, ଦେଶବାସୀ, ଲୋକପ୍ରତିନିଧିଙ୍କ ଆଚରଣ ଓ ଉଚ୍ଚାରଣ ଓ ରାଷ୍ଟ୍ରମୁଖ୍ୟଙ୍କ ଜୀବନ ଚରିତ୍ର। ଗୋଟିଏ ଦିନ ବ୍ୟବଧାନରେ ଦୁଇଦେଶ ବ୍ରିଟିଶ ଶାସନରୁ ମୁକ୍ତ ପାଇଛନ୍ତି। ଏହା ଭିତରେ ୭୨ବର୍ଷ ବିତିସାରିଲାଣି। ଭାରତ ଆଜି ବିକାଶଭିମୁଖୀ ଦେଶ ନୁହେଁ ଏହା ସମ୍ପୂର୍ଣ୍ଣ ବିକଶିତ ଦେଶ। ବିଶ୍ୱର ସପ୍ତମ ଅର୍ଥନୈତିକ ମହାଶକ୍ତି ହେଉଛି ଭାରତ। ୭୨ ବର୍ଷ ଭିତରେ କଣ୍ଟାବାଡରେ ଲୁଗା ପକାଇ କଜିଆ କଲାପରି ପାକିସ୍ତାନ ଭାରତ ବିରୁଦ୍ଧରେ ଚାରି ଥର ଯୁଦ୍ଧ କରିସାରିଲାଣି। ଫଳାଫଳ କ'ଣ ତାହା ବିଶ୍ୱବାସୀଙ୍କୁ ଜଣା।

କ୍ରିକେଟ ଖେଳାଳୀରୁ ସେନାର ସକ୍ଷୀ କଣ୍ଢେଇ ହୋଇ ଗଣତନ୍ତ୍ରକୁ ଏକ ପ୍ରକାର ଦମନ କରି ସେନା ସାହାଯ୍ୟରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ହୋଇଥିବା ଇମ୍ରାନ୍ ଖାନ୍ ଅଗଷ୍ଟ ୧୪ ତାରିଖରେ ପାକିସ୍ତାନ ଅଧିକୃତ କାଶ୍ମୀର ରାଜଧାନୀ ମୁଜାଫରବାଦରେ ରାଷ୍ଟ୍ରକୁ ସମ୍ବୋଧନ କରିଥିଲେ। ୪୨ମିନିଟ୍‌ର ଏହି ଭାଷଣ ଭିତରେ ଦେଶର ଅଭିବୃଦ୍ଧି, ପ୍ରଗତି, ଆଗେଇ ନେବା ପାଇଁ ସରକାରଙ୍କ ଯୋଜନା ବା ବାର୍ତ୍ତାର କିଛି ନାମ ଗନ୍ଧ ନାହିଁ। ୪୨ମିନିଟର ଇମ୍ରାନ୍ ଖାନ୍‌ଙ୍କ ଭାଷଣ ଭିତରେ କେବଳ ୩୫ମିନିଟ୍ ଥିଲା ଭାରତ ଉପରେ ଫୋକସ୍। ତାଙ୍କ ଭାଷଣ ଭିତରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନାମ ସାତ ଥର ନେଇଥିବାବେଳେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ନାମ ନେଇଛନ୍ତି ଦଶଥର। ଭାରତର ନାମ ଏଗାର ଥର, କାଶ୍ମୀରର ନାମ କୋଡିଏଥର ଓ ଯୁଦ୍ଧ ଧମକ ଛଅଥର ଦେଇଥିବାବେଳେ ଭିନ୍ନ ବିଚାରଧାରା ତେଇଶ ଥର ଆସିଥିଲା ତାଙ୍କ ଭାଷଣ। ଜଣ୍ଡିସ୍ ରୋଗୀକୁ ସବୁ ଜିନିଷ ହଳଦିଆ ଦିଶିଲା ପରି ପାକିସ୍ତାନର ଏହି କ୍ରିକେଟିୟର ପ୍ରଧାନମନ୍ତ୍ରୀ କେବଳ କାଶ୍ମୀର ଓ ମୋଦୀଙ୍କୁ ଛାଡ଼ିଦେଲେ ସମ୍ଭବତଃ ତାଙ୍କୁ ଆଉ କିଛି ଦିଶୁନାହିଁ। ବାରମ୍ବାର ଯୁଦ୍ଧ ଧମକର ମୁହଁ ଫୁଟାଣି ଦେଉଥିବା ଏହି ଦେଶ ଚୀନ ଓ କିଛି ଆରବ ଦେଶର ହାତଟେକା ଦାନରେ ଯେ ଜୀବନ ବଞ୍ଚୁଛି ତାହା ବୋଧେ ଭୁଲି ଯାଇଛି। ଆମେରିକାକୁ ସାହାଯ୍ୟ ମାଗିବାକୁ ଯାଇଥିବା ଇମ୍ରାନ୍ ଖାନଙ୍କୁ ସେ ଦେଶ ସାମାନ୍ୟତମ ପ୍ରୋଟକଲ୍‌ର ସମ୍ମାନ ବି ଦେଇନଥିଲା। ଏପରି ନିର୍ଲଜ ରାଷ୍ଟ୍ରନାୟକ ବୋଧେ ବିଶ୍ୱ ଇତିହାସରେ ବିରଳ ଥିବେ ଯିଏକି ଅନ୍ୟର ହାତଟେକା ପାଇଁ ନିଜ ଓ ଦେଶର ସମ୍ମାନବୋଧକୁ ଜଳାଞ୍ଜଳୀ ଦେଇପାରନ୍ତି। ଭାରତପରି ଦେଶର ପ୍ରଧାନମନ୍ତ୍ରୀ ଦେଶର ସର୍ବୋଚ୍ଚ ସୁରକ୍ଷା ପାଇଁ ତିନି ସେନା ଉପରେ ସିଡିଏସ୍ ନିଯୁକ୍ତି ଘୋଷଣା କରୁଥିବାବେଳେ ଆଉ ଗୋଟିଏ ଦେଶର ପ୍ରଧାନମନ୍ତ୍ରୀ ସେହି ଦେଶର ସେନାବାହିନୀର ସକ୍ଷୀ କଣ୍ଢେଇ ପାଲଟୁଛନ୍ତି। ସମଗ୍ର ବିଶ୍ୱ ଇତିହାସରେ ଏପରି ବିରଳତମ ପାର୍ଥକ୍ୟ କେଉଁଠି ବି ଦେଖାଯାଇନି। କିନ୍ତୁ ଅଗଷ୍ଟ ୧୫ରେ ଭାରତ ତାର ସ୍ୱାଧୀନତା ଦିବସ ପାରମ୍ପରିକ ଲାଲକିଲ୍ଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ୯୨ ମିନିଟ ଭାଷଣ ଭିତରେ ଥରୁଟିଏ ପାଇଁ ପାକିସ୍ତାନ ବା ଇମ୍ରାନ ଖାନଙ୍କ ନାଁ ନେଇନଥିଲେ। କେବଳ କାଶ୍ମୀରର ଶାନ୍ତି, ବିକାଶ ଓ ଯୁବ ସମାଜର ନିଯୁକ୍ତି ଉପରେ ୧୦ମିନିଟ ତାଙ୍କ ଭାଷଣରେ ସ୍ଥାନିତ କରିଥିଲେ। ବିଶ୍ୱର ଅନ୍ୟତମ ସାମିରିକ ଶକ୍ତିଶାଳୀ ଭାରତର ପ୍ରଧାନମନ୍ତ୍ରୀ ମୋଦୀ ଏହି ଭାଷଣ ଭିତରେ ଯୁଦ୍ଧ, ଆକ୍ରମଣ ବା କେଉଁ ଦେଶ ବିରୁଦ୍ଧରେ ସାମାନ୍ୟ ଧମକ ଟିଏ ମଧ୍ୟ ତାଙ୍କ ଭାଷଣରେ କୌଣସି ସଙ୍କେତର ସ୍ୱରୂପ ଭିତରେ ନଥିଲା। ବରଂ ସେ ଆଫଗାନିସ୍ତାନର ଶହେତମ ସ୍ୱାଧୀନତା ଦିବସ ପାଇଁ ଶୁଭେଚ୍ଛା ଜଣାଇବା ସହ ପଡ଼ୋଶୀ ଶ୍ରୀଲଙ୍କା ମିଆଁମାର ଓ ବାଙ୍ଗଲାଦେଶ କଥା ଉଲ୍ଲେଖ କରିଥିଲେ। ମୋଦୀ ତାଙ୍କ ଭାଷଣରେ ଦେଶର ବିକାଶ ଓ ଲୋକଙ୍କ ମୌଳିକ ସୁବିଧା ସୁଯୋଗ ବିଷୟରେ ବିଶେଷ ଭାବରେ ସ୍ଥାନିତ କରିଥିଲେ। ମୋଦୀ ସରକାରଙ୍କ କାଶ୍ମୀର ନୀତି ପାକିସ୍ତାନ ସହ ଭାରତର କିଛି ବିପକ୍ଷ ନେତାଙ୍କ ନିଦ ହଜାଇ ଦେଇଛି। ଭାରତ ସହ କୂଟନୈତିକ ସମ୍ପର୍କକୁ ନଜର ଅନ୍ଦାଜ କରି ଅନେକଗୁଡ଼ିଏ ଏକ ତରଫା ନିଷ୍ପତ୍ତି ପାକିସ୍ତାନ ନେଇସାରିଛି ଯାହାକି ନିଜ ଗୋଡ଼ରେ କୁରାଢ଼ି ଚୋଟ ପରି ସଦୃଶ। ଯୁଦ୍ଧର ଭାଷା କହୁଥିବା ଇମ୍ରାନ ବୋଧେ ତାଙ୍କ ସ୍ମରଣ ଶକ୍ତି ହରାଇଛନ୍ତି କାଶ୍ମୀରକୁ ନେଇ ଅନେକ ଥର ଯୁଦ୍ଧ ସାମ୍ନା କରିଥିବା ପାକିସ୍ତାନ ସବୁବେଳେ ପରାଜୟକୁ ସାମ୍ନା କରିଛି। ଯାହାପାଇଁ ବିଶ୍ୱର କୌଣସି ମୁସଲିମ ରାଷ୍ଟ୍ର ପାକିସ୍ତାନକୁ ସମର୍ଥନ କରୁନାହାନ୍ତି। ଇମ୍ରାନଙ୍କ ନିଆଁଗିଳା କଥା ପାକିସ୍ତାନ ପାଇଁ ଆହୁରି ବିପଜ୍ଜନକ ସାବ୍ୟସ୍ତ ହେବାକୁ ଯାଉଛି। ବିଶ୍ୱର ଦୁଇ ଭିନ୍ନ ଭିନ୍ନ ଦେଶର ପ୍ରଧାନମନ୍ତ୍ରୀଙ୍କ ଆଚରଣ ଓ ଉଚ୍ଚାରଣ ସବୁକିଛି ସୁସ୍ପଷ୍ଟ କରୁଛି ଯେ ବିକାଶ ଓ ପ୍ରଗତି କାହା ପାଇଁ ଗୁରୁତ୍ୱପୂର୍ଣ୍ଣ ?

*ପାଣିକୋଇଲି, ଯାଜପୁର*
*ଦୂରଭାଷ : ୯୪୩୯୪୮୨୫୨୬*

# ଲୀଳାମୟପୁରୁଷ ଶ୍ରୀକୃଷ୍ଣ



**ଯୋଗୀ ଗଣେଶ୍ୱର**

ଭଗବାନଶ୍ରୀରାମ ସ୍ୱଧାମକୁ ପ୍ରତ୍ୟାବର୍ତ୍ତନ କରିବା ପରେ ଦ୍ୱାପରଯୁଗ ପ୍ରବେଶ କଲା। କାଳକ୍ରମେ ବିଧର୍ମୀମାନଙ୍କର ଉତ୍ପାତ ବୃଦ୍ଧିପାଇଲା। ବଳଶାଳୀଲୋକେ ନିଜକୁ ରାଜା ଘୋଷଣା କରି ପ୍ରଜାଜନଙ୍କୁ ଶୋଷଣ,କଷଣ କଲେ। ମୁନିଋଷିଙ୍କୁ ଅସମ୍ମାନ କଲେ। ବିଷ୍ଣୁଙ୍କ କର୍ମରେ ବାଧା ଉପୁଜାଇଲେ। ଜନସମାଜରେ ଅରାଜକତା ବ୍ୟାପିବାକୁ ଲାଗିଲା। କଂସ, ଦୁର୍ଯ୍ୟୋଧନ, ଜରାସନ୍ଧ ଭଳି ଦୁଷ୍ଟମାନେ ବାହୁବଳରେ ରାଜାବୋଲାଇ ଧରାକୁ ସରା ମଣିଲେ। ବିଷ୍ଣୁଙ୍କଶକ୍ତିକୁ ହେୟଜ୍ଞାନ କରି ଧର୍ମ ଅଧର୍ମ ମାନିଲେ ନାହିଁ। ସେମାନଙ୍କ ଅତ୍ୟାଚାରରେ ଭୂମାତା କଷ୍ଟ ପାଇଲେ। ବ୍ରହ୍ମାଙ୍କ ନିକଟରେ କାକୁସ୍ତ କଣ୍ଠରେ କହିଲେ ହେ'ବ୍ରହ୍ମଦେବ, ତୁମ୍ଭ କରୁଣାରୁ ଆଦିପୁରୁଷ ନାରାୟଣ ଆମ୍ଭଙ୍କୁ ପ୍ରଳୟଜଳରୁ ଉଠାଇ ଆଣି ଜଳଧିଉପରେ ସ୍ଥାପନ କରିଥିଲେ। ତହିଁପର ଠାରୁ ପ୍ରାଣୀଜଗତକୁ ଗର୍ଭରେ ଧରି ଆମ୍ଭେ ଲାଳନପାଳନ କରିଆସୁଛୁ। ପ୍ରଭୁ ଶ୍ରୀରାମଙ୍କ ଲୀଳାସମ୍ବରଣ ପରେ ପୁନଃଶ୍ଚ ଧର୍ମହରା ଅସୁରଙ୍କ ଆବିର୍ଭାବ ଘଟିଛି। ସେମାନଙ୍କ ଆଚରଣ, କାର୍ଯ୍ୟକଳାପ ଆମ୍ଭଙ୍କୁ ଯନ୍ତ୍ରଣା ଜର୍ଜରିତ କରିଛି। ଏପରି ସଂକଟଜନକ ସ୍ଥିତିରୁ ପୃଥ୍ୱୀକୁ ରକ୍ଷାକର ବ୍ରହ୍ମନ୍ !

ଧରଣୀମାତାଙ୍କ ଦୁଃଖକଥା ଶ୍ରବଣ କରି ତପସ୍ୱୀବ୍ରହ୍ମା ଚିନ୍ତିତ ହୋଇପଡ଼ିଲେ। ଦେବସଭା ଡକାଇ ସର୍ବଦେବାଦେବୀଙ୍କର ମତଲୋଡ଼ିଲେ। ଇନ୍ଦ୍ରାଦିଦେବଗଣ କହିଲେ ବିଷ୍ଣୁଙ୍କ ବ୍ୟତିରକେ ଅସୁରକୁଳକୁ ସଂହାର କରିବା ଆମ୍ଭ ପକ୍ଷେ ସମ୍ଭବ ନୁହେଁ! ସଭିଏଁ ମିଶି କ୍ଷୀରସମୁଦ୍ର ତଟ ଅନନ୍ତଶାୟୀବିଷ୍ଣୁଙ୍କ ନିକଟରେ ପ୍ରାର୍ଥନା କଲେ। ଦେବାଦେବୀଙ୍କ ପ୍ରାର୍ଥନା ଶ୍ରବଣ କରି ଯୋଗେଶ୍ୱରବିଷ୍ଣୁ ଚକ୍ଷୁ ଖୋଲିଲେ। ଜଗତପ୍ରାଣୀଙ୍କର ଦୁଃଖ ଖବର ଶୁଣି ମୌନ ହୋଇଗଲେ! କିଛିକ୍ଷଣ ପରେ ବ୍ରହ୍ମଦେବଙ୍କୁ ସାନ୍ତ୍ୱନା ବାଣୀରେ କହିଲେ- ବ୍ରହ୍ମଦେବ, ତୁମ୍ଭେ ଯାହା କହିଲ ତାହା ସତ୍ୟ। ଏବେ ଆମ୍ଭର ଅଷ୍ଟମଅବତାରକୁ ପ୍ରତୀକ୍ଷା କର। ଦେବକୀ ବସୁଦେବ ଆମ୍ଭର ପରମଭକ୍ତ। ସେମାନେ କଂସର ବନ୍ଦୀଗୃହରେ ଥାଇ ରକ୍ଷାକରିବା ପାଇଁ ଡାକ ଛାଡ଼ିଛନ୍ତି। ବିଗତ ଜନ୍ମରେ ଦେବକୀ ଘୋର ତପସ୍ୟାରତ ହୋଇ ଆମ୍ଭଙ୍କୁ ପୁତ୍ର ଭାବରେ ପାଇବା ପାଇଁ ଅଳି କରିଥିଲେ! ଦେବକୀଙ୍କୁ କଥା ଦେଇଥିଲୁ। ଭକ୍ତଙ୍କ ବିପଦବେଳାରେ ଯଦି କେବେ ପୃଥ୍ୱୀପୃଷ୍ଠକୁ ଅବତରେ, ତେବେ ତାଙ୍କରି କୋଳରେ ପୁତ୍ର ରୂପେ ଜନ୍ମନେବା ପାଇଁ ବର ଯାଚି ଦେଇଥିଲୁ। ଏବେ ସେଇ ସମୟ ଉପନିତ। ଆମ୍ଭେ ପୁନଶ୍ଚଃ ମର୍ତ୍ତ୍ୟମଣ୍ଡଳରେ ଦେହଧାରଣ କରିବୁ। ତୁମ୍ଭେ ଏହାର ବିଧିବ୍ୟବସ୍ଥା କର। ଅତିଶୀଘ୍ର ଦେବକୀଙ୍କ କୋଳମଣ୍ଡନ କରି ଦୁଷ୍ଟମାନଙ୍କୁ ସଂହାର କରିବୁ। ପ୍ରଭୁଙ୍କ ନିର୍ଦ୍ଦେଶ ପାଇ ବ୍ରହ୍ମଦେବ ଯଥାବିଧି ସୁବନ୍ଦୋବସ୍ତ କରାଇଲେ। ତିଥି, ବେଳାନକ୍ଷତ୍ର ଗଣନା କରି ଭାଦ୍ରବମାସ କୃଷ୍ଣପକ୍ଷ ଅଷ୍ଟମୀତିଥି ରାତ୍ର ଦ୍ୱିତୀୟପ୍ରହର ମାହେନ୍ଦ୍ରବେଳାରେ ଆବିର୍ଭାବ ହେବା ନିମନ୍ତେ ପ୍ରଭୁଙ୍କୁ ନିବେଦନ କଲେ।

ଭୋଜବଂଶୀୟ ଦୁର୍ଦ୍ଦାନ୍ତ ରାଜାମାନେ ପ୍ରଜାମାନଙ୍କୁ ଉତ୍ପୀଡ଼ନ ଦେଇ ଶାସନ କରୁଥିଲେ। ସେମାନଙ୍କ ମଧ୍ୟରେ କଂସ, ଜରାସନ୍ଧ ଅତି ଦୁର୍ଦ୍ଦାନ୍ତ ଥିଲେ। ଦେବକୀଙ୍କ ବିବାହକାଳରେ ଦେବଲୋକରୁ କଂସକୁ ସୂଚାଇ ଦିଆଗଲା ଯେ ତୁମ ମୃତ୍ୟୁ ସନ୍ନିକଟ। ଭଉଣୀଙ୍କ ଅଷ୍ଟମଗର୍ଭରୁ ଜାତ ସନ୍ତାନ ତୁମକୁ ବଧକରିବ! ଏପରି ଶୂନ୍ୟବାଣୀ ଶ୍ରବଣ କରି କଂସ କ୍ରୋଧିତ ହୋଇପଡ଼ିଲା। ଭଉଣୀଙ୍କ ସନ୍ତାନଙ୍କୁ ଜନ୍ମ ହେବାକ୍ଷଣି ମାରିଦେବା ଉଦ୍ଦେଶ୍ୟରେ ଭଉଣୀ ଭିଣୋଇଙ୍କୁ ବନ୍ଦୀଗୃହରେ ରଖାଇଲା। ବନ୍ଦୀଗୃହରେ ଦୁଃଖଦଜୀବନ ବିତାଉଥିବା ଦେବକୀ ବସୁଦେବ କାକୁସ୍ତ କଣ୍ଠରେ ଡାକ ଛାଡ଼ିଥିଲେ- ହେ'ନାରାୟଣ! ଆମ୍ଭେ ନିର୍ଦ୍ଦୋଷୀ। ସାତଜଣ ଅଜ୍ଞାନଶିଶୁଙ୍କୁ କଂସ ହତ୍ୟା କରିଛି। ଅଷ୍ଟମ ଗର୍ଭରେ କିଏ ଜନ୍ମ ନେବ ଆମ୍ଭେ ଜାଣିନାହୁଁ। ସେଇ ଗର୍ଭଜାତ ସନ୍ତାନ ପାଇଁ ମଥୁରାରେ କୋଳହଳ ପଡ଼ିଛି। ରାଜା ପ୍ରଜା ସଭିଏଁ ପ୍ରତୀକ୍ଷା କରିଛନ୍ତି। ଦଶମାସ ଦଶଦିନ ଏବେ ଉପନିତ। ସେଇ ସନ୍ତାନକୁ ତୁମ୍ଭେ ରକ୍ଷାକର ପ୍ରଭୁ!

ଭାଦ୍ରବମାସ କୃଷ୍ଣପକ୍ଷ ଅଷ୍ଟମୀତିଥିର ରାତ୍ର ଦ୍ୱିତୀୟପ୍ରହର। ମଥୁରାବାସୀଙ୍କ ପଥରୋଧ ନିମନ୍ତେ ବ୍ରହ୍ମାଙ୍କ ନିର୍ଦ୍ଦେଶରେ ଇନ୍ଦ୍ରଦେବ ମୂଷଳଧାରାରେ ବର୍ଷିଲେ। ବିଜୁଳିରତେଜ ଓ ଅବିରତ ବର୍ଷାରେ ରାସ୍ତାଘାଟ ଜଳାର୍ଣ୍ଣବ ହୋଇପଡ଼ିଲା। ମଥୁରାର ଜନପଦ ଶୂନ୍ୟ! ସହସ୍ର ବିଜୁଳିର ତେଜଧରି ସହସା ଶ୍ରୀନାରାୟଣ ଦେବକୀଙ୍କ କୋଳରେ ଆବିର୍ଭାବ ହେଲେ! ବନ୍ଦୀଗୃହ ରଙ୍ଗବେରଙ୍ଗ ଆଲୋକରେ ଝଲସି ଉଠିଲା! ପରମଦୟାଳୁ ଶ୍ରୀହରି ମାତାପିତାଙ୍କ ମୁଖକୁ ଚାହିଁ ସ୍ମିତହସି କହିଲେ-ହେ'ମାତା, ତୁମ୍ଭ ପୂର୍ବଜନ୍ମର ତପସ୍ୟାରୁ ଆମ୍ଭଙ୍କୁ ପୁତ୍ର ରୂପେ ପାଇଲ। ମାତ୍ର ଜଗତର ମଙ୍ଗଳ ନିମନ୍ତେ କିଛିକାଳ ବିଚ୍ଛେଦର ଦୁଃଖ ସହ୍ୟ କରିବାକୁ ପଡ଼ିବ। କାରାଗାର ରକ୍ଷୀମାନେ ନିଦ୍ରାଚ୍ଛନ୍ନ। ମଥୁରାବାସୀ ବର୍ଷା ବିଜୁଳି ତେଜରେ ଭୀତତ୍ରସ୍ତ। ଏଇ ଶୁଭବେଳାରେ ଆମ୍ଭଙ୍କୁ ଗୋପପୁରର ନନ୍ଦରାଣୀ ଯଶୋଦାଙ୍କ କୋଳରେ ଶୁଆଇ ତାଙ୍କ ଗର୍ଭରୁ ଜାତ ବିଜୁଳି କନ୍ୟାକୁ ନେଇ ଆସ।

ଚତୁଃର୍ଭୁଜ ନାରାୟଣଙ୍କ ଦର୍ଶନ ପାଇ ଦେବକୀ ବସୁଦେବଙ୍କ ଚକ୍ଷୁ ଆନନ୍ଦାଶ୍ରୁରେ ଭରିଗଲା। ତତ୍‌କ୍ଷଣାତ ବନ୍ଦୀଗୃହରେ ଥିବା ଖାଦ୍ୟବୁହା ପାଚିଆରେ ଶୁଆଇ ବସୁଦେବ ପାଚିଆ ମୁଣ୍ଡାଇ ତୁରନ୍ତ ପାଦଥାପିଲେ। ଅନ୍ଧକାର ବର୍ଷାରାତ୍ରି ସାଙ୍ଗକୁ ବିଜୁଳିର ଚମକରେ ପରିବେଶ ଗମ୍ଭୀର ହୋଇପଡ଼ିଥିଲା! ବର୍ଷାଜଳରେ ତିନ୍ତୁଥିବା ନାରାୟଣଙ୍କୁ ଅନନ୍ତନାଗ ଫଣାଟେକି ରକ୍ଷାକରୁଥିଲେ। ବସୁଦେବ ଚଉଦିଗକୁ ଦୃଷ୍ଟି ଦେଇ ସନ୍ତର୍ପଣରେ ବାଟ ଚାଲୁଥିଲେ। ପଛରୁ ଶୁଭିଲା କାହାର ଧମକପୂର୍ଣ୍ଣ ସ୍ୱର। କିଏ ତୁ ଚୋର କି ତସ୍କର, ସେଇଠି ରହ। ବର୍ଷାରାତିରେ କ'ଣ ଚୋରାଇ ନେଇ ପଳାଉଛୁ। ବସୁଦେବ ଭୟରେ ଅଟକି ଗଲେ। ନିକଟରୁ ଦେଖିଲେ ଶ୍ୱଶୁର ଉଗ୍ରସେନ! ଯାହାଙ୍କୁ ସିଂହାସନରୁ ହଟାଇ ଅତ୍ୟାଚାରୀ କଂସ ଚୌକିଦାର ଭାବରେ ନିଯୁକ୍ତ କରିଛି।

ଉଗ୍ରସେନ ପାଚିଆ ଭିତରକୁ ଚାହିଁ ହତବାକ୍ ହୋଇପଡ଼ିଲେ। ଚତୁଃର୍ଭୁଜବିଷ୍ଣୁ ଓ ଅନନ୍ତନାଗଙ୍କୁ ଦେଖି ବିସ୍ମୟରେ ପ୍ରଣାମ ଜଣାଇଲେ। କିଛି କହିବା ପୂର୍ବରୁ ଭଗବାନ କହିଲେ-ହେ'ଉଗ୍ରସେନ, ଜାଗତିକ ସଂପର୍କରେ ତୁମ୍ଭେ ଅଜା ହେଲ। ଦୁଷ୍ଟ କଂସର ବିନାଶ ପରେ ତୁମ୍ଭେ ପୁଣି ମଥୁରାର ରାଜା ହେବ। ବାଟ ଓଗାଳ ନାହିଁ। ଉଗ୍ରସେନ ବାଟ ଛାଡ଼ିଦେଲେ। ଶ୍ରୀକୃଷ୍ଣଙ୍କ ତେଜରେ ବନ୍ୟାପ୍ଲାବିତ ଯମୁନାନଦୀ ଦୁଇ ଭାଗ ହୋଇଗଲା। ବସୁଦେବ ନଦୀ ପାରହୋଇ ଗୋପପୁରରେ ପାଦଦେଲେ। ଶୁପ୍ତ ଯଶୋଦାଙ୍କ କୋଳରେ ପୁତ୍ରକୁ ଶୁଆଇ ସଦ୍ୟଜନ୍ମିତ କନ୍ୟାକୁ ଧରି ବନ୍ଦୀଗୃହକୁ ଫେରିଆସିଲେ। ଦ୍ୱାପରଯୁଗର ଆଜିରତିଥି ହିନ୍ଦୁ ଧର୍ମାଲମ୍ବନକାରୀଙ୍କ ନିମନ୍ତେ ଏକ ସ୍ମରଣୀୟ ଦିବସ। ଜନ୍ମାଷ୍ଟମୀତିଥିରେ ପ୍ରତିଟି ଗୃହରେ ଭଗବାନଶ୍ରୀକୃଷ୍ଣଙ୍କୁ ପୂଜାଆରାଧନା କଲେ ଭବବନ୍ଧନରୁ ମୁକ୍ତହେବା ସମ୍ଭବ ହୋଇଥାଏ।

***ମିଶନ ଭାଗବତ, ବାଲିଅନ୍ତା,***
***ଭୁବନେଶ୍ୱର***
***ଦୂରଭାଷ: ୯୬୬୮୬୩୧୨୫୭***

## ଦୈବୀ ସମ୍ପଦା



**ଉପାଳୀ କର**

ଜନ୍ମରୁ କେହି ଦେବ, ଦାନବ, ସୁର ଅଥବା ଅସୁର ହୋଇ ନଥାନ୍ତି। ପ୍ରକୃତି ସମସ୍ତ ମାନବ ଶିଶୁ ମାନଙ୍କୁ ଗୋଟିଏ ଛାଞ୍ଚରେ ରଚନା କରିଥାଏ। କେହି ମାନବ ଶିଶୁ ତ୍ରିପୁଣ୍ଡ ତିଳକ, ଯଜ୍ଞ ପବିତି ଧାରଣ କରି ଜନ୍ମ ହୋଇ ନଥାନ୍ତି। ମୁସଲମାନର ସନ୍ତାନ ସୁନ୍ନତ ଅଥବା ଶିଖ୍‌ର ସନ୍ତାନ କଡାର ସାଥିରେ ଜନ୍ମ ହୋଇ ନଥାଏ। ଖ୍ରୀଷ୍ଟିଆନ୍‌ର ସନ୍ତାନ ଗଳାରେ କ୍ରସ ପିନ୍ଧି ନଥାଏ। ବସ୍ତୁତଃ ମନୁଷ୍ୟ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ କେବଳ ମାତ୍ର ମନୁଷ୍ୟ ଅଟେ। ହିନ୍ଦୁ, ମୁସଲମାନ, ଶିଖ, ସାଇ ତଥା ଦେବ, ଦାନବର ଚିହ୍ନ ଏବଂ ବେଶଭୂଷା ସମାଜ ସ୍ୱୟଂ ଉତ୍ପନ୍ନ କରିଛି। ହଁ ଏହା ମଧ୍ୟ ସତ୍ୟ ଅଟେ ଯେ ପାହାଡ ଉପରୁ ତଳକୁ ଓହ୍ଲାଇବା ବହୁ ସରଳ କିନ୍ତୁ ଉପରକୁ ଉଠିବା କଠିନ ଅଟେ। ଦେବ ହେବା ପାଇଁ ସଞ୍ଜମର ଆବଶ୍ୟକତା ରହିଛି ମାତ୍ର ଦାନବ ବା ଅସୁର ହେବା ପାଇଁ କୌଣସି ନିୟମ ସଂୟମ ଆଉ ଆଚରଣର ଆବଶ୍ୟକତା ନଥାଏ।

ପ୍ରତ୍ୟେକ ମନୁଷ୍ୟ ନିଜ ଭିତରେ ଦେବୀଗୁଣର ବିକାଶ କରିବା ପାଇଁ ଚେଷ୍ଟା କରିବା ଉଚିତ୍ ଯଦ୍ୱାରା ସମାଜର ତଥା ଜଗତର କଲ୍ୟାଣ ହେବ। ସ୍ୱୟଂକୁ ମଧ୍ୟ ଦେବିପ୍ୟମାନ ସତ୍ତା ଭାବେ ଅନୁଭବ କରିପାରିବ। ନିଜ ଭିତରେ ଦୈବୀ ବୃତ୍ତିର ଅଭାବ ଯୋଗୁଁ ଆମେ ଅନ୍ୟ ଭିତରେ ଦୋଷ ଦେଖିଥାଏ। ନିଜକୁ ଚିହ୍ନା ନିଜ ଭିତରେ ଦୋଷ ଦେଖି ତାକୁ ସୁଧାରିବା ପାଇଁ ଚେଷ୍ଟା କରିବା ବଡ କଠିନ। ଦଶହରାରେ ଆମେମାନେ ରାବଣକୁ ଜଳାଇ ଥାଏ କିନ୍ତୁ ଅନେକ ରାବଣ, ତ୍ରିପୁରାସୁର, କଂସ ଆଜିବି ଆମ ସମାଜରେ ଜୀବିତ ଅଛନ୍ତି। ରାମ-ରାବଣ, କୃଷ୍ଣ-କଂସ, ବ୍ୟକ୍ତି-ବ୍ୟକ୍ତି, ସମାଜ-ସମାଜ, ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଆଜି ମଧ୍ୟ ଯୁଦ୍ଧ ଚାଲିଛି। ଏହାହିଁ ତ ଧର୍ମ-ଅଧର୍ମ ତଥା ସଭ୍ୟ ଆଉ ଅସତ୍ୟର ଯୁଦ୍ଧ। ଦୈବୀ ଗୁଣର ଦର୍ଶନରେ ଅଛି ଯଦି ଆମେ ସୂର୍ଯ୍ୟ ପ୍ରକାଶର ଆଶା ରଖିଥାଏ ତେବେ ଛାୟା ତ ପଡିବ ନିଶ୍ଚୟ। ଯଶ ସହିତ ଅପଯଶ, ନାମ ସହିତ ବଦନାମ ରହିଛି ସେଭଳି ସତ୍ୟ ସହିତ ଅସତ୍ୟ, ପାପ-ପୂଣ୍ୟ, ସୁଖ-ଦୁଃଖର ଦ୍ୱନ୍ଦ୍ୱ ଆଦିକାଳରୁ ଚାଲି ଆସୁଛି।

ଆମେ କାହାର ସଦ୍‌ଗୁଣର ଚିନ୍ତନ କରିବା ତେବେ ଆମ ଭିତରେ ସଦ୍‌ଗୁଣ ଆସିବ ଯଦି ଦୁର୍ଗୁଣର ଚିନ୍ତନ କରିବା ଦୁର୍ଗୁଣ ଆସିବ। ତାତ୍ପର୍ଯ୍ୟ ଏହା ଯେ ନିଜ ଜୀବନର ନିର୍ମାର ଆମେ ନିଜେ ହିଁ କରିଥାଏ। ମାଟର ପିଣ୍ଡ ଏକ ସେଥିରେ ଦେବର ନିର୍ମାଣ କର କିମ୍ବା ଦାନବର ଏହାର ନିର୍ଣ୍ଣୟ ସ୍ୱୟଂକୁ କରିବାକୁ ପଡେ। ଆମକୁ ଆମର ଜୀବନର ଆଚାର ସଂହିତା ବନାଇବାକୁ ପଡିବ। ବିଷ୍ଣୁ ସହସ୍ରନାମରେ କୁହାଯାଇଛି "ଆଚାର ପ୍ରଭବୋ ଧର୍ମ" ଅର୍ଥାତ୍ ସଦାଚାରରୁ ଧର୍ମର ଉତ୍ପତ୍ତି ହୋଇଥା,। ଯେଉଁ ମନୁଷ୍ୟ ପ୍ରାମାଣିକ ଅଟେ ସେ ସର୍ବଦା ପୁରୁଷତ୍ତମ ଭାବରେ ମଗ୍ନ ରହିଥାଏ ଆଉ ସଂସାରରେ ପ୍ରସନ୍ନ ରହିଥାଏ ଏବଂ ଦୈବୀଗୁଣର ଅର୍ଜନ କରି ଜୀବନର ସାର୍ଥକତା ଲାଭ କରିଥାଏ। ଭଗବାନ ଗୀତାର 'ଦୈବାସୁର ସମ୍ପଦ' ଯୋଗ ନାମକ ଅଧ୍ୟାୟରେ ଦୈବୀ ସମ୍ପାଦର ୨୬ଟି ଗୁଣର ବର୍ଣ୍ଣନା କରିଛନ୍ତି। ୧-ଅଭୟ, ୨- ସତ୍ତ୍ୱସଂଶୁଦ୍ଧି, ୩-ଜ୍ଞାନଯୋଗ ବ୍ୟବସ୍ଥିତ, ୪-ଦାନ, ୫-ଦମ, ୬-ଯଜ୍ଞ, ୭-ସ୍ୱାଧ୍ୟାୟ, ୮-ତପ, ୯-ନମ୍ରତା, ୧୦-ଅହିଂସା, ୧୧-ସତ୍ୟ, ୧୨-ଅକ୍ରୋଧ, ୧୩-ତ୍ୟାଗ, ୧୪-ଶାନ୍ତି, ୧୫-ଅପୈଶୁନ୍, ୧୬-ଦୟା, ୧୭-ଅଲୋଲୁପ୍ତ୍ୱ, ୧୮-ମାର୍ଦବ, ୧୯-ହ୍ରି, ୨୦-ସ୍ଥୈର୍ଯ୍ୟ, ୨୧-ତେଜ, ୨୨-କ୍ଷମା, ୨୩-ଧୃତି, ୨୪-ଶୌଚ, ୨୫-ଅଦ୍ରୋହ, ୨୬-ନାତି ମାନିତା।

ଏଥିରେ ଅଭୟ, ସତ୍ତ୍ୱ ସଂଶୁଦ୍ଧି, ଜ୍ଞାନ ଯୋଗ ବ୍ୟବସ୍ଥିତ ଏହି ତିନୋଟି ସନ୍ୟାସୀ ମାନଙ୍କ ପାଇଁ; ଦାନ, ଦମ ତଥା ଯଜ୍ଞ ଗୃହସ୍ଥ ମାନଙ୍କ ପାଇଁ ସ୍ୱାଧ୍ୟାୟ ବ୍ରହ୍ମଚାରୀ ମାନଙ୍କ ପାଇଁ; ତପ ବାନପ୍ରସ୍ଥଙ୍କ ପାଇଁ ପାଳନୀୟ ବାକି ୧୮ ସଦ୍‌ଗୁର ସମସ୍ତଙ୍କ ପାଇଁ ପାଳନୀୟ ଅଟେ ପରଂନ୍ତୁ ନମ୍ରତା ଠାରୁ ସ୍ଥୈର୍ଯ୍ୟର ଆଚରଣ ବ୍ରାହ୍ମଣ ମାନଙ୍କ ପାଇଁ; ତେଜ, କ୍ଷମା, ଧୃତି ଏହା କ୍ଷତ୍ରିୟଙ୍କ ପାଇଁ; ଶୌଚ, ଅଦ୍ରୋହ ବୈଶ୍ୟ ମାନଙ୍କ ପାଇଁ ଏବଂ ନାତିମାନିତା ଚାରି ଆଶ୍ରମ ପାଇଁ ପ୍ରଯୁଜ୍ୟ ବୋଲି କୁହାଯାଇଛି।

ମାନବ ଶରୀର ପରମାତ୍ମାଙ୍କର ସର୍ବତ୍‌କୃଷ୍ଟ ସରଞ୍ଚନା ଅଟେ। ଏହି ମାନବ ଶରୀରରେ ହିଁ ମୋକ୍ଷ ପ୍ରାପ୍ତି ସମ୍ଭବ। ଅନ୍ୟ ଶରୀର ଅଥବା ଯୋନି କେବଳ କର୍ମ ଭୋଗ କରିବାକୁ ସୃଷ୍ଟି। ମାନବ ଶରୀରରେ ଜ୍ଞାନ ପ୍ରାପ୍ତି ପାଇଁ ଜିଜ୍ଞାସା ରଖିବା ନିହାତି ଆବଶ୍ୟକ। ଅନେକ ଚେଷ୍ଟା ସତ୍ତ୍ୱେ ଆତ୍ମା, ଅନାତ୍ମାର ଜ୍ଞାନ ସମ୍ୟକ ଆମକୁ ଅନୁଭବ ହୋଇପାରିଥାଏ ଆଉ ବ୍ରହ୍ମାତ୍ମ ଭାବରେ ସ୍ଥିତ ତଥା ମୁକ୍ତି ଏହା କେତେ ଜନ୍ମର ଶୁଭକର୍ମ ତଥା ପୂର୍ଣ୍ୟ ଫଳ ଦ୍ୱାରା ସମ୍ଭବ ହୋଇପାରେ। ରାବଣ ବ୍ରହ୍ମାଙ୍କର ପ୍ରପୌତ୍ର ଥିଲା। ଶିବ ଏବଂ ବ୍ରହ୍ମାଙ୍କର ନାନାବିଧି ପୂଜା ଅର୍ଚ୍ଚନା ମଧ୍ୟ କରୁଥିଲା। ବ୍ୟାକରଣ ଶାସ୍ତ୍ରର ବଡ ଆଚାର୍ଯ୍ୟ ମଧ୍ୟ ଥିଲା। ଶିବ ତାଣ୍ଡବ ସ୍ତୋତ୍ରର ଅଦ୍‌ଭୁତ ରଚନା ରାବଣ ହିଁ କରିଥିଲା। ସେହିପରି କଂସ ଶ୍ରୀକୃଷ୍ଣଙ୍କ ମାମୁଁ ଥିଲା ତେଣୁ ଦେବ ହେଉ କି ଦାନବ ହେଉ କୁଳ ବିଶେଷରେ ଜନ୍ମ ହୋଇ ନଥାଏ ସେମାନଙ୍କର କର୍ମ ଆଉ ବିଚାରରୁ ହିଁ ସେମାନଙ୍କୁ ରାକ୍ଷସ କୁହାଯାଇଥାଏ। ତେବେ ଆମେମାନେ ଏହି ଦୈବୀ ସମ୍ପଦା ଗୁଡିକୁ ଭଲ ଭାବରେ ଜାଣି ବିଚାର ଆଉ କର୍ମ ମାଧ୍ୟମରେ ଧୀରେ ଧୀରେ ନିଜକୁ ଦୈବୀ ସମ୍ପଦାରେ ବିଭୂଷିତ କରିବାକୁ ପ୍ରୟାସ କରିବା ଆଉ ଜରା-ବ୍ୟାଧି, ଜନ୍ମ-ମୃତ୍ୟୁର ଚକ୍ରରୁ ନିଜକୁ ମୁକ୍ତ କରିବାକୁ ଚେଷ୍ଟା କରିବା ଉଚିତ। ସମାଜରେ ମଧ୍ୟ ନିଜକୁ ସମାଜର କଲ୍ୟାଣକାରୀ ଭାବେ ପରିବର୍ତ୍ତିତ କରିବାକୁ ପ୍ରଚେଷ୍ଟା ଜାରି ରଖିବା ଉଚିତ। ଏବେ ପ୍ରଥମ ଦୈବୀ ସମ୍ପଦା 'ଅଭୟମ' ଉପରେ ଆଲୋକପାତ କରିବା...

**(କ୍ରମଶଃ)**

# କିଛି ତ ଅଛି




ହରେକୃଷ୍ଣ ଦାସ




ଗଛରେ ପତ୍ର ଆସିଛି ମାନେ ଯେ
ବସନ୍ତ ଛୁଇଁଚି-
ସେ କଥା କିଏ କହିବ ?
ସେ ତ ବୋଧେ ହଜିଗଲାଣି କେବେଠୁଁ
ତମ ଆମ ଅଗଣାରେ
ଅଳ୍ପ ଅଳ୍ପ ବାସ୍ନା ଢାଳୁଥିବା
ବଉଳ ଡାଳରୁ।
ମନ୍ତ୍ରଟେ କିଏ ଫୁଙ୍କିଦେଲା କି ଅଲକ୍ଷ୍ୟରେ !

ଦେଖେଇ ନ ହେଉଥିଲେ ବି
ସତ, ସତ ହିଁ ରହେ
ଯେତେ ରଙ୍ଗ ମାଖ ପଛେ,
ତୁମେ କ'ଣ ଦେଖିପାରୁଛ
ସେ ଦୋସରା କଥା।

ଆଖି ବି କାଳେ ଧୋକା ଖାଏ
ବୋଲି
ସତ ମଣିବାକୁ ହୁଏ
ଅଦେଖା କଥାକୁ,
ଭୁଲିଯିବାକୁ ହୁଏ
ଦେଖିଥିବା ଭ୍ରାନ୍ତି ସବୁକୁ।

ସେ କ'ଣ ସ୍ୱପ୍ନଟିଏ ଯେ
ରାତିରେ ଉଚ୍ଚାଟ କରି
ସକାଳକୁ ଲୁହ ଭରିଦେବ,
ନା ବାସ୍ନାଟିଏ ଯିଏ
ପବନ ଅନ୍ୟମନସ୍କ ହେଲେ
ମୁହଁ ମୋଡ଼ିନେବ ?

କିଛି ତ ଅଛି ଅଦେଖା
ଯାହାପାଇଁ ଜିଣିପାରିନି
ଗଛଠୁଁ ଝଡ଼ର ପ୍ରଳୟ,
ଆଶାହୀନ ଜୀବନଠୁଁ
ସ୍ୱପ୍ନର ଲୁଚକାଳି ଖେଳ।
ସବୁ ଲାଂଛନା, କଷଣକୁ
ବେଖାତିର କରି
ହସଟେ ଧରି ରଖିବା-
ଗଛ ପାଇଁ ହିଁ ସମ୍ଭବ।


*ଅଧ୍ୟାପକ, ଇଂରାଜୀ ବିଭାଗ*
*ନିଆଳୀ କଲେଜ, ନିଆଳୀ*


# ଆଖି




ରାଜେଶ ପୂଜାରୀ


କେବେ କେତେବେଳେ ଥିଲେ
ସବୁଦିନିଆ ପର୍ବ ପରି...
ତମ ଆଖି: ଲାଜବତୀ ଟଗର
ମୋ ଆଖି: ଦୁଷ୍ଟ ଭଅଁର
ତମ ଆଖି: ମଉନାବତୀର ସହର
ମୋ ଆଖି: ଅଝଟ କପୋତର ନିରୁଦ୍ଦିଷ୍ଟ ଖବର
ସତେ ଯେମିତି ଚୁମ୍ବକୀୟ ଶକ୍ତି ବଳେ
ରହୁଥିଲେ ଲାଖି ସବୁବେଳେ
ହୋଇ ଦୁହେଁ ଦୁହିଁଙ୍କର ସାଖୀ
ଆଉ ଏବେ ଅଲୋଡ଼ା ନିରିମାଖି
ତତଲା ବଇଶାଖି...

ମୋ ଆଖିରୁ ତମ ଆଖି ଯାଏ
ଶୂନ୍ୟତାର ଗୋଟେ
ବିରାଟ ଲକ୍ଷ୍ମଣ ରେଖା
ଯେବେଠୁ ଆହତ ଅଭୀପ୍ସା ମାନେ
ଆଚନକ ଘଟେଇଲେ
ଥମୁ ନଥିବା ଝଡର ବିଭୀଷିକା।

କେଜାଣି କୁଆଡେ
ପବନ ହେଇ ବହିଗଲେ ହୁଏତ,
ପ୍ରେମ ପରି ଯାହା କିଛି ଥିଲେ...



ସେମାନେ ମାନ କରି
ମଇଳା ଲୁଗା ପରି
ଉତାରି ଫିଙ୍ଗିଦେଲେ
ତାଙ୍କ ଅତୃପ୍ତ ଇତିହାସ
ବୃଥା କନ୍ଦଳର ଶେଷ ପ୍ରହରରେ
ଅପନିନ୍ଦାର ଭୂଗୋଳ
ପାଇଲା ଜୀବନ୍ୟାସ !

ଲୁହ ଲହଡିରେ ଛଟପଟ ଯାହା
ପତ୍ରଝଡା ପରର କିଛି
ଉହଳ ବିକଳ ସ୍ମୃତି
ମୃତବତ୍ କିଛି ମଧୁର ତିକ୍ତ ଅନୁଭୂତି
ସେମାନେ ବି ଲିଭିବେ,
ଲିଭିଯିବେ ନିହାତି
ଗୋଠଗୀତ ଶୁଣିବା ଆଗରୁ
ଝରିବ ରକ୍ତ ବୁନ୍ଦା ଥପ୍ ଥପ୍ ହୋଇ
ତାଙ୍କ ଦଶାହ ଘାଟରେ।

କେବେ ଦିନେ ତମେ ମୋର
ମୁଁ ତମର ବୋଲି ଚିହ୍ନେଇଥିବା
ଆଖି ଦି' ହଳର
ଏତକ ତାଡନା ଯଥେଷ୍ଟ ସଖି
ବିନା ବନସୀରେ ମାଛ ଧରିବା ପାଇଁ
ଆପେ ଆପଣାର ଶବ ସତ୍କାର ହେତୁ
ଜାଳିବାକୁ ଜୁଇ।


କୁଶମେଲ୍, କପିଳାପୁର,
ପଞ୍ଚଗାଁ, ଝାରସୁଗୁଡା
ଦୂରଭାଷ: ୯୭୭୭୨୮୦୫୯୪


# ବନ୍ଧୁତା


- ରାଧାରାଣୀ ତ୍ରିପାଠୀ




"ଦେଖ୍ ଗୀତା ତୁ ହୋଇପାରୁ ତୋ ଏରିଆର ନମ୍ବର୍ ୱାନ୍ ଷ୍ଟୁଡେଣ୍ଟ। ପାଠରେ ପାରଙ୍ଗମ। କିନ୍ତୁ ତୁ ଏଠାକାର ଚାଲି ଚଳଣୀ ବିଷୟରେ କିଛି ଜାଣିନୁ। ଯାହାହେଲେ ବି ଏ ହେଉଛି କ୍ୟାପିଟାଲ୍। ଏଠିକାଲୋକ ଯେମିତି ଦେଖାଯାନ୍ତି ସେମିତି ବିଲ୍କୁଲ ନୁହନ୍ତି।" କହୁଥିଲା ବନ୍ଦିତା। ସମୀରା କହିଲା "ଦେଖ୍ ତୁ ବି ଛୋଟ ଟାଉନରୁ ଆସିଛୁ ଆମେ ବି ଆସିଛୁ। ସେଥିପାଇଁ ତୋତେ ଏଲର୍ଟ କରି ଦେଉଛୁ ଆମେ। ତୁ ପଢ଼ାପଢ଼ିରେ ସିନା ଟପର୍ ହେଲେ ଏଇ ସହରି ସମାଜକୁ ଚିହ୍ନିବାରେ ଏକ୍ଦମ୍ ଡଫର୍ ବୁଝିଲୁ।"

ସେମାନଙ୍କ କଥା ଚୁପ୍‌ଚାପ୍ ଶୁଣୁଥାଏ ସଂଯୋଗୀତା। ଏଇ ଦୁଇମାସ ହେଲା ରାଜଧାନୀକୁ ଆସିଛି ମେଡିକାଲ୍ ପ୍ରିପ୍ୟାରେସନ୍ ପାଇଁ। ତାର ଏ ରୁମ୍‌ମେଟ୍ ଦିଜଣ ତାକୁ ଏମିତି ଭାରି ବୋର୍‌କରନ୍ତି ବେଳେ ବେଳେ। ସେ କହିଲା "ଆଚ୍ଛା ବନ୍ଦିଦି କହିଲ, ମୁଁ କଣ ପଢ଼ାପଢ଼ିରେ ନେଗ୍‌ଲେଟ୍ କରୁଛି ? ପ୍ରପର୍‌ଲି ସବୁକାମ କରୁଛି। ଆଉ ହଁ ମୀରା ତୁ କହିଲୁ ମୁଁ ଏଇଠି ରହୁଛି, ଏଠିକା ଏନ୍‌ଭାରମେଣ୍ଟରେ ଟିକେ ଢଳିବାରେ କ୍ଷତି କଣ? ନହେଲେ ପୁଣି ମୋତେ ଲୁଜର୍ କହିବେନି ?"

ସମୀରା କହିଲା "ଦେଖ୍ ଗୀତା ହଂସ ରାଜ୍ୟକୁ ଗଲେ ବି କାଉ ନିଜର ଚାଲିବା ଢ଼ଙ୍ଗ ଭୁଲେନି ନହେଲେ ଭାରି ବିପଦର ସାମ୍ନା କରିବାକୁ ପଡ଼େ। ତୁ ଆମକଥା ଟିକେ ବୁଝିବାକୁ ଚେଷ୍ଟାକର। ଅଙ୍କଲ୍ ଏଠାକୁ ତୋତେ ଡକ୍ଟର୍ କରିବା ପାଇଁ ପଠେଇଛନ୍ତି। ତୁ ଏସବୁ ବାଜେ ଜଂଜାଳରୁ ଓହରି ଆ ନହେଲେ ପସ୍ତେଇବୁ।"

ରାଗିଗଲା ସଂଯୋଗୀତା। "ମୋ ପ୍ରୋବ୍ଲମ୍ ମୁଁ ଫେସ୍ କରିବି। ତୁମେ ମାନେ ଏତେ ବ୍ୟସ୍ତ ହେବା ଦରକାର ନାହିଁ। ଆଇ ଏମ୍ ନୋ ନିଡ୍ ଟୁ ୟୋର୍ ଫେବର୍। ଓ. କେ।" ମୁହଁ ଛିଂଚାଡ଼ି କହିଲା ସେ।

ବନ୍ଦିତା ଆଉ ସମୀରା ଚୁପ୍ ରହିଲେ। ବେଶୀକିଛି କହିବାକୁ ଉଚିତ୍ ମନେ କଲେ ନାହିଁ। ଛୋଟ ସହରରୁ ଆସିଥିବା ପିଲାମାନେ ଇ ଏମିତି। ମେଟ୍ରୋସିଟିର ଚାକଚକ୍ୟ ଦେଖି ଅକ୍‌ୱାଡ୍ ଫିଲ୍ କରନ୍ତି ଆଉ ନିଜକୁ ଖାପ ଖୁଆଇବାକୁ ଚେଷ୍ଟା କରନ୍ତି। ହେଲେ ଏଠିକା ବିଛୁଆତିମାନଙ୍କ ସହ ସେମାନେ ବିଲ୍‌କୁଲ୍ ପରିଚିତ ନଥାନ୍ତି।

ସଂଯୋଗିତା କ୍ଷେତ୍ରରେ ବି ଠିକ୍ ସେଇଆ ଘଟୁଛି। ଏଣେ ଭଲ ଷ୍ଟୁଡେଣ୍ଟ ବୋଲି ଇନ୍‌ଷ୍ଟିଚ୍ୟୁଟ୍‌ରେ ତାର କାଟ୍‌ତି ମଧ୍ୟ ଅଛି। ସାନପିଲାଟା ଟିକେ ଟେକାଟେକି କରିଦେଲେ ଭଳିଯାଉଛି।

ସେଦିନ ବନ୍ଦିତାକୁ ଚମକାଇଲା ପରି ଖବରଟାଏ ଦେଲା ସମିରା, "ବନ୍ଦିଦି କିଛି ନୋଟିସ୍ କରିଛ ? ଗୀତା ଏବେ ଗୋଟେ ଟୋକା ସହ ବୁଲୁଛି। ସେଇ ବା ସଚଲାର ଏକ୍ସ ବୟଫ୍ରେଣ୍ଡ୍। ବିଜି।" ଚମକି ପଡ଼ିଲା ବନ୍ଦିତା "ହ୍ୱାଟ୍ ? ଓ ଗଡ୍ ସେଭ୍ ହାର୍। ଆବେ, ସେ ତ ଏକ ନମ୍ବର୍ ସ୍କାଉଣ୍ଡ୍ରେଲ୍‌ଟା। ମୋତେ କିନ୍ତୁ ଗୀତା ପାଇଁ ଓରିଡ୍ ଲାଗୁଛି ମୀରା କଣ କରିବା ? ଅଙ୍କଲ୍‌ଙ୍କୁ ମେସେଜ୍ କରିବା ?" ପଚାରିଲା ମୀରା। "ନୋ ନୋ ସେମିତି ଭୁଲ୍‌କଥା ଚିନ୍ତା ବି କରନା। କହିଲା ବନ୍ଦିତା। ତୁ ସେ ଟୋକି ସଂଯୋଗୀତା ଉପରେ ଟିକେ ନଜର ରଖିଥା। ଉଇ ଉଇଲ୍ ହେଣ୍ଡେଲ୍ ଆଓ୍ୱାର୍ ସେଲ୍‌ଫ୍।"

ଲାଷ୍ଟ ସନ୍‌ଡେ ବ୍ରେକ୍‌ଫାଷ୍ଟ ଆଓ୍ୱାରରେ ସଂଯୋଗୀତାର ମୋବାଇଲ୍‌କୁ କଲ୍‌ଟାଏ ଆସିଲା। ଫୋନ୍ ରିସିଭ୍ କଲା ସେ। "ହେଲୋ। ଆରେ ବିଜି ! ଗୁଡ୍ ମଣିଙ୍ଗ୍। ଟିକେ କୁରୁଳି ଉଠିପୁଣି କହିଲା ହେପି ବାର୍ଥଡେ। ଆରେ ହଁ ହଁ ସିଓର୍ ଟ୍ରିଟ୍ ନେବିନା ଆଉ। ଆଚ୍ଛା କୋଉଠି ଲାଇଫ୍ ପାର୍ଟନର୍ ରେଷ୍ଟୁରାଣ୍ଟ। କେତେବେଳେ ?ଆଫ୍‌ଟରନୁନ୍ ?ଫାଇଭ୍ ଓ କ୍ଲକ୍। ଓ. କେ.ଦେନ୍। ବାଏ। ସି ୟୁ।"

ମୀରା ସବୁ ଶୁଣିଲା। କିଛି କହିଲାନି ତାକୁ, କିନ୍ତୁ ମନେ ମନେ ପ୍ରମାଦ ଗଣିଲା। କାରଣ ଏବେ ମାସେ ତଳେ ସେ ସେଇ ସେମ୍ କଥା କହି ସଚଳାକୁ ଡାକି ନେଇଥିଲା କୋଉ ରେଷ୍ଟୁରାଣ୍ଟକୁ। ତାପରେ ପରେ ସଚଳା ତାସହ ବ୍ରେକ୍‌ଅପ୍ କରିଦେଲା। ମୀରା ଆସି ବନ୍ଦିତା ଆଗରେ ସବୁକଥା କହିଲା ।

ପରଦିନ। ସଂଯୋଗୀତା ଉଠିଲା ବେଳକୁ ଅନେକ ଡେରି ହୋଇଯାଇଥିଲା। ମୁଣ୍ଡ ଭାରି ଭାରି ଲାଗୁଥିଲା। ତା ବେଡ୍ ଉପରେ ବସିଥିଲା ବନ୍ଦିତା। ଆଜି କ୍ଲାସ୍ ନ ଯାଇ ଜଗି ରହିଛି ସେ ସଂଯୋଗିତାକୁ ।

ସଂଯୋଗିତା ବନ୍ଦିତାକୁ ନିଜ ପାଖରେ ଦେଖି କହିଲା "ଗୁଡ୍ ମଣିଙ୍ଗ୍ ବନ୍ଦିଦି।" "ଭେରି ଗୁଡ୍ ମଣିଙ୍ଗ୍। ଆଉ ଗିତା ! ଏବେ କେମିତି ଲାଗୁଛି ?" "ଟିକେ ବେଟର୍ ଫିଲ୍ ହେଉଛି ଦି। ଆରେ ହଁ ଦି ମୋତେ କଣ ହୋଇଥିଲା ? ମୋ ମୁଣ୍ଡ କାଇଁ ଭାରି ଭାରି ଲାଗୁଛି ଏବେ ବି ?" "ଏ କଥା ମୋତେ ନ ପଚାରି ତୋ ବୟଫ୍ରେଣ୍ଡ ବିଜିକୁ ପଚାର୍। ଆମେ ଯଦି ତୋ ପିଛା କରି ନଥାନ୍ତୁ, ତାହେଲେ ତୋ ଅବସ୍ଥା ଯାହା ହୋଇଥାନ୍ତା ନା ତୁ କାହାକୁ ମୁହଁ ଦେଖେଇବାର ଲାୟକ୍ ହୋଇନଥାନ୍ତୁ। ଆଉ ତୋର ଶେଷ ପରିଣତି ହୋଇଥାନ୍ତା ସୁଇସାଇଡ୍। ଅଣ୍ଡର୍‌ଷ୍ଟୁଡ୍ ? ୟୁ ଡଫର୍।"

ବୋକିଙ୍କ ପରି ଚାହିଁଥାଏ ଗିତା, ବନ୍ଦିତାର ମୁହଁକୁ। ବନ୍ଦିତା ପୁଣି କହିଲା "ଜାଣିଛୁ ସେ ଟୋକା ବିଜି ଗୋଟେ ବିଚିତ୍ର ଜିବ। ସେ ରାସ୍କେଲ୍‌ର ପ୍ରତି ସପ୍ତାହରେ ହୁଏ ବାର୍ଥଡେ। ଆଶ୍ଚର୍ଯ୍ୟ ହୋଇଗଲା ସଂଯୋଗିତା। ବଡ଼ ବଡ଼ ଆଖି କରି କେବଳ ଅନେଇଥାଏ ବନ୍ଦିତାକୁ। ସରି ଦି, ଆଇ ଏମ୍ ଏକ୍ସଟ୍ରିମ୍‌ଲି ସରି। ପ୍ଲିଜ୍ ମୋତେ ମାଫ୍ କରିଦିଅ। ତେବେ ଦି ସତ କୁହ ମୋର କଣ ହୋଇଥିଲା ?"

ବନ୍ଦିତା କହିବା ଆରମ୍ଭ କଲା। "ମୁଁ ମୀରା ପାଖରୁ ଶୁଣିଲି ତୁ ସେ ଇଡିଅଟ୍ ବିଜିର ବାର୍ଥଡେ ପାର୍ଟି ଏଟେଣ୍ଡ୍ କରିବାକୁ ଲାଇଫ୍ ପାର୍ଟନର୍ ରେଷ୍ଟୁରାଣ୍ଟ ଯାଉଛୁ। ମୋ ହାଲୁକା ଶୁଖିଗଲା। ତୁ ତ ତୁଉ.. ନା। ବୁଝିବା ପିଲା ନୁହଁ। ସେଥିପାଇଁ ଆମେ ପ୍ଲାନ୍‌କରି ତୋତେ ଫଲୋ କଲୁ। କରୁଣା ଇନ୍‌ଷ୍ଟିଚ୍ୟୁଟ୍‌ରେ ପଢ଼ନ୍ତି ମୋ ବଡ଼ଭାଇ। ତାଙ୍କୁ ଫୋନ୍ କରି ଡକେଇଲି ଆଉ ତାଙ୍କ ସାଙ୍ଗରେ ମୁଁ ଆଉ ସମୀରା ଚାଲିଲୁ ଲାଇଫ୍ ପାର୍ଟନର୍ ରେଷ୍ଟୁରାଣ୍ଟ। ଜାଣି ଶୁଣି ତୁମ ଟେବୁଲ୍‌ର ପାଖ ଟେବୁଲ୍ ବୁକ୍ କଲୁ। ତୁ ନୋଟିସ୍ କରିଛୁ ତା ପାର୍ଟିରେ ତୋ ବ୍ୟତିତ ସମସ୍ତେ ପୁଅ ଥିଲେ। ଭାଇ ଦେଖିଲେ ସେ ତୋ କୋଲ୍ଡ୍ରିଙ୍କ୍‌ସ୍‌ରେ କିଛି ଟାବ୍‌ଲେଟ୍ ମିଶେଇଲା। ଭାଇ ଏଲର୍ଟ କରିଦେଲେ ମୋତେ। ସେଇ କୋଲ୍ଡ୍ରିଙ୍କ୍‌ସ୍ ପିଇବା ପରେ ପରେ ତୁ ଫେଣ୍ଟ ହେବାକୁ ବସିଥିଲୁ। ସେ କିଛି ବି ଚିନ୍ତା କରିବା ଆଗରୁ ଭାଇ ଦୌଡ଼ିଯାଇ ତୋତେ ସମ୍ଭାଳି ନେଲେ। ଆଉ ତାକୁ କହିଲେ ଆବେ ହେ ତୁ କୋଲ୍ଡ୍ରିଙ୍କ୍‌ସ୍‌ରେ କଣ ଦେଇଥିଲୁ କହ ? ମୋ ସିଷ୍ଟର୍ ବେହୋସ୍ ହୋଇଗଲା କାହିଁକି ? ମୋତେ କହିଲେ ଆରେ ବନ୍ଦି ତୁ ଗୀତାକୁ ସମ୍ଭାଳ। ଆଉ ମୁଁ ସମ୍ଭାଳୁଛି ଏଇ ସ୍କାଉଣ୍ଡ୍ରେଲ୍‌କୁ। ତାପରେ ଉବେର୍ ଡକେଇ ଆମେ ତୋତେ ଧରିକି ହଷ୍ଟେଲ୍ ଚାଲି ଆସିଲୁ। ଏବେ ମୁଁ ଭାବୁଛି ଆଜି ଅଙ୍କଲ୍‌ଙ୍କୁ ଡାକି ସବୁକଥା ଜଣେଇ ଦେବୁ।"

କାନ୍ଦି ପକେଇଲା ସଂଯୋଗିତା। ଡରରେ ତା ଦେହ ଶିହରୀ ଉଠୁଥାଏ। ସେ ପ୍ରଥମେ ବନ୍ଦିତାକୁ କୁଣ୍ଢେଇ ଧରି କହିଲା "ଥେଙ୍କ୍ ୟୁ ଦି। ଥେଙ୍କ୍ ୟୁ ଭେରି ମଚ୍। ତେବେ ଦି ମୋର ରିକ୍ୱେଷ୍ଟ୍ ତୁମେ ପାପାଙ୍କୁ କିଛି ହେଲେ କହିବନି। ପ୍ଲିଜ୍ ଦି ପ୍ଲିଜ୍।" ରିକ୍ରେସନ୍ ଟାଇମ୍ ହୋଇ ଯାଇଥିଲା। ସମୀରା ଫେରି ଆସିଥିଲା ହଷ୍ଟେଲ୍‌କୁ। ସମୀରାକୁ ଦେଖି ସଂଯୋଗିତା ଦୌଡ଼ିଯାଇ ଜୋର୍‌ରେ କୁଣ୍ଢାଇ ଧରି କଇଁ କଇଁ ହୋଇ କାନ୍ଦିବାକୁ ଲାଗିଲା। ସେମିତି କାନ୍ଦି କାନ୍ଦି କହିଲା "ଥେଙ୍କ୍ ୟୁ ୟାର୍ ! ଥେଙ୍କ୍ ୟୁ ଭେରି ମଚ୍। ତୁମେ ଦିଜଣ ସେଭ୍ କରିଦେଲ ମୋତେ। ନହେଲେ ମୋର କଣ ଯେ ହୋଇଥାନ୍ତା.. ଭଗବାନ ଜାଣନ୍ତି।" "ଆବେ ଚୁପ୍" କହିଲା ସମୀରା। "ବେଶୀ ଭାଉ ଖାଆନି। ଆଫ୍ଟର୍ ଅଲ୍ ତୁ ଆମର ବନ୍ଧୁ। ଆଉ ବନ୍ଧୁ ହିସାବରେ ଆମେ ଆମର ଡିଉଟି କରିଛୁ ଯାହା। ସେଥିପାଇଁ ଏଇ ସରି, ଥେଙ୍କ୍ ୟୁର ଜରୁରତ୍ ନାହିଁ। ଆଉ ହଁ, ବନ୍ଧୁତାରେ ନୋ ସରି ନୋ ଥେଙ୍କ୍ ୟୁ, ଅଣ୍ଡରଷ୍ଟେଣ୍ଡ୍। ୟୁ ବେଟର୍ ଅଣ୍ଡରଷ୍ଟେଣ୍ଡ୍।" ସିନେମା ଷ୍ଟାଇଲ୍‌ରେ ଆଖି ନଚେଇ ନଚେଇ କହିଲା ସେ। ସଂଯୋଗିତା ନହସି ରହି ପାରିଲାନି। ବନ୍ଦିତା ବି ଖିଲିଖିଲି ହୋଇ ହସି ଉଠିଲା। ସେମିତି ହସୁ ହସୁ କହିଲା "ଚୁପ୍ କର୍, ଡ୍ରାମେବାଜ୍ କାହିଁକା।" ଏବେ ତିନିହେଁ ପରସ୍ପରକୁ ଜାବୁଡ଼ି ଧରି ମନଖୋଲା ହସ ହସୁଥିଲେ।


*ଭାରତୀ କୁଟୀର*
*ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର*
*ଦୂରଭାଷ: ୯୪୩୭୬୪୦୩୧୬*


# ସ୍ରଷ୍ଟା ଓ ସୃଷ୍ଟି



## ଏ ବ୍ରିଫ୍ ହିଷ୍ଟ୍ରି ଅଫ୍ ସାଇଲେନ୍‌ସ



ମନୁ ଦାଶ

**ପ୍ରକାଶକ : ଧଉଳି ବୁକ୍‌ସ, ଭୁବନେଶ୍ୱର**

*ପୃଷ୍ଠା - ୮୦, ମୂଲ୍ୟ - ୨୯୫.୦୦*

କବି ମନୁ ଦାଶଙ୍କ 'ଏ ବ୍ରିଫ୍ ହିଷ୍ଟ୍ରି ଅଫ୍ ସାଇଲେନ୍‌ସ ଇଂରାଜୀ କବିତା ସଂକଳନ 'ଧଉଳି ବୁକ୍‌ସ' ତରଫରୁ ନିକଟରେ ପ୍ରକାଶ ପାଇଛି। ଏହି ସଂକଳନରେ ୫୯ଟି କବିତା ସନ୍ନିବେଶିତ। ସଂକଳନର ପ୍ରଥମ କବିତା 'କ୍ୟାଟରପିଲାର୍' (ସମ୍ବାଳୁଆ) ହୋଇଥିବା ବେଳେ ଶେଷ କବିତାର ଶୀର୍ଷକ ହେଉଛି 'ଏ ପାରାବଲ୍ ଅନ୍ ସାଇକ୍ଲୋନ୍ ୨୦୧୯' (୨୦୧୯ ଘୂର୍ଣ୍ଣିବାତ୍ୟାର ରୂପକଥା)।

୨୦୧୯ର କିଛି ମାସ ପୂର୍ବେ ଓଡ଼ିଶାରେ ସଂଘଟିତ ହୋଇଥିବା ପ୍ରଳୟଙ୍କରୀ ବାତ୍ୟା ବିଭିଷୀକାର ବର୍ଣ୍ଣନା ସହ, ଆମ ସାମାଜିକ ତଥା ରାଜନୈତିକ ମୂଲ୍ୟବୋଧର ଅବକ୍ଷୟ ସଙ୍ଗେ ସଙ୍ଗେ ସାଂପ୍ରତିକ ସମୟର ନିଖୁଣ ଚିତ୍ର ଆଙ୍କିଛନ୍ତି କବି।

That this very severe cyclone
was not a cyclone alone
But a biopsy report on our society.
And the parable is nothing but
the spasms of common cruelty.

କବିତା ବହିଟି ପ୍ରକାଶ ପାଇବାର ମାତ୍ର ଅଳ୍ପ କିଛି ଦିନରେ ଏହି ବହିର ସମସ୍ତ କବିତା ଅସମୀୟା, କନ୍ନଡ଼, ଗୁଜୁରାଟି, ହିନ୍ଦୀ, ତଥା ଉଜ୍‌ବେକ୍ ଭାଷାରେ ଅନୁଦିତ ହୋଇ ପାଠକୀୟ ଶ୍ରଦ୍ଧା ଭାଜନ ହୋଇଛି। ସ୍ଥାନିତ ପୁସ୍ତକରେ ଅନେକ କବିତା ଓଡ଼ିଶାର ସାମାଜିକ, ରାଜନୈତିକ, ଐତିହାସିକ ତଥା ସାଂସ୍କୃତିକ ଚିତ୍ରର ଅବତାରଣା କବିତାର ପରିପାଟିକୁ ଉଚ୍ଚାଙ୍ଗ କରିଛି। ବିସ୍ମୟ ଧାବକ 'ବୁଦ୍ଧିଆ ସିଂ', 'ଭୁବନେଶ୍ୱର ବ୍ଲୁଜ୍', 'ସାଇକ୍ଲୋନ୍', 'ଲେଟର ଟୁ ଦାନାମାଝି' ଓ 'ସୁପର ସାଇକ୍ଲୋନ୍' ଆଦି କବିତାରେ ଓଡ଼ିଶା ମାଟିର ବାସ୍ନା ବାରି ହେଇପଡୁଥିବା ବେଳେ 'ଜେନେରେସନ୍‌ସ' 'ଦିୱାଲି ଇନ୍ ଏ କ୍ୟାନସରୱାର୍ଡ଼', 'ମାଇ ଜାପାନିଜ୍ ଫ୍ରେଣ୍ଡ୍' ଆଦି କବିତାରେ କବିଙ୍କ ଜୀବନାନୁଭୂତିର କିଛି ଝଲକ ପାଇଥାଏ ପାଠକ।

ଏଇ କବିତା ବହି ସଂପର୍କରେ ଭାରତର ଆଗଧାଡ଼ିର କବିମାନେ ବେଶ୍ ଉତ୍ସାହ ସୂଚକ ମନ୍ତବ୍ୟ ଦେଇଛନ୍ତି। ମନୁ ଦାଶ ତାଙ୍କ କବିତାରେ ଶ୍ଳେଷ ପ୍ରୟୋଗରେ ପାରଙ୍ଗମତା ଦେଖାଇବାରେ ନିଜ ଅନୁଭୂତି ଆଧାରରେ 'ପ୍ରତିବିମ୍ବ' ଓ 'ରୂପକଳ୍ପ'ର ବ୍ୟବହାର କରିଛନ୍ତି ବୋଲି କହିଛନ୍ତି ବିଶିଷ୍ଟ ଭାରତୀୟ କବି କେ. ସଚ୍ଚିଦାନନ୍ଦନ। ଭାରତର ଜଣେ ସମ୍ଭ୍ରାନ୍ତ କବି ମନୋହର ସେଟ୍ଟିଙ୍କ ଭାଷାରେ, ନୂତନ ଓ ନିଜସ୍ୱ ଭାଷା ପ୍ରୟୋଗ କରିଥିବା ମନୁ ଦାଶଙ୍କ ଏ ବହିଟି ଉପମହାଦେଶରେ ଏକ କାବ୍ୟିକ ଇତିହାସରେ ତାଜା ଓ ବଳିଷ୍ଠ ସ୍ୱର ବୋଲି ମନ୍ତବ୍ୟ ଦେଇଛନ୍ତି। ଏହାଛଡ଼ା ତାଙ୍କ କବିତାରେ ତିକ୍ତ ମାନସିକ ଯନ୍ତ୍ରଣା ଓ କ୍ରୂର ଶ୍ଳେଷର ଅବତାରଣାରେ ଉହକୁଥିବା ମୌନତା ତଥା ଉପଶମହୀନ ବିରୋଧାଭାସ ଦେଖିବାକୁ ମିଳିଥାଏ ବୋଲି ବିଶିଷ୍ଟ କବି ଅରୁନ୍ଧତୀ ସୁବ୍ରମଣ୍ୟମ୍ ମତ ପ୍ରକାଶ କରିଛନ୍ତି।

ଅନାମ କାବ୍ୟ ଆନ୍ଦୋଳନରୁ ସାହିତ୍ୟିକ ଜୀବନଯାତ୍ରା ଆରମ୍ଭ କରିଥିବା ମନୁ ଦାଶଙ୍କ ଏଇ ପ୍ରଥମ ପ୍ରକାଶିତ ଇଂରାଜୀ କବିତା ସଂକଳନଟି ଜାତୀୟ ତଥା ଆର୍ନ୍ତଜାତୀୟ ସ୍ତରରେ ପ୍ରଭାବ ଜାରି ରଖିବ ବୋଲି ଆଶା କରାଯାଏ।






**ଅଦିତି ଦାସ**
ଷ୍ଟାଣ୍ଡାର୍ଡ-୫
ବିଜେଇଏମ୍ ସ୍କୁଲ-୨
ସତ୍ୟଭାମାପୁର
ଭୁବନେଶ୍ୱର









ପ୍ରାର୍ଥନା ଦାଶ
ଷ୍ଟାଣ୍ଡାର୍ଡ - ୬
ବିଜେଇଏମ୍ ସ୍କୁଲ-୧
ଭୁବନେଶ୍ୱର



# ଆଉ କେତେ ଜୀବନ ଗଲେ ପ୍ରଶାସନର ଚେତା ପଶିବ ?



**ବାରିପଦା,(ସଦାନନ୍ଦ ସାହୁ):** ଶାମାଖୁଣ୍ଟା ବ୍ଲକ ତଥା କୁଳିଅଣା ଥାନା ଅନ୍ତର୍ଗତ ତାରାଯୋଡ଼ି ପୋଲ ନିକଟରେ ଦୁଇ ଦିନ ତଳେ ପଳପଳା ନଦୀ ପାର ହେଉଥିବା ବେଳେ ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିବା ବାରିପଦା ସଦର ଥାନା ଅଧୀନରେ ଥିବା ଲକ୍ଷ୍ମୀପୋଷି(ରଙ୍ଗାମାଟିଆ) ଗ୍ରାମର ସାଲଖାନ କିସ୍କୁ(୫୦)ଙ୍କର ଗଳିତ ଶବକୁ ନଦୀର କୁଚିଳାଘାଟି-ବାଲିଡ଼ିହା ମଧ୍ୟସ୍ଥଳୀରେ ଉଦ୍ଧାର କରାଯାଇଛି । ଖବରପାଇ କୁଳିଅଣା ଥାନା ପୁଲିସ ପହଁଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପାରିପଦା ପିଆରଏମ ମେଡ଼ିକାଲ କଲେଜ ଓ ହସପିଟାଲକୁ ପଠାଇ ଦେଇଛି । ଉକ୍ତ ସ୍ଥାନରେ ନଦୀର ସ୍ରୋତରେ ଏହା ପୂର୍ବରୁ ପ୍ରାୟ ୩ ଜଣ ଭାସି ଯାଇ ମରିଥିବାର ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି । ଜନସାଧାରଣଙ୍କ ଯାତାୟତର ସୁବିଧା ନିମନ୍ତେ ତାରାଯୋଡ଼ି ଓ କୁଚିଳାଘାଟିକୁ ସଂଯୋଗ କରିବା ନିମନ୍ତେ ଏକ ପୋଲ ନିର୍ମାଣ କାର୍ଯ୍ୟ ୨୦୧୬ରୁ ଆରମ୍ଭ ହୋଇଛି । ଉକ୍ତ ପୋଲର ନିର୍ମାଣ କାର୍ଯ୍ୟ ଜନସାଧାରଣଙ୍କ ନିମନ୍ତେ ମୃତ୍ୟୁର କାରଣ ପାଲଟିଥିବାର ଅଭିଯୋଗ ହୋଇଛି । ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଅଧୀନସ୍ତ ଶାମାଖୁଣ୍ଟା ବ୍ଲକର ତାରାଯୋଡ଼ି ଓ କୁଚିଳାଘାଟି ଗ୍ରାମର ସୀମାରେଖା ଟାଣିଛି ପଳପଳା । ନଦୀଟି ଶିମିଳିପାଳ ଅଭୟାରଣ୍ୟରୁ ବାହାରି ବୁଢ଼ାବଳଙ୍ଗ ନଦୀରେ ମିଶିଛି । ନଦୀର ଉପରମୁଣ୍ଡା ଶିମିଳିପାଳ ଅଭୟାରଣ୍ୟରେ ବର୍ଷା ହେଲେ ପଳପଳା ନଦୀରେ ପ୍ରଖର ବେଗରେ ପାଣି ପ୍ରବାହିତ ହୋଇଥାଏ । ଏହି ସମୟରେ କୁଚିଳାଘାଟି ଓ ତାରାଯୋଡ଼ିର ଉଭୟ ପାର୍ଶ୍ୱରେ ଥିବା ରହିଥିବା ଗ୍ରାମଗୁଡ଼ିକ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଏ । ଜନସାଧାରଣଙ୍କ ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ପଳପଳା ନଦୀ ଉପରେ ଏକ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ କଲେ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୪ କୋଟି ୨୨ଲକ୍ଷ ୨ ହଜାର ୬୭ ଟଙ୍କା ବ୍ୟୟ ବରାଦରେ ନିର୍ମିତ ହେଉଥିବା ଉକ୍ତ ପୋଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୬ ଅକ୍ଟୋବର ୨୬ରେ ଶିଳାନ୍ୟାସ କରିଥିଲେ । ଏହି ସମୟରେ ସ୍ଥାନୀୟ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର ବିଧାୟକ ତଥା ଓଡ଼ିଶା କ୍ରୀଡ଼ା ଓ ଯୁବ ସେବା ବ୍ୟାପାର ମନ୍ତ୍ରୀ ସୁଦାମ ମାର୍ଣ୍ଡି ମଧ୍ୟ ଉପସ୍ଥିତ ରହିଥିଲେ । ୧୫୦.୭୮ ମିଟର ଲମ୍ବର ଏହି ପୋଲ ନିର୍ମାଣ ନିମନ୍ତେ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ(ପ୍ୟାକେଜ ନଂ ଓଆର ୨୧ ଏଲବି ୨୨) ପକ୍ଷରୁ ପୁରୀ ଜିଲ୍ଲା ବାଙ୍କପୁରର ପାଟସୁନ୍ଦରପୁର ଅଞ୍ଚଳର ଅକ୍ଷୟ କୁମାର ମହାନ୍ତିଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ଠିକାଦାର ଓ ବିଭାଗ ମଧ୍ୟରେ ହୋଇଥିବା ଚୁକ୍ତିନାମା ଆଧାରରେ ୨୦୧୬ ଅଗଷ୍ଟ ୨୬ରେ କାର୍ଯ୍ୟ ଆରମ୍ଭ ଓ ୨୦୧୭ ନଭେମ୍ବର ୨୫ ମଧ୍ୟରେ କାର୍ଯ୍ୟ ସମାପ୍ତି ହେବାର ରହିଥିଲା । କିନ୍ତୁ କାର୍ଯ୍ୟ ସମାପ୍ତି ନିମନ୍ତେ ଧାର୍ଯ୍ୟ ସମୟସୀମାଠାରୁ ୧ ବର୍ଷ ୮ ମାସ ୨୭ ଦିନ ଅତିକ୍ରାନ୍ତ ହୋଇସାରିଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ରହିଛି । ପାଣି ଭିତରେ ପୋଲର କଂକ୍ରିଟ ଚଟାଣ ଉପରେ ପାଣି ପ୍ରବାହିତ ହେଉଥିବା କାରଣରୁ ଚଟାଣରେ ଶିଉଳି ଜମି ଯାଇଛି । ଏହା ଉପରେ ସ୍କୁଲ ପିଲା ଓ ସ୍ଥାନୀୟ ଜନସାଧାରଣ ନଦୀ ପାର ହୋଇଥାନ୍ତି । ନଦୀର ଉପର ମୁଣ୍ଡରେ ବର୍ଷା ହେଲେ ନଦୀରେ ପାଣିର ବେଗ ପ୍ରଖର ହୋଇଥାଏ । ଏହି ସମୟରେ ନଦୀ ପାର ହେଉଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କାହାରି ପାଦ ଖସି ଗଲେ ମୃତ୍ୟୁ ସୁନିଶ୍ଚିତ ହୋଇଥାଏ । ଜନସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗ ଅନୁସାରେ ଏହା ସେମାନଙ୍କ ନିମନ୍ତେ ମୃତ୍ୟୁ ଦୂତ ସାଜିଛି । କେବଳ ଏତିକି ନୁହେଁ ଠିକାଦାର ନିର୍ମାଣ କାର୍ଯ୍ୟରେ ନିମ୍ନମାନର ସିମେଣ୍ଟ ଓ ରଡ଼ ବ୍ୟବହାର କରୁଥିବାର ଅଭିଯୋଗ ମଧ୍ୟ କରିଛନ୍ତି । ସ୍ଥାନୀୟ ଜନସାଧାରଣ ଏହି ପ୍ରକାରର ଅସୁବିଧାକୁ ନେଇ ବିଭିନ୍ନ ସମୟରେ ସ୍ୱର ଉଠାଇ ଆସୁଥିଲେ ମଧ୍ୟ ଏହା ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଅଥବା ବିଧାୟକ କିମ୍ବା ସରକାରଙ୍କ ନିକଟରେ ପହଞ୍ଚିପାରୁ ନାହିଁ । ଆଉ କେତେ ଜଣଙ୍କର ଜୀବନ ଯିବା ପରେ ସରକାର ଓ ବିଭାଗର ମନ ଶାନ୍ତ ହେବ ବୋଲି ସ୍ଥାନୀୟ ଗ୍ରାମବାସୀମାନେ ପ୍ରଶ୍ନ କରିଛନ୍ତି ।

# କେବେ ସରିବ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପଥ କାର୍ଯ୍ୟ



**ସୋନପୁର:** ପଶ୍ଚିମ ଓଡିଶାର ଜୀବନ ରେଖା କୁହାଯାଉଥିବା ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ପାଇଁ ସୁବର୍ଣ୍ଣପୁର ଜିଲାରେ କାର୍ଯ୍ୟ ବିଳମ୍ବ ହେଉଥିବା ନେଇ ବିଭିନ୍ନ ସଂଗଠନ ପକ୍ଷରୁ ଉଦବେଗ ପ୍ରକାଶ ପାଇବା ସହ ତୁରନ୍ତ ପ୍ରକଳ୍ପ କାର୍ଯ୍ୟ ସମ୍ପର୍ଣ୍ଣ କରିବାକୁ ଦାବି ହେଉଛି । ଜିଲାର ବିଭିନ୍ନ ସଂଗଠନ ପକ୍ଷରୁ ଏହି ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମନ୍ତ୍ରୀ, ସାଂସଦ ଓ ବିଧାୟକ ପର୍ଯ୍ୟନ୍ତ ସବୁସ୍ତରରେ ଦାବି କରାଯାଇଥିବା ଜଣାପଡିଛି । ସରକାରଙ୍କ ପକ୍ଷରୁ ୨୦୨୧ ମସିହା ମାର୍ଚ୍ଚମାସ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ କରିବା ପାଇଁ ସମୟସୀମା ଧାର୍ଯ୍ୟ କରାଯାଇଥିବା ବେଳେ ଏପେଟ ଦଶପଲ୍ଲା ପର୍ଯ୍ୟନ୍ତ ଓ ବଲାଙ୍ଗୀର ଜିଲା ଶେଷସୀମା ପର୍ଯ୍ୟନ୍ତ ରେଳପଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଥିବା ବେଳେ ସୁବର୍ଣ୍ଣପୁର ଜିଲାରେ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡିଛି । ବର୍ତ୍ତମାନ ଉକ୍ତ ପ୍ରକଳ୍ପର କାର୍ଯ୍ୟ ଦାୟିତ୍ୱ ରାଜ୍ୟ ସରକାର ଓ ଜିଲାପ୍ରଶାସନ ହାତରେ ସମ୍ପୂର୍ଣ୍ଣ ରହିଥିବା ବେଳେ କର୍ମଚାରୀ ଅଭାବରୁ କାର୍ଯ୍ୟର ଅଗ୍ରଗତି ହୋଇପାରୁନାହିଁ ବୋଲି ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି । ସେହିପରି ବିଭିନ୍ନ ସମୟରେ ସୁବର୍ଣ୍ଣପୁର ଜିଲା ରେଳ କ୍ରିୟାନୁଷ୍ଠାନ କମିଟି ଓ ଅନ୍ୟାନ୍ୟ ଅନୁଷ୍ଠାନ ପକ୍ଷରୁ ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ସୋନପୁରଠାରେ ଭେଟି ସ୍ମାରକପତ୍ର ଦେବା ସହିତ କାର୍ଯ୍ୟ କୁ ତ୍ୱରାନ୍ୱିତ କରିବାକୁ ଦାବି କରାଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରତ୍ୟାହାର ହେବ ...

ସରଚାର୍ଜ ଲାଗୁ ଫଳରେ କିଛିଦିନ ଧରି ସେୟାର ବଜାରରୁ ବିଦେଶୀ ନିବେଶକ ପ୍ରାୟ ୩ ବିଲିୟନ ଡଲାର ପ୍ରତ୍ୟାହାର କରି ନେଇଥିଲେ । ଫଳରେ ଇକ୍ୟୁଟି ଓ ଭାରତୀୟ ପୁଞ୍ଜିବଜାର ଏଫପିଆଇ ବ୍ୟତୀତ ଜିଏସ୍‌ଟି ଓ ଅଟୋମୋବାଇଲ କ୍ଷେତ୍ର ଉପରେ ମଧ୍ୟ ସରକାର ମାନ୍ଦାବସ୍ଥାର ମୁକାବିଲା କରିବାକୁ କେତେକ ନିଷ୍ପତ୍ତି ସମ୍ପର୍କରେ ଅର୍ଥମନ୍ତ୍ରୀ ସୀତାରମଣ ଘୋଷଣା କରିଛନ୍ତି । ସୀତାରମଣ କହିଛନ୍ତି ଯେ, ଅନ୍ତର୍ଜାତୀୟ ସ୍ତରରେ ଆର୍ଥିକ ମାନ୍ଦାବସ୍ଥା ଲାଗି ରହିଛି । ଆମେରିକା-ଚୀନ୍ ବାଣିଜ୍ୟ ଯୁଦ୍ଧ ଯୋଗୁଁ ବିଶ୍ୱବ୍ୟାପୀ ଏଭଳି ସ୍ଥିତି ଉପୁଜିଛି । କେବଳ ଭାରତ ନୁହେଁ ଅନ୍ୟାନ୍ୟ ସମୃଦ୍ଧ ରାଷ୍ଟ୍ର ଗୁଡିକ ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି । ତେବେ ଭାରତ ସେ ଦୃଷ୍ଟିରୁ ଭଲ ସ୍ଥିତିରେ ରହିଛି । ଅର୍ଥନୀତିରେ ସୁଧାର ଲାଗି ନିରନ୍ତର ଭାରତ ତା'ର ନୀତିରେ ପରିବର୍ତ୍ତନ କରୁଛି । ତେଣୁ କୌଣସି ପ୍ରକାର ବିବ୍ରତ ନହେବାକୁ ନିର୍ମଳା ଦେଶର ବ୍ୟବସାୟୀ, ନିବେଶକଙ୍କୁ ଆଶ୍ୱାସନା ଦେଇ କହିଛନ୍ତି । ଅନ୍ୟପକ୍ଷରେ ସରକାରୀ ବ୍ୟାଙ୍କ ଗୁଡିକୁ ୭୦,୦୦୦ କୋଟି ଟଙ୍କାର ସହାୟତା ଦେବାକୁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି । ଫଳରେ ବ୍ୟାଙ୍କ ଗୁଡିକ ଲୋକମାନଙ୍କୁ ନୂତନ ଋଣ ପ୍ରଦାନରେ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଥିଲେ ତାହା ସମାଧାନ ହୋଇପାରିବ । ଏପରିକି ରେପୋ ରେଟ୍ ହ୍ରାସ ଯୋଗୁଁ ଏହାର ଫାଇଦା ସିଧାସଳଖ ଲୋକଙ୍କୁ ମିଳିବ । ଜନତାଙ୍କୁ ଗୃହ ଓ ଗାଡି ଋଣ କିସ୍ତି ଉପରେ ଆଶ୍ୱସ୍ତି ମିଳିବ । ଗୃହ ଓ ଗାଡି ଋଣ ଉପରେ ସୁଧହାର ହ୍ରାସ ଯୋଗୁଁ ଏହାର ଫାଇଦା ବ୍ୟାଙ୍କ ଗୁଡିକ ସିଧାସଳଖ ଜନତାଙ୍କୁ ପ୍ରଦାନ କରିବେ । କେନ୍ଦ୍ରୀୟ ବ୍ୟାଙ୍କ ରେପୋ ରେଟ୍ ହ୍ରାସ କରିଥିବାରୁ ବ୍ୟାଙ୍କ ଗୁଡିକ ସୁଧହାର ହ୍ରାସ କରିବା ଜରୁରୀ । ମାତ୍ର କେତେକ ବ୍ୟାଙ୍କ ଏହି ଫାଇଦା ଜନତାଙ୍କୁ ଦେଉ ନଥିବା ଅଭିଯୋଗ ଉପରେ କେନ୍ଦ୍ର ସରକାର ଏହାକୁ ସୁନିଶ୍ଚିତ କରିବାକୁ ବ୍ୟାଙ୍କ ଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି । ସୁଧହାର କମିବା ଦ୍ୱାରା ଇଏମଆଇ ମଧ୍ୟ କମିବ ଓ ଏହା ଜନତାଙ୍କୁ ଆଶ୍ୱସ୍ତି କରିବ । ସମ୍ପ୍ରତି ଅଟୋମୋବାଇଲ କ୍ଷେତ୍ରରେ ଜିଏସଟି ବୃଦ୍ଧି ଓ ଗାଡି ପଞ୍ଜିକରଣ ଦର ବୃଦ୍ଧି ଯୋଗୁଁ ଏହି କ୍ଷେତ୍ର ଗୁରୁତର ଭାବେ ପ୍ରଭାବିତ ହୋଇପଡିଥିଲା । ବିଗତ ଦିନ ଗଡିକରେ ଗାଡି କିଣାବିକା ବେଶ୍ ହ୍ରାସ ପାଇଥିଲା । ଫଳରେ ଅନେକ ଅଟୋମୋବାଇଲ କମ୍ପାନୀ ମାନ୍ଦାବସ୍ଥା ଯୋଗୁଁ କର୍ମଚାରୀ ଛଟେଇ ମଧ୍ୟ ଆରମ୍ଭ କରିଦେଇଥିଲେ । ଏହାକୁ ଦୃଷ୍ଟିରେ ରଖି ସରକାର ଯାନବାହନ ବିକ୍ରିକୁ ପ୍ରୋତ୍ସାହିତ କରିବା ଲାଗି କେତେକ ଯୋଜନା ଉପରେ କାର୍ଯ୍ୟାରମ୍ଭ କରିଛନ୍ତି । ଜଳବାୟୁ ପରିବର୍ତ୍ତନ ସମସ୍ୟା ଓ ପ୍ରଦୂଷଣ ରୋକିବା ଲାଗି କେନଦ୍ର ସରକାର ସିଧାସଳଖ ବିଏସ-୬ ମାନ୍ୟତା ଯାନଗୁଡିକର ବିକ୍ରି ଲାଗି ପ୍ରୋତ୍ସାହନ ଦେବାକୁ ସ୍ଥିର କରିବା ସହ ପର୍ଯ୍ୟାୟକ୍ରମେ ବିଏସ୍-୪ ଯାନର ଅପସାରଣ ଲାଗି ଘୋଷଣା କରିଥିଲେ । ଫଳରେ ବିଏସ୍-୪ ଯାନ ଗୁଡିକର ବଜାର ଷ୍ଟକକୁ ନେଇ ଅଟୋମୋବାଇଲ କମ୍ପାନୀମାନେ ଚିନ୍ତିତ ହୋଇପଡିଥିଲେ । ମାତ୍ର ବିଏସ-୪ ଯାନର କାରବାର ଉପରେ ସରକାର କୋହଳ ଆଭିମୁଖ୍ୟ ପୋଷଣ କରିଛନ୍ତି । ୩୧ ମାର୍ଚ୍ଚ ୨୦୨୦ ପର୍ଯ୍ୟନ୍ତ କିଣାଯାଉଥିବା ବିଏସ-୪ ଯାନବାହନ ବୈଧ ରହିବ । ଏପରିକି ବିଏସ୍-୪ ଗାଡି ଉପରେ ଇଭି ଓ ପଞ୍ଜିକରଣ ମଧ୍ୟ ଜାରି ରହିବ । ଏପରିକି ଏକକାଳୀନ ପଞ୍ଜିକରଣ ମୂଲ୍ୟ ମଧ୍ୟ ଜୁନ୍ ୨୦୨୦ ପର୍ଯ୍ୟନ୍ତ ଅବ୍ୟାହତି ରହିବ । ବଜେଟ୍‌ରେ ସରକାର ଗାଡି ରେଜିଷ୍ଟ୍ରେସନ୍ ଫି ବର୍ଦ୍ଧିତ ଘୋଷଣା କରିବା ଯୋଗୁଁ ଅଟୋମୋବାଇଲ ବଜାରରେ ମାନ୍ଦାବସ୍ଥା ଲାଗି ରହିଥିଲା । ମାତ୍ର ଏହି ବର୍ଦ୍ଧିତ ଫିକ୍ଷକୁ ଲାଗୁ କରିବା ପାଇଁ ସରକାର ଜୁନ୍ ୨୦୨୦ ପର୍ଯ୍ୟନ୍ତ ସମୟ ବଢ଼ାଇ ଦେଇଛନ୍ତି । ଷ୍ଟାର୍ଟ ଅପ୍ କ୍ଷେତ୍ରରେ ମଧ୍ୟ ଆର୍ଥିକ ମାନ୍ଦାବସ୍ଥାକୁ ଦେଖି ସରକାର ଷ୍ଟାର୍ଟଅପ୍ ଟିକସ ସମସ୍ୟା ତୁଟାଇବା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରୁଛନ୍ତି । ଋଣ ଆବେଦନ ଉପରେ ଅନଲାଇନ୍ ଜରିଆରେ ସତର୍କ ଦୃଷ୍ଟି ରଖାଯାଉଥିବା କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି । ଋଣ ପୈଠ ହେବାର ୧୫ଦିନ ଭିତରେ ବ୍ୟାଙ୍କ ଗୁଡିକୁ ସିକ୍ୟୁରିଟି ସଂକ୍ରାନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଫେରାଇବାକୁ ପଡିବ । ଦେଶର ଆର୍ଥିକ ସୁଧାର ଲାଗି ସରକାର ନିରନ୍ତର ଭାବେ କାର୍ଯ୍ୟ କରୁଛନ୍ତି । ଟିକସ ଜନିତ ସମସ୍ୟାକୁ ନେଇ ଆୟକରଦାତା ଆଦୌ ବିବ୍ରତ ନହେବାକୁ ପରାମର୍ଶ ଦେଇଛନ୍ତି ଅର୍ଥମନ୍ତ୍ରୀ ସୀତାରମଣ । ସରକାର ଟିକସ ଓ ଶ୍ରମ ଆଇନରେ ନିରବଚ୍ଛିନ୍ନ ଭାବେ ସୁଧାର ଆଣୁଛନ୍ତି । ଟିକସ ସଂକ୍ରାନ୍ତ ନୋଟିସ ନେଇ ଏଣିକି ସିଧାସଳଖ କେନ୍ଦ୍ରୀୟ ବ୍ୟବସ୍ଥା କରାଯିବ । ଅକ୍ଟୋବର ପହିଲାରୁ କେନ୍ଦ୍ରୀୟ ସ୍ତରରୁ କରଦାତାଙ୍କ ନିକଟକୁ ସିଧାସଳଖ ନୋଟିସ ପଠାଯିବା ବ୍ୟବସ୍ଥା କାର୍ଯ୍ୟକାରୀ ହେବ । ଫଳରେ ଟିକସ ଉତ୍ପୀଡନ ଘଟଣାକୁ ରୋକାଯାଇପାରିବ ଓ କରଦାତାଙ୍କୁ ଆଶ୍ୱସ୍ତି ମିଳିବ ବୋଲି ସୀତାରମଣ ସୂଚନା ଦେଇଛନ୍ତି ।

### ଶ୍ରୀକ୍ଷେତ୍ରର ...

ତୋଳିବା ପାଇଁ ସେହିଦିନ ହିଁ ସଂକଳ୍ପ ନେଇଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଓଡ଼ିଶାର ପ୍ରମୁଖ ସହର ଶ୍ରୀକ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ୫୦୦ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଛନ୍ତି । ପୁରୀ ସହରର ଭିତ୍ତିଭୂମି ବିକାଶ, ନୂଆ ରାସ୍ତା ନିର୍ମାଣ, ସେତୁ, ପାର୍କିଂ, କ୍ଷତିଗ୍ରସ୍ତଙ୍କୁ ଥଇଥାନ ଓ ମଠ ଗୁଡିକର ପୁନରୁଦ୍ଧାର କାର୍ଯ୍ୟ ପାଇଁ ସରକାରୀ ସହଯୋଗ ଅନୁମୋଦନ କରାଯାଇଛି । ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ସମୀକ୍ଷା ବୈଠକରେ ଏହି ଘୋଷଣା କରାଯାଇଛି । ପୁରୀ ବାଇପାସ୍ ମାଳତୀପାଟପୁରରୁ ଜଗନ୍ନାଥ ବଲ୍ଲଭ ମଠକୁ ଆଧୁନିକ ସେତୁ ଦ୍ୱାରା ସଂଯୋଗ କରାଯିବ । ଏଥିପାଇଁ ୧୯୦ କୋଟି ଟଙ୍କା ଖର୍ଚ୍ଚ କରାଯିବ । ସେହିପରି ଜଗନ୍ନାଥ ବଲ୍ଲଭ ମଠରେ ବହୁତଳ ପାର୍କିଂ, ଧ୍ୟାନ କେନ୍ଦ୍ର ଓ ଦୋକାନ ବଜାର ପାଇଁ ୧୮୦ କୋଟି ବ୍ୟୟ ଅଟକଳ କରାଯାଇଛି । ମୂଷା ନଦୀର ପୁନରୁଦ୍ଧାର କରାଯାଇ ମଙ୍ଗଳା ନଦୀ ସହ ସଂଯୋଗ କରାଯିବ । ମୂଷା ନଦୀର ପୁନରୁଦ୍ଧାର ଏବଂ ସେଠାରେ ରିଭର ଫ୍ରଣ୍ଟ ପର୍ଯ୍ୟଟନର ବିକାଶ ପାଇଁ ୮୫ କୋଟି ଟଙ୍କା ଖର୍ଚ୍ଚ ହେବ । ଏହାସହ ଐତିହାସିକ ଅଠରନଳାର ସୌନ୍ଦର୍ଯ୍ୟକରଣ ଓ ଆଲୋକୀକରଣ ପାଇଁ ୫ କୋଟି ଟଙ୍କା ଖର୍ଚ୍ଚ ବ୍ୟୟ ବରାଦ କରାଯାଇଛି । ପୁରୀରେ ୨୮ଏକର ଜମିରେ ଏକ ହ୍ରଦର ବିକାଶ ପାଇଁ ୩୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ପୁରୀରେ ଥିବା ଶ୍ୱେତଗଙ୍ଗା, ମାର୍କଣ୍ଡ, ନରେନ୍ଦ୍ର, ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀର ପୁନରୁଦ୍ଧାର ଏବଂ ଐତିହ୍ୟସ୍ଥଳୀର ସଂରକ୍ଷଣ କରାଯିବ । ଦୁଇବର୍ଷ ମଧ୍ୟରେ ଏସବୁ କାର୍ଯ୍ୟ ସାରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀମନ୍ଦିର ସୁରକ୍ଷା ଜୋନରେ ଆସୁଥିବା ମଠ ଗୁଡିକର ସ୍ଥାନାନ୍ତର କରାଯିବ । ପୁରୀରେ ଥିବା ମଠ ଗୁଡିକୁ ଅବଢା ଯୋଜନାରେ ସରକାର ସହଯୋଗ ଯୋଗାଇ ଦେବେ ବୋଲି ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ପୁରୀକୁ ବିଶ୍ୱ ଐତିହ୍ୟ ନଗରୀ ଭାବରେ ଗଢ଼ିତୋଳିବା ପାଇଁ ଭିତ୍ତିଭୂମିର ବିକାଶ ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଶ୍ରୀମନ୍ଦିରର ସୁରକ୍ଷାକୁ ମହାପ୍ରଭୁଙ୍କ ସେବା ଭାବରେ ଗ୍ରହଣ କରିବାକୁ ପୁରୀବାସୀଙ୍କୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି । ବୈଠକରେ ଆଇନ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ପୋଲିସ ମହାନିର୍ଦ୍ଦେଶକ, ଆଇନ ସଚିବ, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସକ, ପୁରୀ ଜିଲ୍ଲାପାଳ, କେନ୍ଦ୍ରାଞ୍ଚଳ ଡିଆଇଜି ଏବଂ ପୁରୀ ଏସ୍‌ପି ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଗତ କିଛିଦିନ ପୂର୍ବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀର ଭିତ୍ତିଭୂମି ବିକାଶ ପାଇଁ ୨୬୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ମଧ୍ୟ ଅନୁମୋଦନ କରିଥିଲେ ।

### ପାକିସ୍ତାନ ...

ଗ୍ରହଣ କରାଯାଇଥିବା ଜଣାପଡିଛି । ସୂଚନାଥାଉ କି, ୧୯୮୯ରେ ସ୍ଥାପିତ ଏଫ୍‌ଟିଏଫ୍ ବିଭିନ୍ନ ଦେଶ ପକ୍ଷରୁ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଇବା ନେଇ ସମୀକ୍ଷା କରିଥାଏ ଓ ଆର୍ଥିକ ନେଣଦେଣ ପ୍ରକ୍ରିୟା ଉପରେ ନଜର ରଖିଥାଏ । ଏହି ସଂସ୍ଥା କୌଣସି ଦେଶକୁ କଳା ତାଲିକାଭୁକ୍ତ କରିବା ପରେ, ସେହି ଦେଶକୁ ଋଣ ମିଳିବା କଷ୍ଟକର ହୋଇଥାଏ । ଆନ୍ତଃ ସରକାରୀ ସଂସ୍ଥା ଏଫ୍‌ଏଟିଏଫ୍ ଇତିମଧ୍ୟରେ ୩୦ ବର୍ଷରେ ପଦାର୍ପଣ କରିଛି । ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଏବଂ ମନି ଲଣ୍ଡରିଂକୁ ଚେକ୍ ଦେବା ପାଇଁ ଏଫ୍‌ଏଟିଏଫ୍ ଫଳପ୍ରଦ ଭୂମିକା ଗ୍ରହଣ କରିଆସୁଛି । ପ୍ରତି ବର୍ଷ ଏହାର ଅଧ୍ୟକ୍ଷ ବଦଳୁଥିଲା ବେଳେ ବାର୍ଷିକ ୩ଟି ଖୋଲା ଅଧିବେଶନ ବସି ଏହି ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରାଯାଏ । ଶେଷ ଖୋଲା ଅଧିବେଶନ ଗତ ଜୁନ୍ ୧୯-୨୧ରେ ଆମେରିକାର ଅର୍ଲାଣ୍ଡୋରେ ଅନୁଷ୍ଠିତ ହୋଇଥିଲା । ଆଗାମୀ ଖୋଲା ଅଧିବେଶନ ଆସନ୍ତା ଅକ୍ଟୋବର ୧୩-୧୮ରେ ପ୍ୟାରିସରେ ଅନୁଷ୍ଠିତ ହେବ ।

### ଓଡ଼ିଶାର ...

ବେଳେ ଓଡ଼ିଶାର ସାମଗ୍ରୀକ ବିକାଶ ନେଇ ଆଲୋଚନା ହୋଇଥିଲା । ଏହାପରେ ବିଶ୍ୱବ୍ୟାଙ୍କ ଭାରତ ଓ ଓଡ଼ିଶା ସମ୍ପର୍କରେ ତୁଳନାତ୍ମକ ଚିତ୍ର ପ୍ରଦାନ କରିଛି । ଏହି ଆର୍ନ୍ତଜାତିକ ବ୍ୟାଙ୍କ ତାହାର ରିପାର୍ଟରେ ଦର୍ଶାଇଛି ଯେ ଓଡ଼ିଶାରେ ୨୦୦୫ ପରଠାରୁ ଦ୍ରୁତ ଗତିରେ ଦାରିଦ୍ର୍ୟ ହ୍ରାସ ପାଇଥିବା ବେଳେ ଦେଶର ଏହା ଅନ୍ୟତମ ଉତ୍ତମ ପ୍ରଦଶନକାରୀ ରାଜ୍ୟ । ଅର୍ଥ ବ୍ୟବସ୍ଥାକୁ ଠିକଣା ବାଟକୁ ଆଣି ରାଜ୍ୟ ପ୍ରଶାସନ ଅନେକ ଆଗେଇ ଥିବାବେଳେ ଏହା ମାନବ ସମ୍ବଳ ସୂଚକାଙ୍କ ବୃଦ୍ଧିରେ ସହାୟକ ହୋଇଛି । ଖାଲି ବିଶ୍ୱ ବ୍ୟାଙ୍କ ନୁହେଁ ନିକଟରେ ବିଭିନ୍ନ ସଂସ୍ଥା ପକ୍ଷରୁ ହୋଇଥିବା ସର୍ଭେ ଅନୁଯାଇ ୨୦୧୮- ୧୯ରେ ଓଡ଼ିଶାର ଆର୍ଥିକ ଅଭିବୃଦ୍ଧି ୮ରୁ ୮.୪ ପ୍ରତିଶତ ମଧ୍ୟରେ ଥିଲା । ସେହିଭଳି ମୁଣ୍ଡ ପିଛା ଆୟରେ ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ଅଗ୍ରଗତି କରିବା ସହ ୨୫ରୁ ୧୫ ସ୍ଥାନକୁ ଆସିଛି । ବିଶେଷ କରି ପଞ୍ଜାବ, ହରିଆଣା, ମହାରାଷ୍ଟ୍ର, ଝାଡ଼ଖଣ୍ଡ, ମଧ୍ୟ ପ୍ରଦେଶ, ଛତିଶଗଡ଼, କେରଳ ଭଳି ରାଜ୍ୟକୁ ପଛରେ ପକାଇ ଓଡ଼ିଶା ବିକାଶର ଦିଗକୁ ଅଗ୍ରସର ହୋଇଛି । ସେହିଭଳି ଖଣିଜ ପଦାର୍ଥ ଉତ୍ତୋଳନ ଏବଂ ବିନିଯୋଗ କ୍ଷେତ୍ରରେ ଓଡ଼ିଶା ଗତ ଏକ ଦଶନ୍ଧୀ ମଧ୍ୟରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ବିଶ୍ୱ ବ୍ୟାଙ୍କର ତଥ୍ୟ ଅନୁଯାୟୀ ଭାରତର ସମଗ୍ର ଲୁହା ପଥରର ୩୦ ଭାଗ ଓଡ଼ିଶାରେ ଗଚ୍ଛିତ ଥିବା ବେଳେ ୯୦ ପ୍ରତିଶତ କ୍ରୋମାଇଟ ରହିଛି । ସେହିପରି କୋଇଲା, ବକ୍ସାଇଟ୍, ନିକେଲ ଓ ମାଙ୍ଗାନିଜ ମଧ୍ୟ ପ୍ରଚୁର ପରିମାଣରେ ମହଜୁଦ ରହିଛି । ଓଡ଼ିଶାର ସମଗ୍ର କ୍ଷେତ୍ରଫଳର ୩୩ ପ୍ରତିଶତ ଜଙ୍ଗଲ ଥିବା ବେଳେ ଏସିଆ ମହାଦେଶର ଦ୍ୱିତୀୟ ସର୍ବବୃହତ ଇକୋ ସିଷ୍ଟମ ଏହି ରାଜ୍ୟରେ ରହିଛି । ଯାହା ଓଡ଼ିଶାକୁ ଭାରତ ତଥା ବିଶ୍ୱରେ ଏକ ବିଶାଳ ଜୈବ ବିବିଧତା ପରିପୂର୍ଣ୍ଣ ରାଜ୍ୟର ମାନ୍ୟତା ଦେଇଛି । ଖଣିଜ ସମ୍ପଦ ତଥା ବିଶାଳ ସାମୁଦ୍ରିକ ବେଳାଭୂମୀ ଓଡ଼ିଶା ବିକାଶର ବର୍ତ୍ତମାନ ମୁଖ୍ୟ ସାଧନ ପାଲଟିଥିବା ବେଳେ ଭବିଷ୍ୟତରେ ଏହା ରାଜ୍ୟ ପାଇଁ ଅଧିକରୁ ଅଧିକ ସୁଯୋଗ ସୃଷ୍ଟି କରିବ । ସେହିଭଳି ଅନ୍ୟ ଏକ ତଥ୍ୟ ଏନୁଯାୟୀ ୨୦୧୧-୧୨ ରୁ ୨୦୧୬-୧୭ ମଧ୍ୟରେ ରାଜ୍ୟରେ ୫୫ ପ୍ରତିଶତ ବକ୍ସାଇଟ୍ ଥିବା ବେଳେ ଆଲୁମିନିୟମ ଉତ୍ପାଦନ କ୍ଷେତ୍ରରେ ଦେଶରେ ପ୍ରଥମ ସ୍ଥାନରେ ରହିଛି । ସେହିଭଳି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ଓଡ଼ିଶା ଦେଶର ଶ୍ରେଷ୍ଠ ୧୦ଟି ରାଜ୍ୟ ମଧ୍ୟରେ ସ୍ଥାନ ପାଇଛି । ବିଶ୍ୱ ବ୍ୟାଙ୍କ ଭାରତୀୟ ନିର୍ଦ୍ଦେଶକ ଜୁନେଦ କମଳ ଅହମ୍ମଦ ଦେଇଥିବା ରିପାର୍ଟରେ ଅନୁଯାୟୀ, କୃଷି କ୍ଷେତ୍ରରେ ଓଡ଼ିଶା ଦେଶର ଅନ୍ୟତମ ଶ୍ରେଷ୍ଠ ସଂସ୍କାରକ ଭାବେ ଉଭା ହୋଇଛି । ବିଶ୍ୱ ବ୍ୟାଙ୍କ ଦର୍ଶାଇଛି ଯେ ରାଜ୍ୟର ଚାଷୀ ପରିବାରର ହାରାହାରି ମାସିକ ଆୟ ପ୍ରାୟ ଦ୍ୱିଗୁଣିତ ହୋଇଛି । ଓଡ଼ିଶାର ସାମଗ୍ରିକ ବାର୍ଷିକ ବିକାଶ ହାର ୨୦୧୬-୧୭ ରେ ୧୧.୬ ପ୍ରତିଶତ ଥିବାବେଳେ ଜାତୀୟ ସ୍ତରରେ ଏହି ହାର ୮.୬ ପ୍ରତିଶତ ରହିଥିଲା । ଓଡ଼ିଶା ପାଇଁ ଥିବା ଆହ୍ୱାନ ସମ୍ପର୍କରେ ବିଶ୍ୱ ବ୍ୟାଙ୍କ କହିଛି, ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଶା ବିକାଶରେ ପ୍ରମୁଖ ପ୍ରତିବନ୍ଧକ ସୃଷ୍ଟି କରୁଛି । ବିଶେଷ କରି ଗତ ତିନି ଦଶନ୍ଧି ମଧ୍ୟରେ ରାଜ୍ୟ ନିୟମିତ ଭାବେ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ବେଳେ ବାତ୍ୟା ଓ ବନ୍ୟା ରାଜ୍ୟ ଅର୍ଥନୀତିକୁ କ୍ଷତିଗ୍ରସ୍ତ କରୁଛି । ରାଜ୍ୟପାଇଁ ଏଭଳି ବିପର୍ଯ୍ୟୟ ଗୁରୁତର କ୍ଷତି ଘଟାଉଥିବା ରିପାର୍ଟରେ ଉଲ୍ଲେଖ କରାଯାଇଛି । ଓଡ଼ିଶା ଅର୍ଥନୀତିର ମେରୁଦଣ୍ଡ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରକୁ ପ୍ରାକୃତିକ ବିପର୍ଯ୍ୟୟ ପ୍ରଭାବିତ କରୁଛି । ବିଶେଷ କରି ରାଜ୍ୟରେ ବେକାରୀ ସମସ୍ୟା ଓ ମହିଳା ବିରୋଧୀ ହିଂସା ଧୀର ଧୀରେ ବଢୁଛି । ବିଗତ କିଛି ବର୍ଷ ଧରି ରାଜ୍ୟରେ ଦାରିଦ୍ର୍ୟ ହାର ଅଧିକ ରହୁଛି । ତେଣୁ ଏଥିପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ବିଶ୍ୱ ବ୍ୟାଙ୍କ ପରାମର୍ଶ ଦେଇଛି । ସେହିଭଳି ରାଜ୍ୟରେ ବିଦ୍ୟୁତ ବିତରଣ ବ୍ୟବସ୍ଥା, ପରିବହନ ଓ ବିତରଣ ଭିତ୍ତିଭୂମୀର ଅଧିକରୁ ଅଧିକ ବିକାଶ ଉପରେ ଗୁରୁତ୍ୱ ଦେବାକୁ ବିଶ୍ୱ ବ୍ୟାଙ୍କ ପରାମର୍ଶ ଦେଇଛି ।

### ଅଢ଼େଇ ଲକ୍ଷ ...

ଏହି ଯୋଜନାରେ ୧୯,୨୪୭ ଜଣ ଛାତ୍ରଛାତ୍ରୀ ଛାତ୍ରବୃତ୍ତି ନିମେନ୍ତ ଆବେଦନ କରିଛନ୍ତି । ଅନ୍‌ଲାଇନ୍‌ରେ କରାଯାଇଥିବା ଏହି ଆବେଦନ ଗୁଡିକୁ ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ଓ ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ଯାଞ୍ଚ କରାଯାଇ କାଳିଆ ଛାତ୍ରବୃତ୍ତି ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ । ବୈଠକରେ କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ କୁମାର ମହାପାତ୍ର, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ଏମ୍ ମୁଥୁକୁମାର, ଉଦ୍ୟାନକୃଷି ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

### ଭାରତ-ଫ୍ରାନ୍ସ ...

ମଧ୍ୟ ଧ୍ୟାନ ଦେବେ । ଏହା ମଧ୍ୟ ଖୁସିର କଥା ଯେ ଦୁଇ ପକ୍ଷରୁ ପର୍ଯ୍ୟଟନ ବୃଦ୍ଧି ପାଉଛି । ପାଖାପାଖି ୨.୫ ଲକ୍ଷ ଫ୍ରାନ୍ସ ପର୍ଯ୍ୟଟକ ଏବଂ ୭ ଲକ୍ଷ ଭାରତୀୟ ପର୍ଯ୍ୟଟକ ପ୍ରତ୍ୟେକ ବର୍ଷ ପରସ୍ପରର ଦେଶକୁ ଯାଉଛନ୍ତି । ଛାତ୍ରଛାତ୍ରୀଙ୍କ ବିନିମୟକୁ ଉଚ୍ଚ ଶିକ୍ଷା କ୍ଷେତ୍ରରେ ସ୍ୱତନ୍ତ୍ର ଭାବେ ପ୍ରୋତ୍ସାହନ ଦେବା ଉଚିତ । ୨୦୨୧-୨୦୨୨ରେ ସାରା ଫ୍ରାନ୍ସରେ ଭାରତୀୟ ସାଂସ୍କୃତିକ ପର୍ବ "ନମସ୍ତେ ଫ୍ରାନ୍ସ"ର ପରବର୍ତୀ ସଂସ୍କରଣ ଅନୁଷ୍ଠିତ ହେବ । ମୁଁ ବୈଶ୍ୱିକ ଆହ୍ୱାନ ଲାଗି ଭାରତ ଓ ଫ୍ରାନ୍ସର ସହଯୋଗର ଗୁରୁତ୍ୱ ଦିଗରେ ଇସାରା ଦେଇଥିଲି । ଆମ ଦୁଇ ଦେଶକୁ ଆତଙ୍କବାଦ ଏବଂ ଉଗ୍ରବାଦର ଲଗାତାର ସାମ୍ନା କରିବାକୁ ପଡୁଛି । ସୀମାବର୍ତୀ ଆତଙ୍କବାଦର ମୁକାବିଲା କରିବାରେ ଆମକୁ ଫ୍ରାନ୍ସର ମହୁମୂଲ୍ୟ ସମର୍ଥନ ଏବଂ ସହଯୋଗ ମିଳିଛି । ଏଥିପାଇଁ ଆମେ ରାଷ୍ଟ୍ରପତି ମାକ୍ରୋଁଙ୍କୁ ଧନ୍ୟବାଦ ଦେଉଛୁ । ମୁଁ ନିଜ ଅଭିନ୍ନ ବନ୍ଧୁ ରାଷ୍ଟ୍ରପତି ମାକ୍ରୋଁଙ୍କୁ ଏହି ଆହ୍ୱାନପୂର୍ଣ୍ଣ ସମୟରେ ଏକ ନୂଆ ସଂକଳ୍ପ, ଉତ୍ସାହ ଏବଂ କୌଶଳ ସହ ଫ୍ରାନ୍ସ ଏବଂ ଜି-୭ର ନେତୃତ୍ୱ ଲାଗି ଶୁଭକାମନା ଜଣାଉଛି । ଏହି ପ୍ରୟାସରେ ୧୩୦ କୋଟି ଭାରତୀୟଙ୍କ ସମ୍ପୂର୍ଣ୍ଣ ସହଯୋଗ ଏବଂ ସମର୍ଥନ ଆପଣଙ୍କ ସହିତ ରହିଛି । ଆମେ ଦୁଇ ଦେଶ ମିଶି, ସୁରକ୍ଷିତ ଏବଂ ସମୃଦ୍ଧ ବିଶ୍ୱର ମାର୍ଗ ପ୍ରଶସ୍ତ କରିପାରିବା ବୋଲି ମୋଦି କହିଥିଲେ ।

# ସାମ୍ବାଦିକଙ୍କ ବିୟୋଗରେ ଶୋକସଭା

**ରେଢ଼ାଖୋଲ:** ବରିଷ୍ଠ ସାମ୍ବାଦିକ ତଥା ରାଜନୈତିକ ହାସ୍ୟକାର ରଣଜିତ ଗୁରୁ ଓ ଦୂରଦର୍ଶନର ସମ୍ବାଦ ପାଠିକା ନୀଳିମା ଶର୍ମାଙ୍କର ଅକାଳ ବିୟୋଗରେ ରେଢ଼ାଖୋଲ ଉପଖଣ୍ଡ ସାମ୍ବାଦିକ ସଂଘ ପକ୍ଷରୁ ଶୋକସଭା ଆୟୋଜନ କରାଯାଇଥିଲା । ଏଥିରେ ଦୁଇ ଦିବଂଗତ ପ୍ରତିଭାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ସଂଘର ସଭାପତି ରମାକାନ୍ତ ମହାନନ୍ଦଙ୍କ ସଭାପତିତ୍ୱରେ ସ୍ଥାନୀୟ ପିଡବ୍ଲ୍ୟୁଡି ବଙ୍ଗଳାଠାରେ ଆୟୋଜିତ ଏକ ଶୋକସଭାରେ ଉଭୟଙ୍କ ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯିବା ସହିତ ତାଙ୍କର ସ୍ମୃତିଚାରଣ କରାଯାଇଥିଲା । ଏଥିରେ ସାମ୍ବାଦିକ ଜୟନ୍ତ ଖଡିରତ୍ନ, ଶରତ ପ୍ରଧାନ, ପରୀକ୍ଷିତ ଦାସ, ଶଙ୍କର ପୃଷ୍ଟି, ଜିତେନ୍ଦ୍ର ସାହୁ, ରବୀନ୍ଦ୍ର ପ୍ରଧାନ, ସରୋଜ କୁମାର ସାହୁ, ଅରୁଣ କୁମାର ପ୍ରଧାନ, ଯଶୋବନ୍ତ ନାରାୟଣ ସାହୁ, ନିଗମାନନ୍ଦ ସାହୁ ପ୍ରମୁଖ ସାମ୍ବାଦିକମାନେ ଯୋଗ ଦେଇ ସ୍ୱର୍ଗତ ଗୁରୁ ଓ ଶର୍ମାଙ୍କର ସ୍ମୃତିଚାରଣ କରିଥିଲେ । ସଭା ଶେଷରେ ଅନୁଷ୍ଠାନର ସମ୍ପାଦକ କନ୍ଦର୍ପ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ନିଖିଳ ଉତ୍କଳ ଆଇନଜୀବୀ ସଂଘର ତୃତୀୟ କାର୍ଯ୍ୟକାରିଣୀ ବୈଠକ

**ଖୋରଧା :** ନିଖିଳ ଉତ୍କଳ ଆଇନଜୀବା ସଂଘର ରାଜ୍ୟସ୍ତରୀୟ ତୃତୀୟ କାର୍ଯ୍ୟକାରିଣୀ ବୈଠକ ରାଜ୍ୟ ସଭାପତି ବିଚିତ୍ର କୁମାର ବଡ଼ଜେନାଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସାଧାରଣ ସମ୍ପାଦକ ସତ୍ୟଜିତ ସାହୁ ବୈଠକରେ ବିବରଣୀ ଉପସ୍ଥାପନ କରିଥିଲେ । ଏହି ବୈଠକରେ ସର୍ବସମ୍ମତି କ୍ରମେ ବିଭିନ୍ନ ପ୍ରସ୍ତାବମାନ ଗୃହିତ ହୋଇଥିଲା । ସେଥିମଧ୍ୟରୁ ପ୍ରଶାସନିକ ଟ୍ରିବ୍ୟୁନାଲ ଉଚ୍ଛେଦ ଯୋଗୁଁ ଜନସାଧାରଣ ତଥା ଆଇନଜୀବିମାନେ ଘୋର ଅସୁବିଧାର ସମ୍ମୁଖୀନ ହୋଇଥିବାରୁ ତାର ପ୍ରତିବାଦ କରାଯାଇଛି । ସରକାରୀ ଚିକିତ୍ସାଳୟ ମାନଙ୍କରେ ଆଇନଜୀବି ଏବଂ ତାଙ୍କ ପରିବାର ସଦସ୍ୟମାନଙ୍କ ପାଇଁ ମାଗଣାରେ ଚିକିତ୍ସା ନିମନ୍ତେ ସ୍ୱାସ୍ଥ୍ୟ କାର୍ଡ଼ ପ୍ରଦାନ କରିବା ଓଡ଼ିଶାର ସମସ୍ତ ଟୋଲଗେଟ ଦେଇ ଯାଉଥିବା ଆଇନଜୀବି ମାନଙ୍କର ଚାରି ଚକିଆ ଗାଡ଼ି ପାଇଁ ପାସର ବ୍ୟବସ୍ଥା, ୭୦ ବର୍ଷ ପରେ ଅବସର କିମ୍ବା ଆଇନପେସାରୁ ଅବ୍ୟାହତି ନେବାକୁ ଚାହୁଁଥିବା ଆଇନଜୀବି ମାନଙ୍କୁ ବାର କାଉନସିଲ ମାଧ୍ୟମରେ ପେନସନ୍ ପ୍ରଦାନ କରିବା, ନିଖିଳ ଉତ୍କଳ ଆଇନଜୀବି ସଂଘର ରାଜ୍ୟ କାର୍ଯ୍ୟାଳୟ ପାଇଁ ସରକାରୀ ଗୃହ ଯୋଗାଇ ଦେବା ନିମନ୍ତେ ମୁଖ୍ୟମନ୍ତ୍ରୀ ଓ ସାଧାରଣ ପ୍ରଶାସନ ବିଭାଗ ସଚିବ ତଥା କମିଶନର ଚିଠି ଦିଆଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରି ନଥିବା ଯୋଗୁଁ ଏକ ପ୍ରତିନିଧି ମଣ୍ଡଳ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ନିଷ୍ପତ୍ତି, ଯୁବ ଆଇନଜୀବିମାନଙ୍କ ପାଇଁ ମାସିକ ୧୦ ହଜାର ଟଙ୍କା ଷ୍ଟାଇପେଣ୍ଡ ଦେବାକୁ ରାଜ୍ୟ ସରକାରଙ୍କ ନିକଟରେ ଗତ ଫେବୃୟାରୀ ୧୧ ଓ ୧୨ ତାରିଖରେ ଆଇନଜୀବି ମାନଙ୍କ ତରଫରୁ ଏକ ଦାବୀ ପତ୍ର ଦିଆଯାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇ ପାରି ନଥିବା ପ୍ରଭୃତି ଦାବୀଗୁଡ଼ିକ ପୂରଣ ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବମାନ ଗୃହିତ ହୋଇଥିଲା । ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ପ୍ରଦୀପ କୁମାର ପଣ୍ଡା, ଅକ୍ଷୟ କୁମାର ପତି, ସୁଶାନ୍ତ କୁମାର ବରାଳ, ହରି ନାରାୟଣ ସ୍ୱାଇଁ, ଜୁଲିୟସ ସିଜର ମହାକୁଡ଼, ଗୋବର୍ଦ୍ଧନ ସାହୁ, ଜ୍ୟୋତିପ୍ରକାଶ ରଥ ଉପଦେଷ୍ଟା ଶିଶିର କୁମାର ପାଢୀ, ନିରଞ୍ଜନ ନାୟକ, ପିତବାସ ପଣ୍ଡା, ଧ୍ରୁବଚରଣ ଜେନା, ରବିନାରାୟଣ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏହା ବ୍ୟତୀତ ବାରିପଦା ବାର ଆସେସିଏସନ୍‌ର ସଭାପତି ସାନ୍ତନୁ କୁମାର ଦାସ, ଉପସଭାପତି ସମ୍ପାଦକ, ସହ ସମ୍ପାଦକ ଓ କାର୍ଯ୍ୟକାରୀ ପରିଷଦର ସଭ୍ୟମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଚେଇଁ ଶୋଇଛି ଅବକାରୀ ବିଭାଗ

# ଚଢ଼ା ଦରରେ ବିଦେଶୀ ମଦ ବିକ୍ରି !

**ସୋନପୁର:** ଦେଶର କେତେକ ରାଜ୍ୟରେ ମଦ ବନ୍ଦ ରହିଛି । ଓଡ଼ିଶାରେ ମଦ ବନ୍ଦ ପାଇଁ ଆନ୍ଦୋଳନ ଜୋର ଧରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଅନ୍ୟପକ୍ଷରେ ରାଜ୍ୟ ସରକାର ନୂଆ ଅବକାରୀ ନୀତି ପ୍ରସ୍ତୁତ କରଛନ୍ତି । ମଦରୁ ସରକାର ହଜାର ହଜାର କୋଟି ଟଙ୍କାର ରାଜସ୍ୱ ଆଦାୟ କରୁଥିଲେ ହେଁ ରାଜସ୍ୱ ଆଦାୟ ଆଳରେ ଅବକାରୀ ନୀତି ନିୟମ ଉଲଂଘନ କରୁଥିବା ଦେକାନୀଙ୍କ ପ୍ରତି ସରକାର ଆଖି ବୁଜି ଦେଇଥିବା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ନିର୍ଦ୍ଧାରିତ ମୂଲ୍ୟ ଠାରୁ ଅଧିକ ଦରରେ ମଦ ବିକ୍ରି କରାଯାଇ ପାରିବ ନାହିଁ ବୋଲି ଅବକାରୀ ନୀତି ରହିଛି । ଅବକାରୀ ଆଇନର ଉଲ୍ଲଙ୍ଘନ କଲେ କଡ଼ାକଡ଼ି ଦଣ୍ଡର ପ୍ରାବଧାନ ରହିଛି । କିନ୍ତୁ ଏହାକୁ ଭ୍ରୂକ୍ଷେପ ନକରି ସୋନପୁର ସହର ଓ ଜିଲ୍ଲାରେ ଥିବା କେତେକ ଲାଇସେନ୍ସ ପ୍ରାପ୍ତ ବିଦେଶୀ ମଦ ଦୋକାନୀ ଚଢ଼ା ଦରରେ ମଦ ବିକ୍ରି କରି ମାଲାମାଲ ହେଉଛନ୍ତି । ଏହା ପୁଣି ଓଡିଶା ସରକାରଙ୍କ ଅବକାରୀ ମନ୍ତ୍ରୀଙ୍କ ଜିଲ୍ଲାରେ । ଅନ୍ୟପକ୍ଷରେ ଅବକାରୀ ବିଭାଗ ନିରବଦ୍ରଷ୍ଟା ସାଜିଥିବା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ସୋନପୁର ରେ ଅବକାରୀ ନୀତିର ଉଲଙ୍ଘନ କରାଯାଇ ଜୋର ଜବରଦସ୍ତ ଗ୍ରାହକଙ୍କ ଠାରୁ ପ୍ରତ୍ୟେକ ମଦ ବୋତଲ ପିଛା ୧୦- ୨୦ ଟଙ୍କା ଓ ବ୍ରାଣ୍ଡେଡ୍ ମଦ ବୋତଲ ପିଛା ୨୦-୩୦ ଟଙ୍କା ଅଧିକ ଦରରେ ବିକ୍ରି କରାଯାଉଛି । ଗ୍ରାହକ ଚାହିଁଲେ କ୍ୟାସମେମୋ ନେବାର ନିୟମ ଥିଲେ ହେଁ ଚଢ଼ା ଦରରେ ମଦ ବିକ୍ରି କରୁଥିବା ଦୋକାନୀ ବିଲ୍ ଦେବାକୁ ନାରାଜ ପ୍ରକାଶ କରୁଛନ୍ତି । ଅବକାରୀ ନୀତି ଅନୁସାରେ ସମସ୍ତ ବିଦେଶୀ ମଦ ଦେକାନ ଆଗରେ ଗ୍ରାହକଙ୍କ ସୂଚନା ସମ୍ପକୟକ୍ତ ଦର ତାଲିକା ଲଗାଇବାର ନିୟମ ରହିଛି । ହେଲେ ଲୋକଙ୍କୁ ବିଭ୍ରାନ୍ତ କରିବା ଉଦ୍ଦେଶ୍ୟରେ ଦୋକାନୀ ଦର ତାଲିକା ଲଗାଇବାକୁ ପଛଘୁଞ୍ଚା ଦେଉଛନ୍ତି । ହେଲେ ଚେଇଁ ସୋଇଛି ଅବକାରୀ ବିଭାଗ । ଏସବୁ ଦିଗରେ ଜିଲ୍ଲା ଅବକାରୀ ବିଭାଗ ନିରବ ଦ୍ରଷ୍ଟା ସାଜିଥିବା ଗ୍ରାହକ ମହଲରେ ଚର୍ଚ୍ଚା ହେବା ସହ ଅସନ୍ତୋଷ ବୃଦ୍ଧି ପାଉଛି । ତେବେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।



ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ

# ଭୂ-ବୈକୁଣ୍ଠ ପଣ୍ଡରପୁର







**ଭ**ଗବାନ ସର୍ବତ୍ର ବିଦ୍ୟମାନ। ତଥାପି ଆମେ ତୀର୍ଥସ୍ଥାନ ଯାତ୍ରା କରି ତାଙ୍କୁ ଦର୍ଶନ କରିବାକୁ ପ୍ରୟାସ କରୁ। କାରଣ ପବିତ୍ର ସ୍ଥାନମାନଙ୍କରେ ଆମେ ଭଗବାନଙ୍କ ଉପସ୍ଥିତି ଅନୁଭବ କରୁ। ଶ୍ରୀମଦ୍ ଭଗବତ୍ ଗୀତାରେ କୁହାଯାଇଛି ଯେ, ସାଧୁ ମାନଙ୍କୁ ପରିତ୍ରାଣ କରିବା ପାଇଁ ଦୁଷ୍ଟ ମାନଙ୍କୁ ବିନାଶ କରିବା ପାଇଁ ଭଗବାନ ବାରମ୍ବାର ଅବତାର ଗ୍ରହଣ କରନ୍ତି। ଭଗବାନଙ୍କ ସହିତ ଅନେକ ସାଧୁସନ୍ଥ ଓ ଜ୍ଞାନୀଗୁରୁମାନେ ମଧ୍ୟ ଜନ୍ମ



ଗ୍ରହଣ କରି ଜନମାନସର ଉନ୍ନତି ନିମିତ୍ତ ପ୍ରୟାସ କରନ୍ତି ଓ ଉତ୍ତମ ମାର୍ଗ ଦର୍ଶନ କରାନ୍ତି। ପଣ୍ଡରପୁର ଏପରି ଏକ ସ୍ଥାନ ଯେଉଁଠାରେ ଭଗବାନ ଶ୍ରୀକୃଷ୍ଣ ତାଙ୍କର ଭକ୍ତମାନଙ୍କୁ ସ୍ୱଦେହରେ ଦର୍ଶନ ଦେଉଥିଲେ। ଅନେକ ସାଧୁସନ୍ଥ ଏହି ସ୍ଥାନକୁ ଆସି ଭଗବାନଙ୍କୁ ଦର୍ଶନ କରିବା ସଙ୍ଗେ ସଙ୍ଗେ ଲୋକମାନଙ୍କୁ ଧର୍ମ ମାର୍ଗରେ ଚାଲିବାକୁ ଦିଗଦର୍ଶନ ଦେଉଥିଲେ। ତେଣୁ ପଣ୍ଡରପୁର ଭୂ-ବୈକୁଣ୍ଠ ନାମରେ ପରିଚିତ। ଏଠାରେ ଭଗବାନ ବିଷ୍ଣୁଙ୍କ ଉପସ୍ଥିତି ଭକ୍ତମାନେ ଅନୁଭବ କରନ୍ତି। ଭଗବାନ ସ୍ୱଦେହରେ ଭକ୍ତର ପରୀକ୍ଷା ନେବା ପାଇଁ ଏଠାକୁ ଆସିଥିଲେ। ଭକ୍ତ ପଣ୍ଡଳିକର ପିତୃମାତୃ ଭକ୍ତିରେ ପ୍ରସନ୍ନ ହୋଇ ଦୁଇହାତ ଅଣ୍ଟାରେ ଦେଇ ଏଠାରେ ଏକ ଇଟା ଉପରେ ଦଣ୍ଡାୟମାନ ହୋଇ ରହିଗଲେ। ଭକ୍ତ ପୁଣ୍ଡଳିକ ପାଇଁ ତାଙ୍କ ନାମ ପାଣ୍ଡୁରଙ୍ଗା ଓ ପୀଠର ନାମ ପଣ୍ଡରପୁର ହେଲା। ଗୁଡହାଣ୍ଡିରେ ପିମ୍ପୁଡ଼ି ଲାଗିଲା ପରି ପ୍ରତିଦିନ ହଜାର ହଜାର ଭକ୍ତ ପାଣ୍ଡୁରଙ୍ଗାଙ୍କୁ ଦର୍ଶନ କରିବା ପାଇଁ ଭାରତ ବର୍ଷର ବିଭିନ୍ନ କୋଣରୁ ପଣ୍ଡରପୁର ଯାତ୍ରା କରନ୍ତି। ଭଗବାନଙ୍କ ମୂର୍ତ୍ତିକୁ ବାହ୍ୟଦୃଷ୍ଟିରେ ଦର୍ଶନ କରିବା ଦ୍ୱାରା ସେ ପଥର ମୂର୍ତ୍ତିପରି ପ୍ରତୀୟମାନ ହୁଅନ୍ତି। କିନ୍ତୁ ଯିଏ ଅନ୍ତଦୃଷ୍ଟିରେ ଭକ୍ତିର ସହିତ ମୂର୍ତ୍ତି ମଧ୍ୟରେ ଈଶ୍ୱରଙ୍କୁ ଦର୍ଶନ କରନ୍ତି ସେ ପରମାନନ୍ଦ ପ୍ରାପ୍ତ ହୁଅନ୍ତି।

ଏମିତି ବହୁଭକ୍ତଙ୍କର ଅଭିଜ୍ଞତା ରହିଛି। ପୁରାଣ ଯୁଗରୁ ଆଜି ପର୍ଯ୍ୟନ୍ତ ଅନେକ ଭକ୍ତ ପଣ୍ଡରପୁର ଆସି ଭଗବାନ ବିଷ୍ଣୁଙ୍କର ଉପସ୍ଥିତି ଅନୁଭବ କରିଛନ୍ତି। ବିଭିନ୍ନ ରୂପରେ ସ୍ୱଦେହରେ



ଉପସ୍ଥିତ ରହି ଭଗବାନ ଭକ୍ତମାନଙ୍କୁ ସାହାଯ୍ୟ ସହାନୁଭୂତି ଓ ଆନନ୍ଦ ପ୍ରଦାନ କରିଛନ୍ତି। କେତେବେଳେ ଭକ୍ତମାନଙ୍କ ସହ କଥାବାର୍ତ୍ତା, କରିଛନ୍ତି, ଭୋଜନ କରିଛନ୍ତି ଓ କେତେବେଳେ ଛଦ୍ମବେଶରେ ଆସି ଭକ୍ତମାନଙ୍କୁ ସୁରକ୍ଷା ପ୍ରଦାନ କରିଛନ୍ତି। ଭଗବାନଙ୍କ ପଦରଜରେ ପଣ୍ଡରପୁର ଧନ୍ୟ ହୋଇଛି। ଜ୍ଞାନଦେବ, ନାମଦେବ, ତୁକାରାମ, ଏକନାଥ, ଜନାବାଇ, ସକୁବାଇ, ରାମଦାସ, ପୁରନ୍ଦର ଦାସ, ଜଗନ୍ନାଥ ଦାସ ଏବଂ ଆହୁରି ଅନେକ ସାଧୁସନ୍ଥ ପାଣ୍ଡୁରଙ୍ଗାଙ୍କୁ ଦର୍ଶନ କରି ମୋକ୍ଷପ୍ରାପ୍ତି ସହିତ ମାନବ ସମାଜକୁ ଉଦ୍ଧାର କରିଛନ୍ତି।

ମହାରାଷ୍ଟ୍ରର ସୋଲାପୁର ଜିଲ୍ଲାରେ ପଣ୍ଡରପୁର ଏକ ପବିତ୍ର ତୀର୍ଥସ୍ଥାନ। ଏହା ସୋଲାପୁର ଠାରୁ ୭୫ କି.ମି. ଦୂରରେ ଅବସ୍ଥିତ। ଭାରତର ବିଭିନ୍ନ ବଡ଼ ବଡ଼ ସହର ଯଥା ଶିରିଡ଼ି, ନାସିକ୍, ଅଉରଙ୍ଗାବାଦ, ସତାରା, ମରାଠାୱାଡ଼ା, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ଗୋଆ ଇତ୍ୟାଦି ସ୍ଥାନକୁର ବସ୍ ଯାତ୍ରାର ସୁବିଧା ଉପଲବ୍ଧ। ବମ୍ବେ, ଉସମାନାବାଦ, ବାଙ୍ଗାଲୋର, ସୋଲାପୁର ଓ ବରେଲୀ ଆଦି ସ୍ଥାନରୁ ଏଠାକୁ ରେଳ ଯୋଗାଯୋଗ ରହିଅଛି। ବିଶିଷ୍ଟ ପର୍ବପର୍ବାଣୀ ସୟରେ ସ୍ୱତନ୍ତ୍ର ରେଳର ବ୍ୟବସ୍ଥା କରାଯାଏ। ପାଖ ଗ୍ରାମ ମାନଙ୍କରୁ ଶହ ଶହ ଭକ୍ତ ବଳଦଗାଡ଼ିରେ ବିଠଲଙ୍କୁ ଦର୍ଶନ କରିବାକୁ ପଣ୍ଡରପୁର ଆସନ୍ତି। ଆମେ ପୁନାରୁ ଏକ କାର ଯୋଗେ ପଣ୍ଡରପୁର, ପରଲ୍ୟା ବୈଦନାଥ ଓ ତୁଲଜା ଭବାନୀଙ୍କୁ ଦର୍ଶନ କରିବାକୁ ଯାଇଥିଲୁ। ପଣ୍ଡରପୁରର ମଧ୍ୟଭାଗରେ ଭଗବାନ ବିଠଲଙ୍କ ମନ୍ଦିର ଅବସ୍ଥିତ। ପଣ୍ଡରପୁର ନିକଟରେ ଭୀମା ନଦୀ ଚନ୍ଦ୍ରାକାରରେ ବହି ଯାଉଥିବାରୁ ଏହି ନଦୀର ଅନ୍ୟନାମ ଚନ୍ଦ୍ରଭାଗା। ତୀର୍ଥଯାତ୍ରୀମାନେ ପବିତ୍ର ଚନ୍ଦ୍ରଭାଗାରେ ସ୍ନାନ କରି ପ୍ରଥମେ ପୁଣ୍ଡଳିକ ମନ୍ଦିର ଓ ତାପରେ ପଣ୍ଡରୀନାଥଙ୍କୁ ଦର୍ଶନ କରିବାକୁ ଯାଆନ୍ତି। ଭକ୍ତମାନେ ଧାଡ଼ିରେ ଯାଇ ପଣ୍ଡରୀନାଥଙ୍କ ପାଦ ସ୍ପର୍ଶ କରି ଦର୍ଶନ କରନ୍ତି। ଏହି ପ୍ରସିଦ୍ଧ ମନ୍ଦିରକୁ କେବେ କିଏ ନିର୍ମାଣ କରିଥିଲେ ଓ ବିଠଲ ମୂର୍ତ୍ତିଙ୍କୁ କିଏ ସ୍ଥାପନ କରିଥିଲେ ତାର କିଛି ଐତିହାସିକ ପ୍ରମାଣ ନାହିଁ। ପଲଟନ୍ ରାଜା ମାଲୋଜି ରାଓ ନିମ୍ବଲକର ଏହି ମନ୍ଦିରର ପୁନର୍ନିର୍ମାଣ କରିଥିଲେ ଏବଂ ବିଠଲଙ୍କ ମସ୍ତକ ଉପରେ ଏକ ଛତ୍ରୀ ନିର୍ମାଣ କରିଥିଲେ। ମନ୍ଦିର ବେଢ଼ାରେ ଗଣପତି, ଗରୁଡ଼, ସୂର୍ଯ୍ୟନାରାୟଣ, ହନୁମାନଙ୍କ ମନ୍ଦିର ଓ କାହ୍ନୋବା ହରି ଦାସଙ୍କ ସମାଧି ବିଦ୍ୟମାନ। ବେଢ଼ା ମଧ୍ୟରେ ମହାମଣ୍ଡପ, ସଭାମଣ୍ଡପ ଓ ଷୋଳ ସ୍ତମ୍ଭଯୁକ୍ତ ମଣ୍ଡପ ଅବସ୍ଥିତ। ସଭା ମଣ୍ଡପ ଦୁଇ ପାର୍ଶ୍ୱରେ ଜୟ ବିଜୟଙ୍କ ମୂର୍ତ୍ତି ଦଣ୍ଡାୟମାନ। ଷୋଳସ୍ତମ୍ଭ ମଣ୍ଡପର ବାମ ପାର୍ଶ୍ୱରେ ସୁନା ଓ ରୂପା ପାତିଆରେ ଛାଉଣି ହୋଇଥିବା ଏକ ସ୍ତମ୍ଭ ବିଦ୍ୟମାନ। ଭକ୍ତମାନେ ଏହାକୁ ଗରୁଡ଼ ସ୍ତମ୍ଭ ବୋଲି କହନ୍ତି। ଭକ୍ତ ପୁରନ୍ଦର ଦାସ ଏହି ସ୍ତମ୍ଭ ନିକଟରେ ଠିଆ ହୋଇ ଭଜନଗାନ କରୁଥିବାରୁ ଏହାକୁ ପୁରନ୍ଦର ଦାସ୍ ଖମ୍ବ ବୋଲି ମଧ୍ୟ କୁହାଯାଏ। ଏହି ଖମ୍ବକୁ କୁଣ୍ଢାଇ ଭକ୍ତମାନେ ଆନନ୍ଦ ଲାଭ କରନ୍ତି। ଏଠାକୁ ରୂପା ଦ୍ୱାର ଦେଇ ଚାରି ଖମ୍ବ ବିଶିଷ୍ଟ ଆଉ ଏକ ମଣ୍ଡପ ମଧ୍ୟକୁ ପ୍ରବେଶ କରିବାକୁ ପଡ଼େ। ଏହାର ଦୁଇପାର୍ଶ୍ୱରେ ଦୁଇଟି ପ୍ରସ୍ତର ନିର୍ମିତ ହାତୀ ବିରାଜମାନ। ଏହାକୁ ହସ୍ତୀଦ୍ୱାର କୁହାଯାଏ। ଭିଡ଼ ସମୟରେ ଏହି ଦ୍ୱାର ଦେଇ ଭଗବାନଙ୍କ ପୂଜା ସାମଗ୍ରୀ ଓ ନୈବେଦ୍ୟ ମନ୍ଦିର ଭିତରକୁ ନିଆଯାଏ। ଏହାପରେ ଗର୍ଭଗୃହ ଭିତରକୁ ଯିବାକୁ ପଡ଼େ। ଗର୍ଭଗୃହର ମଧ୍ୟଭାଗରେ ୩'୯''ର ଅତ୍ୟନ୍ତ ମନମୁଗ୍ଧକର ବିଠଲଙ୍କର ମୂର୍ତ୍ତି ବିରାଜମାନ। ପାଣ୍ଡୁରଙ୍ଗା ଏକ ଇଟା ଉପରେ ଅଣ୍ଟାରେ ଦୁଇ ହାତ ଦେଇ ଦଣ୍ଡାୟମାନ। ବିଠଲଙ୍କର ମସ୍ତକରେ ସୁନ୍ଦର ସୁନା ମୁକୁଟ ଶୋଭା ପାଉଛି। କର୍ଣ୍ଣରେ ମକର କୁଣ୍ଡଳ କାନ୍ଧ ପର୍ଯ୍ୟନ୍ତ ଲମ୍ବିଯାଇଛି। ଗଳାରେ କୌସ୍ତୁର ମଣି ଶୋଭିତ ହାର ଓ ଅଣ୍ଟାରେ ସୁଶୋଭିତ ପଟି ଲଗାଯାଇଛି। ବାମ ହସ୍ତରେ ଶଙ୍ଖ ଓ ଦକ୍ଷିଣ ହସ୍ତରେ ପଦ୍ମ ଧାରଣ କରିଛନ୍ତି। ବିଠଲଙ୍କ ମନ୍ଦିରରୁ



ବାହାରିବା ପରେ କିଛି ଦୂରରେ ମା'ରୁକ୍ମଣୀଙ୍କ ମନ୍ଦିର ଅବସ୍ଥିତ। ଏହା ମଧ୍ୟରେ ୪'୬'' ଉଚ୍ଚର ଏକ ମଣ୍ଡପ ଉପରେ ରୁକ୍ମଣୀ ଦେବୀ ଦଣ୍ଡାୟମାନ। ସତ୍ୟଭାମା ଓ ରାଧା ଦୁଇଟି ସ୍ୱତନ୍ତ୍ର ମନ୍ଦିରରେ ପୂଜା ପାଉଛନ୍ତି। ଏହାଛଡ଼ା କାଶୀ ବିଶ୍ୱନାଥ, ରାମଲକ୍ଷ୍ମଣସୀତା, ଭୈରବ, ରାମେଶ୍ୱର ମହାଦେବ, ଦତ୍ତାତ୍ରେୟ, ନରସିଂହ ଓ ମାରୁତି ଛୋଟ ଛୋଟ ମନ୍ଦିର ମାନଙ୍କରେ ବିରାଜମାନ। ପଣ୍ଡରପୁରରେ ଅନେକ ମନ୍ଦିର, ତୀର୍ଥସ୍ଥାନ ଓ ଘାଟମାନ ଅବସ୍ଥିତ। ଏହା ମଧ୍ୟରୁ ପୁଣ୍ଡଳିକ ମନ୍ଦିର, ପଦ୍ମାବତୀ ମନ୍ଦିର, ଡିଣ୍ଡିରି ଠାରେ ରୁକ୍ମଣୀ ମନ୍ଦିର, ବ୍ୟାସ ମନ୍ଦିର, କାଳ ଭୈରବୀ ଏବଂ ଶାକମ୍ଭରୀ ମନ୍ଦିର, ସନ୍ଥନାମ ଦେବ ମନ୍ଦିର ଓ ନାରଦ ମନ୍ଦିର ଅନ୍ୟତମ। ଚନ୍ଦ୍ରଭାଗା ସ୍ନାନ, ପବିତ୍ର ତୀର୍ଥ ଓ ମନ୍ଦିର ଦର୍ଶନ, ଶ୍ରୀ ପାଣ୍ଡୁରଙ୍ଗା ଦର୍ଶନ ଓ ହରି କୀର୍ତ୍ତନ ଏଠାରେ



ଭଗବାନଙ୍କୁ ଚତୁର୍ବିଧ ନୈବେଦ୍ୟ। ପ୍ରତିଦିନ ଭୋର ୪.୩୦ରେ ମନ୍ଦିର ଖୋଲାଯାଇ କାକଡ଼ ଆରତୀ କରାଯାଏ। ତାପର ଠାରୁ ବିଭିନ୍ନ ପୂଜା ଓ ନୈବେଦ୍ୟ ଅର୍ପଣ ସମୟରେ ପହଡ଼ ପଡିଲାପରେ ଭକ୍ତମାନଙ୍କୁ ଦର୍ଶନ ପାଇଁ ଛଡ଼ାଯାଏ। ଶେଷର ରାତି ୧୦.୩୦ରେ ପାଦ୍ୟପୂଜା ଓ ୧୧.୩୦ରେ ଶୟନ ଆରତୀ କରାଯାଏ। ବର୍ଷ ତମାମ ପ୍ରତି ମାସରେ ଭଗବାନଙ୍କର ବିଭିନ୍ନ ପର୍ବପର୍ବାଣୀ ପାଳିତ ହୁଏ। ଏଥିମଧ୍ୟରେ ଆଷାଢ଼ୀ ପର୍ବ ପ୍ରସିଦ୍ଧ। ଆଷାଢ଼ ମାସ ଶୁକ୍ଳ ଏକାଦଶୀ ଦିନ ବିଭିନ୍ନ ସ୍ଥାନରୁ ଠାକୁର ସୁସଜ୍ଜିତ ପାଲିଙ୍କି, ରଥ ଓ ଶଗଡ଼ିରେ ବିରାଟ ଶୋଭାଯାତ୍ରାରେ ପଣ୍ଡରପୁର ଯାତ୍ରା କରନ୍ତି। ଏଥିରେ ହଜାର ହଜାର ଭକ୍ତ ସାମିଲ ହୋଇ କୀର୍ତ୍ତନ କରି ଏଠାରେ ପହଞ୍ଚନ୍ତି। ଯେଉଁ ସ୍ଥାନ ଦେଇ ଶୋଭାଯାତ୍ରା ଆସେ ସେ ସ୍ଥାନର ଲୋକମାନେ ଠାକୁରଙ୍କୁ ପୂଜା କରନ୍ତି ଓ ଭକ୍ତମାନଙ୍କୁ ପ୍ରସାଦ ପ୍ରଦାନ କରି ସେମାନଙ୍କ ଯାତ୍ରାରେ ଯୋଗ ଦିଅନ୍ତି। ଏହି ସମୟରେ ମନ୍ଦିରରେ ପହଡ଼ ପଡ଼େ ନାହିଁ। ରାତି ତମାମ ଭକ୍ତମାନେ ଧାଡ଼ିରେ ଯାଇ ବିଠଲଙ୍କୁ ଦର୍ଶନ କରନ୍ତି। ବର୍ଷାଋତୁ ଆରମ୍ଭ ହେଉଥିବାରୁ ଅଦା, ଡାଲଚିନି, ପିପ୍ପଳି ଓ ତୁଳସୀ ପତ୍ର ପକାଇ ସ୍ୱତନ୍ତ୍ର ପାନୀୟ ଭଗବାନଙ୍କୁ ଅର୍ପଣ କରାଯାଏ। ଏହାଛଡ଼ା ବଳଭଦ୍ର ଜନ୍ମ, ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ନବରାତ୍ରୀ, ହୋଲି, କାର୍ତ୍ତିକମାସ ଶୁକ୍ଳ ଏକାଦଶୀ ଓ ଅନ୍ୟାନ୍ୟ ପର୍ବପର୍ବାଣୀ ମହାସମାରୋହରେ ପାଳନ କରାଯାଏ। ଭଗବାନ ଏଠାରେ ଭକ୍ତମାନଙ୍କ ସାଙ୍ଗରେ ଲୀଳାଖେଳା କରିବା ଗଳ୍ପପରି ଲାଗୁଥିଲେ ବି ସତ୍ୟ ବୋଲି କିମ୍ବଦନ୍ତୀରେ ବର୍ଣ୍ଣିତ। ଏହାର ଅନେକ ଉଦାହରଣ ଅଭଙ୍ଗ (ଲୀଳା କୀର୍ତ୍ତନ) ମାଧ୍ୟମରେ ଲୋକ ମୁଖରେ ବର୍ଣ୍ଣିତ। ମହାରାଷ୍ଟ୍ରର ପଣ୍ଡରପୁର ଠାରେ ପୁଣ୍ଡଳିକ ନାମରେ ଜଣେ ଅହଂକାରୀ ବ୍ୟବସାୟୀ ଯୁବକ ଥିଲେ। ସେ ନିଜର ପିତାମାତାଙ୍କୁ ହେୟଜ୍ଞାନ କରୁଥିଲେ। ଥରେ ତାଙ୍କର ପିତାମାତା ତୀର୍ଥ କରିବା ପାଇଁ ଗ୍ରାମବାସୀଙ୍କ ସାଙ୍ଗରେ ଚାଲି ଚାଲି ବନାରସ ଗଲେ। ବାଟରେ ଋଷି କୁକ୍କୁଟଙ୍କ ଆଶ୍ରମରେ ପହଞ୍ଚି ବିଶ୍ରାମ ନେଲେ। ସେଠାରେ ଋଷି କୁକ୍କୁଟ ତାଙ୍କର ପିତାମାତାଙ୍କର ମନପ୍ରାଣ ଦେଇ ସେବା କରିବା ଦେଖି ଆଶ୍ଚର୍ଯ୍ୟ ହେଲେ ଓ ପିତାମାତା ଯେ ପରମତୀର୍ଥ ହୃଦୟଙ୍ଗମ କରି ନିଜେ ପିତାମାତାଙ୍କୁ ସେବା ଯତ୍ନ କରିବା ପାଇଁ ପ୍ରତିଜ୍ଞାବଦ୍ଧ ହେଲେ। ସେହିଠାରୁ ଫେରିଯାଇ ପିତାମାତାଙ୍କୁ ସାଙ୍ଗରେ ଧରି କାଶୀଯାତ୍ରା କଲେ। ସେଠାରୁ ଫେରିବା ପରେ ପିତାମାତାଙ୍କ ସେବାରେ ମଗ୍ନ ରହିଲେ। ମନ୍ଦିରର ପୂଜକ ଦେବ ପୂଜା କଲାପରି ସେ ପିତାମାତାଙ୍କୁ ସେବା ଯତ୍ନ କଲେ। ସମସ୍ତ ନିତ୍ୟକର୍ମ ସମାପନ କରି ରାତିରେ ପାଦ ସେବା କରନ୍ତି ଓ ସେମାନେ ଶୋଇବା ପରେ ତାଙ୍କ ଚରଣ ଧୂଳି ମୁଣ୍ଡରେ ମାରି ଶୋଇବାକୁ ଯାଆନ୍ତି। ଦିନେ ପୁଣ୍ଡଳିକ ପିତାମାତାଙ୍କ ସେବାରେ ବ୍ୟସ୍ତ ଥିବାବେଳେ ସ୍ୱୟଂ ବିଷ୍ଣୁ ଦ୍ୱାର ଦେଶରେ ଉପସ୍ଥିତ ହୋଇ ପୁଣ୍ଡଳିକକୁ ପାଖକୁ ଡାକିଲେ। ପିତାମାତାଙ୍କ ସେବା ଅଧାରୁ ଛାଡ଼ି ଯାଇ ପାରିବେ ନାହିଁ ବୋଲି ପୁଣ୍ଡଳିକ କହିଲେ। ଭଗବାନ କହିଲେ, 'ମୁଁ ସ୍ୱୟଂ ବିଷ୍ଣୁ, ବୈକୁଣ୍ଠରୁ ଆସିଛି' ମୋର ପାଦସେବା କରି ବର ଲାଭ କର। କିନ୍ତୁ ପୁଣ୍ଡଳିକ ପିତାମାତାଙ୍କ ସେବା କରିବା ତାଙ୍କର ପ୍ରଥମ କର୍ତ୍ତବ୍ୟ କହି ପାଖରେ ଥିବା ଏକ ଇଟାଖଣ୍ଡକୁ ଠେଲି ଦେଇ ତା ଉପରେ ଅପେକ୍ଷା କରିବାକୁ କହିଲେ। ପୁଣ୍ଡଳିକଙ୍କ ପିତାମାତାଙ୍କ ପ୍ରତି ଭକ୍ତିଭାବ ଦେଖି ଭଗବାନ ଅତ୍ୟନ୍ତ ପ୍ରୀତ ହେଲେ ଓ ସେହି ସ୍ଥଳରେ ଇଟା ଉପରେ ଦଣ୍ଡାୟମାନ ହୋଇ ରହିଲେ। ଇଟା ଉପରେ ଠିଆ ହୋଇଥିବାରୁ ସେ ବିଠଲ ନାମରେ ପରିଚିତ ହେଲେ। ବୃଦ୍ଧାବସ୍ଥାରେ ପିତାମାତାଙ୍କ ସେବା ନକରି ଭଗବାନଙ୍କୁ ପୂଜା ଉପାସନା କଲେ କିଛି ଲାଭ ମିଳେନାହିଁ ବୋଲି ଜନ ସମାଜକୁ ଶିକ୍ଷା ଦେଲେ। ସେହିପରି ଭକ୍ତ ଜନାବାଈଙ୍କ ସାଙ୍ଗରେ ଚକିରେ ଗହମ ପେଶିବା, ନୀଚଜାତି ଭକ୍ତ ଚୋଖାମେଲା ଘରେ ଭୋଜନ କରିବା, ଶିବାଜୀଙ୍କ ଗୁରୁ ସମର୍ଥ ରାମଦାସଙ୍କୁ ତାଙ୍କର ଇଷ୍ଟ ଶ୍ରୀରାମ ରୂପରେ ଦର୍ଶନ ଦେବା, ସନ୍ଥ ଜ୍ଞାନଦେବ ଓ ନାମଦେବଙ୍କ ସହ କଥାବର୍ତ୍ତା କରିବା ଇତ୍ୟାଦି ଲୀଳାଖେଳାରେ ସେ ସ୍ୱଦେହରେ ମଜ୍ଜି ରହୁଥିଲେ। ବାସ୍ତବିକ ପଣ୍ଡରପୁର ଭଗବାନ ବିଷ୍ଣୁଙ୍କର ଏକ ଲୀଳାକ୍ଷେତ୍ର। ଏପରି ପବିତ୍ର କ୍ଷେତ୍ର, ଯାହାକି ଭୂ-ବୈକୁଣ୍ଠ ନାମରେ ବିଖ୍ୟାତ ଦର୍ଶନ କରି ନିଜକୁ ଭାଗ୍ୟବାନ ମନେ କରୁଛି। ଭଗବାନ ଯେ ସର୍ବ ବିଦ୍ୟମାନ, ସର୍ବଶକ୍ତିମାନ ଓ ସର୍ବଜ୍ଞ ଏହା ମନରେ ରଖି ମଣିଷ ତାର ଚରିତ୍ର ପରିବର୍ତ୍ତନ କରି ସତ୍‌ମାର୍ଗରେ ଚାଲିବା ଆବଶ୍ୟକ। 'ଜୟ ପାଣ୍ଡୁରଙ୍ଗା ଜୟ ବିଠଲା, ଜଗତ ଉଦ୍ଧାର ହରି ବିଠଲା।'

ପ୍ଲଟ ନଂ-୧୦୮୨/ଡି, ମର୍କତ ନଗର,
ସିଡିଏ, ସେକ୍ଟର-୬, କଟକ
ଦୂରଭାଷ : ୯୮୬୧୩୫୫୬୨୮







## ନୂଆଦିଲ୍ଲୀରେ ୧୫ତମ ଜାତୀୟ ଗୃହ ନିର୍ମାଣ ସମ୍ମିଳନୀ

# ଓଡ଼ିଶାରୁ ଯୋଗଦେଲେ ପବିତ୍ର ରାଉତରାୟ



**ଭୁବନେଶ୍ୱର:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ଆଗାମୀ ୨୦୨୨ସୁଦ୍ଧା ଦେଶର ସମସ୍ତଙ୍କ ପାଇଁ ଘର ଯୋଜନାକୁ ସଫଳ କରିବା ପାଇଁ ସରକାରୀ ଓ ଘରୋଇ ସହଭାଗିତାରେ ଏହାକୁ ପୂରଣ କରାଯିବ ବୋଲି ନୂଆଦିଲ୍ଲୀ ତାଜ୍ ପ୍ୟାଲେସ୍ ଠାରେ ଅନୁଷ୍ଠିତ ୧୫ତମ ଜାତୀୟ ଗୃହ ନିର୍ମାଣ ସମ୍ମିଳନୀରେ ଯୋଗଦେଇ ପ୍ରତିନିଧିମାନେ ମତ ରଖିଥିଲେ। କେନ୍ଦ୍ର ଗୃହ ନିର୍ମାଣ ମନ୍ତ୍ରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଟାଟା ହାଉସିଂ ସମେତ ଭାରତର ବଡ ବଡ ଗୃହ ନିର୍ମାଣକାରୀ ସଂସ୍ଥାର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏଥିରେ ଓଡ଼ିଶାରୁ ରେରାର ସଭାପତି ଏବଂ ବୃହତ ଗୃହ ନିର୍ମାଣ ସଂସ୍ଥା କ୍ରିଷ୍ଣା ଗ୍ରୁପ୍‌ର ଅଧ୍ୟକ୍ଷ ପବିତ୍ର ରାଉତରାୟ ଯୋଗଦେଇ କହିଥିଲେ ଯେ, ସମାଜର ତଳସ୍ତରରେ ରହୁଥିବା ବ୍ୟକ୍ତିଙ୍କ ଠାରୁ ଆରମ୍ଭ କରି ସର୍ବୋଚ୍ଚ ସ୍ତରରେ ରହୁଥିବା ବ୍ୟକ୍ତିଙ୍କ ପାଇଁ ଗୃହର ଆବଶ୍ୟକ ରହିଛି। ତେଣୁ ଭାରତରେ ଗୃହ ନିର୍ମାଣ ପାଇଁ କେନ୍ଦ୍ର ସରକାର ଭିତ୍ତିଭୂମି ଯୋଗାଇ ଦେଇପାରିଲେ ଏହି କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ପାରିବ। ସମ୍ମିଳନୀରେ ଏସ୍‌ବିଆଇ, ଏଚ୍‌ଡିଏଫ୍‌ସି, ହୁଡ୍‌କୋ ଏବଂ ଅନ୍ୟାନ୍ୟ ଜାତୀୟ ଓ ଘରୋଇ ବ୍ୟାଙ୍କର ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ନୂତନ ପୋଲିସ କମିଶନରଙ୍କ ଦାୟିତ୍ୱ ଗ୍ରହଣ



**ଭୁବନେଶ୍ୱର:** କଟକ-ଭୁବନେଶ୍ୱର ଦ୍ୱୈତ ନଗରୀ ପୋଲିସ୍ କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ୧୯୯୦ ବ୍ୟାଚ୍‌ର ଆଇପିଏସ୍ ଡ. ସୁଧାଂଶୁ ଷଡଙ୍ଗୀ। ପୂର୍ବରୁ ଷ୍ଟେଟ୍ କ୍ରାଇମ୍ ରେକର୍ଡ ବ୍ୟୁରୋର ନିର୍ଦ୍ଦେଶକ ଥିବା ଡକ୍ଟର ଷଡ଼ଙ୍ଗୀ ପୂର୍ବତନ ପୋଲିସ କମିଶନର୍ ସତ୍ୟଜିତ ମହାନ୍ତିଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ସେ ସାମ୍ବାଦିକ ମାନଙ୍କୁ କହିଛନ୍ତି ଯେ, ଅପରାଧ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେବେ। ଉଭୟ ସହରବାସୀଙ୍କୁ ସୁରକ୍ଷା ଯୋଗାଇ ଦିଆଯିବ। ଲୋକଙ୍କ ନିକଟରେ ଟେକ୍ନୋଲୋଜିର ସୁଫଳତା ପହଞ୍ଚାଇବା ସହ ସହରରେ ଟ୍ରାଫିକ୍ ନିୟନ୍ତ୍ରଣ କରିବା ତାଙ୍କ ପାଇଁ ଚ୍ୟାଲେଞ୍ଜ ହେବ ବୋଲି କହିଛନ୍ତି। ଜନସାଧାରଣଙ୍କ ନିକଟରେ ପୋଲିସ୍ ର ଆସ୍ଥାଭାଜନ ସୃଷ୍ଟି ପାଇଁ ଉଦ୍ୟମ କରିବେ। ମୁଖ୍ୟମନ୍ତ୍ରୀଙ୍କ ୫-ଟି ସୂତ୍ରକୁ କାର୍ଯ୍ୟକାରୀ କରିବାରେ ଯତ୍ନଶୀଳ ହେବେ। ଗୁଇନ୍ଦା ସଂସ୍ଥାକୁ ଅଧିକ ସୁଦୃଢ କରିବା ଉପରେ ପ୍ରାଧାନ୍ୟ ଦେବେ ବୋଲି ସେ କହିଛନ୍ତି। ଶ୍ରୀ ଷଡ଼ଙ୍ଗୀ ଆହୁରି କହିଛନ୍ତି ଯେ, ଅପରାଧି ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ପୋଲିସ ସଂକଳ୍ପବଦ୍ଧ। ସାମୁହିକ ଜୀବନକୁ ଶୃଙ୍ଖଳିତ ଓ ସରସ କରିବା ପାଇଁ ପୋଲିସର ଦାୟିତ୍ୱ। ଟେକନୋଲୋଜି କ୍ଷେତ୍ରରେ ଓଡ଼ିଶା ପୋଲିସ ଦେଶରେ ଅଗ୍ରଣୀ ରାଜ୍ୟ ହୋଇଛି।

# ---------------------------- ସାମ୍ନାସାମ୍ନି



ପରିବାର ସହ ଶିବରାମ

ପିଲାଟି ଦିନୁ ପଶୁ,ପକ୍ଷୀଙ୍କ ପ୍ରତି ନିଜର ଭଲପାଇବା ହିଁ ତାଙ୍କୁ ସମାଜସେବା ପାଇଁ ପ୍ରେରଣା ଦେଇଛି। ନିଃସ୍ୱାର୍ଥପର ଭାବରେ ମାନବସେବା କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିପାରିଛନ୍ତି **ଶିବରାମ ସାହୁ**। ପୀଡିତ ରୋଗୀମାନଙ୍କ ସେବା କରିବା ସହିତ ପ୍ରକୃତିର ସୁରକ୍ଷା ପାଇଁ ଅହରହ ନିଜର ଚେଷ୍ଟା ଜାରି ରଖିଛନ୍ତି। ନୀତି ଓ ଆଦର୍ଶକୁ ସମ୍ମାନ ଦେଉଥିବା ଶିବରାମ ନିଶା ବିରୋଧୀ ଆନ୍ଦୋଳନ ସହିତ ସମାଜ କଲ୍ୟାଣରେ ଏକ ପ୍ରମୁଖ ଭୂମିକା ନେଇଛନ୍ତି। ରେଢ଼ାଖୋଲର ଭୀମଭୋଇ କଲେଜରେ ପାଠ ପଢ଼ିବା ସମୟରୁ ସେ ସକ୍ରିୟ ରାଜନୀତିରେ ଅଂଶଗ୍ରହର କରି ସମ୍ପ୍ରତି ଭାରତୀୟ ଜନତା ପାର୍ଟିର ଜଣେ କର୍ମକର୍ତ୍ତା ଭାବେ ନିଜ ରାଜନୈତିକ ଜୀବନର ଆଦର୍ଶକୁ ପ୍ରତିପାଦିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ସ୍ଥାନୀୟ ଅଞ୍ଚଳରେ ବେଶ୍ ଜଣାଶୁଣା ଶିବରାମଙ୍କ ସହିତ ସହ ଏ ସପ୍ତାହର **ଅଳ୍ପ ଆଳାପ**।

***ପ୍ରସ୍ତୁତି: ସରୋଜ କୁମାର ସାହୁ***
*'ଏକମାତ୍ର'ର ରେଢ଼ାଖୋଲ ପ୍ରତିନିଧି*

**ସମାଜସେବା ପାଇଁ ରାଜନୀତିର ଆବଶ୍ୟକତା ରହିଛି ବୋଲି ଆପଣ ମନେ କରନ୍ତି କି?**

ରାଜନୀତି ହେଉଛି ସମାଜ ପାଇଁ ସର୍ବଶ୍ରେଷ୍ଠ ନୀତି। ପରୋପକାର ହିଁ ସର୍ବଶ୍ରେଷ୍ଠ ଧର୍ମ। ତେଣୁ ଉଭୟ କାର୍ଯ୍ୟର ଗୁରୁତ୍ୱ ରହିଛି।

**ବସ୍ତୁବାଦୀ ଦୁନିଆରେ ଅନେକ କାର୍ଯ୍ୟ ରହିଥିଲେ ବି ଆପଣ ସମାଜସେବା ପ୍ରତି ଆଗ୍ରହ ରଖିବାର କାରଣ କ'ଣ?**

'ମାନବ ସେବା ହିଁ ମାଧବ ସେବା'। ଏହି ମହତ୍ୱପୂର୍ଣ୍ଣ ଉକ୍ତିଟି ମୋତେ ସମାଜସେବା ପାଇଁ ଅନୁପ୍ରାଣୀତ କରିଛି। ତେଣୁ ମଣିଷ ମାନଙ୍କ ସେବା କରିବା ମୋ ପାଇଁ ମୂଲ୍ୟବାନ। ଏଥିସହ ପଶୁ,ପକ୍ଷୀଙ୍କ ସେବା ହିଁ ମୋର ଶ୍ରେଷ୍ଠ ସମ୍ପଦ।

**ଯାହା ଚର୍ଚ୍ଚାହୁଏ ଆପଣ ରେଢ଼ାଖୋଲ ହସ୍ପିଟାଲରେ କିମ୍ବା ନିକଟସ୍ଥ ଯେକୌଣସି ଡାକ୍ତରଖାନାରେ ରୋଗୀଟିଏ ଅସୁବିଧାରେ ପଡିଲେ ଆପଣଙ୍କୁ ଖୋଜାହୁଏ ଏହାର କାରଣ କ'ଣ?**

କାରଣ ଅତି ସରଳ। ଅସହାୟ ଓ ନିଷ୍ପେସିତଙ୍କ ସେବା କରିବା ସମସ୍ତଙ୍କ ଭାଗ୍ୟରେ ଜୁଟେନାହିଁ। ତେଣୁ ଏଭଳି ଏକ କାର୍ଯ୍ୟ କରିପାରୁଥିବାରୁ ମୁଁ ନିଜକୁ ଗର୍ବିତ ମନେକରେ। ଈଶ୍ୱରଙ୍କୁ ପ୍ରାର୍ଥନା କରେ କେହି ରୋଗ ଯନ୍ତ୍ରଣା ଭୋଗ ନକରନ୍ତୁ। ତେଣୁ ଅସହାୟମାନଙ୍କର ପରଲୋକ ଘଟିଲେ ସେମାନଙ୍କ ଶବ ସତ୍କାର କରିବା ସହିତ ସମାଜ ପ୍ରତି ମୋର ଯାହା କର୍ତ୍ତବ୍ୟ ରହିଛି ତାହା ସୂଚାରୁରୂପେ ସମ୍ପାଦନ କରିପାରିଲେ ମୋତେ ଶାନ୍ତି ମିଳେ। ତେଣୁ ଏଭଳି କାର୍ଯ୍ୟକୁ ତୁଲାଇବା ପାଇଁ ଈଶ୍ୱର ମୋତେ ଯେଉଁ ଶକ୍ତି ଦେଇଛନ୍ତି ସେଥିପାଇଁ ମୁଁ ତାଙ୍କ ନିକଟରେ କୃତଜ୍ଞ।

**ରେଢ଼ାଖୋଲ କୋର୍ଟରେ ଜଣେ ପାରାଲିଗାଲ ସ୍ୱେଚ୍ଛାସେବୀ ଭାବେ ଆପଣ ସ୍ୱୀକୃତି ପାଇଛନ୍ତି। ତେବେ ଏତେଗୁଡିଏ କାର୍ଯ୍ୟ ଭିତରେ ରାଜନୀତି ପାଇଁ ସମୟ ପାଆନ୍ତି କିଭଳି?**

କୋର୍ଟ କାର୍ଯ୍ୟ ମୋ ପାଇଁ ଯେତିକି ଗୁରୁତ୍ୱପୂର୍ଣ୍ଣ ରାଜନୀତି ଓ ସମାଜସେବା ମଧ୍ୟ ସମାନ ଉପଲବ୍ଧି ଦିଏ। ତେଣୁ କୋର୍ଟରେ ଯେତେବେଳେ ଯେଉଁ କାର୍ଯ୍ୟ ପାଇଁ ସୁଯୋଗ ମିଳେ ତାହା କରିବା ସହିତ ସରକାରଙ୍କ ମାଗଣା ଆଇନ ବ୍ୟବସ୍ଥା ବିଷୟରେ ସାଧାରଣ ଲୋକଙ୍କୁ ସଚେତନ କରିଥାଏ। ଏହାରି ଭିତରେ କିଛି କିଛି ରାଜନୈତିକ କାର୍ଯ୍ୟ ଓ ଜନସେବା ଅନ୍ତର୍ଭୁକ୍ତ।

**ପଶୁ,ପକ୍ଷୀଙ୍କ ପ୍ରତି ଆପଣଙ୍କ ଭଲ ପାଇବା ଏବଂ ତାଙ୍କ ସୁରକ୍ଷା ପାଇଁ ଯାହା କାର୍ଯ୍ୟ କରନ୍ତି ସେଥିପାଇଁ କିଛି ପାରିଶ୍ରମିକ ମିଳିଥାଏ କି?**





ନା, ବରଂ ନିଜ ଖର୍ଚ୍ଚରେ ବୃକ୍ଷ ରୋପଣ କରିବା ସହିତ ଜଙ୍ଗଲ ରକ୍ଷାର ବାର୍ତ୍ତା ସବୁଠି ପହଞ୍ଚାଏ। ରେଢ଼ାଖୋଲ ଅଞ୍ଚଳର ଉଜୁଡା ଜଙ୍ଗଲକୁ ସଜାଡିବା ପାଇଁ ଗାଁ ଗାଁ ବୁଲି ଲୋକମାନଙ୍କୁ ସଚେତନତାର ବାର୍ତ୍ତା ଦେବା ସହିତ ଅଧିକରୁ ଅଧିକ ବୃକ୍ଷ ରୋପଣ ପାଇଁ ସମସ୍ତଙ୍କୁ କହିଥାଏ। ବିଲୁପ୍ତ ହୋଇଯାଇଥିବା ପଶୁ,ପକ୍ଷୀଙ୍କ ସୁରକ୍ଷା ଦିଗରେ ଲୋକଙ୍କୁ ବୁଝାଇବା ସହିତ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି ଉପରେ ଅଧିକ ଧ୍ୟାନ ଦିଏ।

**ପାରିବାରିକ ଜଞ୍ଜାଳ ଆପଣଙ୍କ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରେ କି?**

ଆଦୌ ନୁହେଁ। ବରଂ ଆମ ପରିବାରର ସବୁ ସଦସ୍ୟ ମୋ କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଏଥିରେ ସହଯୋଗ କରିଥାନ୍ତି। ବାପା, ମା', ପତ୍ନୀ ଓ ମୋ ଦୁଇଝିଅ ଏଭଳି କାମ କରିବା ପାଇଁ ଅଧିକରୁ ଅଧିକ ପ୍ରୋତ୍ସାହନ ଦେବା ସହିତ ସହଯୋଗ ମଧ୍ୟ କରନ୍ତି। ଆଶା କରେ ମୋ ଦୁଇଝିଅ ଭବିଷ୍ୟତରେ ମୋ ଭଳି ସମାଜସେବୀ ହୁଅନ୍ତୁ।

**ରାଜନୀତିରେ ଆପଣଙ୍କର ଆଦର୍ଶ କିଏ?**

ମୋର ଅତିପ୍ରିୟ ନେତା ହେଉଛନ୍ତି ଭାରତରତ୍ନ ଅଟଳ ବିହାରୀ ବାଜପେୟୀ। ତାଙ୍କ ଅବର୍ତ୍ତମାନରେ ମୁଁ ତାଙ୍କୁ ହିଁ ଅନୁସରଣ କରି ବିଜେପି ପାଇଁ କାର୍ଯ୍ୟ କରୁଛି। ପ୍ରଧାନମନ୍ତ୍ରୀ ଥିବା ବେଳେ ସେ ଯେଭଳି ନିର୍ବିବାଦୀୟ ଥିଲେ କ୍ଷମତାରେ ନଥିଲା ବେଳେ ମଧ୍ୟ ସେଭଳି ରହିଥିଲେ। ତେଣୁ ତାଙ୍କ ପରି ଜଣେ ନେତା ଆଜିର ଦିନରେ ବିରଳ।

**ଭବିଷ୍ୟତରେ ଆପଣ ସ୍ଥାନୀୟ ଅଞ୍ଚଳର ବିଧାୟକ ହେବାକୁ ସ୍ୱପ୍ନ ଦେଖନ୍ତି କି?**

ସେଭଳି ସ୍ୱପ୍ନ ମୋର ନାହିଁ। ବିଧାୟକ, ମନ୍ତ୍ରୀ ହେଲେ ଯେ ସାଧାରଣ ଲୋକଙ୍କ ସେବା କରିହେବ ନଚେତ୍ ନାହିଁ ଏହା ମୁଁ ବିଶ୍ୱାସ କରେନି। କ୍ଷମତାରେ ନଥାଇ ଯଦି ଲୋକଙ୍କ କାର୍ଯ୍ୟ ଠିକ୍ ଭାବେ କରିହେଉଛି, ତେବେ କ୍ଷମତାର ଆବଶ୍ୟକତା କ'ଣ।

**ଆଜିର ଯୁବସମାଜ ବିପଥଗାମୀ ହେଉଥିଲା ବେଳେ ସେମାନଙ୍କ ପାଇଁ ଆପଣଙ୍କର ବାର୍ତ୍ତା କ'ଣ?**

ଗୋଟିଏ କଥା କହିବି ତାହା ହେଉଛି ଆଜିର ଦିନରେ ସବୁଠୁ ବଡ କଥା। ନିଶା ଓ ମାଦକ ଦ୍ରବ୍ୟଠାରୁ ଯୁବକମାନେ ଦୂରେଇ ରହିବା ଉଚିତ୍। ଏଥିସହିତ ପ୍ରାଣୀ ଜଗତ ପ୍ରତି ଦୟା ଏବଂ ପ୍ରକୃତିକୁ ବଞ୍ଚାଇ ରଖିବା ପାଇଁ ଗୋଟିଏ ଗୋଟିଏ ବୃକ୍ଷ ଲଗାଇବା ପାଇଁ ଅନୁରୋଧ।


ମାତ୍ର ୩୫,୦୦୦/- ଟଙ୍କା ବିନିଯୋଗ କରି ଘରେ ତିଆରି କରନ୍ତୁ Slipper Chapal
ଦୈନିକ ୫ଶହ ଟଙ୍କାରୁ ୨ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ।



Aditi Greens
Going green is our only choice...
CONTACT
Aditi Greens, Amrit Nagar, Dumduma (A), Khandagiri, Bhubaneswar, Odisha.
Cell-7735652665, 7008807228.

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455



30ft Internal Road
Mouza : Pandiapada
Contact Immediately :
8658607286 / 8917571455



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି